

ଓଡ଼ିଶାର ଏଲିନା
ଭାରତର ସର୍ବକନିଷ୍ଠ
ରେଟେଡ ଖେଳାଳି

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-69 ◆WEDNESDAY ◆2 SEPTEMBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୬୯ ◆ବୁଧବାର ◆୨ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# କର୍ମଚାରୀଙ୍କ ଧର୍ମଘଟ ଡାକରା; ୧୧ରୁ ୪ ଦିନ ବ୍ୟାଙ୍କ ବନ୍ଦ

■ ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ଚଳିତମାସ ୧୧ରୁ ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀମାନେ ଦେଶବ୍ୟାପୀ ଧର୍ମଘଟ କରିବାକୁ ଯାଉଛନ୍ତି। ଏଥିଯୋଗୁ କ୍ରମାଗତ ଭାବେ ୪ ଦିନ ସାରା ଦେଶରେ ବ୍ୟାଙ୍କ ବନ୍ଦ ରହିବ। ସେବା ପ୍ରଭାବିତ ହୋଇପାରେ। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫ୍‌ବିୟୁ) ବ୍ୟାଙ୍କ କର୍ମଚାରୀଙ୍କ କେତେକ ଦାବିକୁ ନେଇ ଏହି ଧର୍ମଘଟ ଡାକରା ଦେଇଛି। ବ୍ୟାଙ୍କ ୟୁନିଅନ୍ ଅନୁଯାୟୀ, ପ୍ରଥମ ଧର୍ମଘଟ ସେପ୍ଟେମ୍ବର ୧୧ରେ ଗୋଟିଏ ଦିନ ପାଇଁ ହେବ। ଏହା ପରେ କର୍ମଚାରୀମାନେ ସେପ୍ଟେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ ତିନି ଦିନିଆ ଧର୍ମଘଟ କରିବେ। ସେପ୍ଟେମ୍ବର ୧୧ ଶୁକ୍ରବାର ପଡୁଛି। ଏହାପରେ ମାସର ଦ୍ୱିତୀୟ ଶନିବାର ପଡୁଥିବାରୁ ସେହିଦିନ ଏବଂ



ରବିବାର ପାଇଁ ପରଦିନ ସାଧାରଣ ଭାବେ ବ୍ୟାଙ୍କ ଛୁଟି ରହିବ। ସୋମବାର ଅର୍ଥାତ୍ ସେପ୍ଟେମ୍ବର ୧୪ ଗଣେଷ ପୂଜା ପାଇଁ ବ୍ୟାଙ୍କ ଛୁଟି। ଏସବୁ ମିଶାଇଲେ ସେପ୍ଟେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ କ୍ରମାଗତ ୪ ଦିନ ବ୍ୟାଙ୍କ ବନ୍ଦ ରହିବ। ଅପରପକ୍ଷେ ବ୍ୟାଙ୍କ ୟୁନିଅନଗୁଡ଼ିକ ସେପ୍ଟେମ୍ବରରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଧର୍ମଘଟ ଘୋଷଣା କରିଛନ୍ତି। ବ୍ୟାଙ୍କ ୟୁନିଅନଗୁଡ଼ିକ ଦୀର୍ଘ ଦିନ ଧରି ପାଞ୍ଚ ଦିନିଆ କାର୍ଯ୍ୟଦିବସ ପାଇଁ ଦାବି କରିଆସୁଛନ୍ତି। ପ୍ରସ୍ତାବ ଅନୁଯାୟୀ, ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଦୈନିକ କାର୍ଯ୍ୟ ଘଣ୍ଟା ପ୍ରାୟ ୪୦ ମିନିଟ୍ ବୃଦ୍ଧି କରାଯିବ ଏବଂ ଶନିବାର ଦିନ ଛୁଟି ରହିବ। ବ୍ୟାଙ୍କ ୟୁନିଅନ୍ ଅନୁଯାୟୀ, ପ୍ରଥମ ଧର୍ମଘଟ ସେପ୍ଟେମ୍ବର ୧୧ରେ ▶ପୃଷ୍ଠା-୭

# ବଢ଼ିଲା ବାଣିଜ୍ୟିକ ସିଲିଣ୍ଡର, ସିଏନ୍‌ଜି, ଏଟିଏଫ୍ ମୂଲ୍ୟ

■ ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ନୂଆ ମାସ ସେପ୍ଟେମ୍ବରର ପ୍ରଥମ ଦିନରୁ ଗ୍ରାହକଙ୍କୁ ହୋଇଛି ମହଙ୍ଗା ମାଡ଼। ବଢ଼ିଛି ବାଣିଜ୍ୟିକ ସିଲିଣ୍ଡର ଦର। ୧୯ କିଲୋଗ୍ରାମ ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟରେ ସିଲିଣ୍ଡର ପିଛା ୯ ଟଙ୍କା ୫୦ ପଇସା ବୃଦ୍ଧି ଘଟିଛି। ଫଳରେ ସିଲିଣ୍ଡର ପିଛା ମୂଲ୍ୟ ୨୭୪୭.୫୦ ଟଙ୍କାରେ ପହଞ୍ଚିଛି। ଅନ୍ୟପକ୍ଷରେ, ଓଡ଼ିଶାରେ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟରେ ୧୧ ଟଙ୍କା ବୃଦ୍ଧି ହୋଇ ୨,୯୧୯ ଟଙ୍କା ରହିଛି। ସିଲିଣ୍ଡରର ଦର ବଢ଼ିବା ଫଳରେ ହୋଟେଲ, ରେଷ୍ଟୋରାଁ ଓ ଅନ୍ୟ ବ୍ୟବସାୟିକ ସଂସ୍ଥାଗୁଡ଼ିକ ମୂଲ୍ୟ ବୃଦ୍ଧି କରିପାରନ୍ତି। ଯାହାଫଳରେ ପୁଣି ଥରେ ମଧ୍ୟବିତ୍ତ ଶ୍ରେଣୀ ଲୋକଙ୍କ ଉପରେ ଏହାର ପ୍ରଭାବ




ପଡିପାରେ। ଏହାଛଡା ମାସରେ ପ୍ରଥମ ଦିନରେ ଲୋକଙ୍କୁ ଗ୍ୟାସ୍ ସିଲିଣ୍ଡର ବ୍ୟତୀତ କ୍ଷୀର, ସିଏନ୍‌ଜି ଓ ପିଏନ୍‌ଜି ଗ୍ୟାସ୍ କ୍ଷେତ୍ରରେ ଅଧିକ ଅର୍ଥ ବ୍ୟୟ କରିବାକୁ ପଡିବ। ମହାନଗର ଗ୍ୟାସ ଲିମିଟେଡ୍ (ଏମ୍‌ଜିଏଲ୍) ସିଏନ୍‌ଜି ମୂଲ୍ୟ ପ୍ରତି କିଲୋଗ୍ରାମ ୨ ଟଙ୍କା ବୃଦ୍ଧି ଘଟାଇଛି। ଏହି ବୃଦ୍ଧି ପରେ ମୁମ୍ବଇ ଏବଂ ଆଖପାଖ ଅଞ୍ଚଳରେ ସିଏନ୍‌ଜିର ନୂତନ ମୂଲ୍ୟ ପ୍ରତି କିଲୋଗ୍ରାମ ୧ ଟଙ୍କା ବୃଦ୍ଧି କରାଯାଇଛି। ପିଏନ୍‌ଜି ମୂଲ୍ୟ ମଧ୍ୟ ପ୍ରତି ମାନକ ଘନ ମିଟର ୧ ଟଙ୍କା ବୃଦ୍ଧି ହୋଇଛି। ଏହାଛଡା ଦୁଗ୍ଧ ଉତ୍ପାଦକ ସଂଘ ସେପ୍ଟେମ୍ବର ୧ରୁ ପ୍ରତି ଲିଟର ପାଇକାରୀ କ୍ଷୀର ମୂଲ୍ୟରେ ୯ ଟଙ୍କା ବୃଦ୍ଧି ଘୋଷଣା କରିବା ପରେ ମୁମ୍ବଇରେ କ୍ଷୀର ମହଙ୍ଗା। ▶ପୃଷ୍ଠା-୭

# ଉତ୍ତର ଓଡ଼ିଶାରେ ପୁଣି ବନ୍ୟା

## ଫୁଲିଲା ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା



■ ଭୁବନେଶ୍ୱର, ୧।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପଜନିତ ବର୍ଷା ପୁଣିଥରେ ଉତ୍ତର ଓଡ଼ିଶାରେ ସୃଷ୍ଟି କରିଛି ବନ୍ୟା ସ୍ଥିତି। ଓଡ଼ିଶା ସମେତ ଝାଡ଼ଖଣ୍ଡରେ ଭୀଷଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବୈତରଣୀ ଆଦିରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସୁବର୍ଣ୍ଣରେଖା ନଦୀ ରାଜଘାଟଠାରେ ବିପଦ ସଂକେତ ୧୦.୩୬ ମିଟର ରହିଥିବା ବେଳେ ନଦୀର ଜଳସ୍ତର ଏବେ ୧୦.୯ ମିଟର ଉପରେ ପ୍ରବାହିତ ହେଉଛି। ରାତି ୧୧ ଟା ସୁଦ୍ଧା ନଦୀର ଜଳସ୍ତର ୧୧.୧୭ ମିଟର ପହଞ୍ଚିବା ଆଶଙ୍କା କରାଯାଉଥିବାରୁ ଏହି ନଦୀକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ସେହିପରି ବୁଢ଼ାବଳଙ୍ଗ ନଦୀ ଏବେ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ନଦୀର ଜଳସ୍ତର ବଢୁଥିବା ହେତୁ ଏହା ବିପଦ ସଂକେତ ଟପିବ ବୋଲି ଆଶଙ୍କା ରହିଛି। ମଥାନୀଠାରେ ଜଳକା ନଦୀ ମଧ୍ୟ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଏହା ବ୍ୟତୀତ ବୈତରଣୀ ନଦୀ ଆଖୁଆପଦା ନିକଟରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଯାହାଫଳରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ▶ପୃଷ୍ଠା-୭

## କାନ୍ଥ ଭୁଶୁଡ଼ି ୨ ମହିଳା ମୃତ

■ ବାରିପଦା, ୧।୯ (ସମିସ): ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ପୃଥକ ସ୍ଥାନରେ ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଭୁଲାଣପୁର ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଏକ ଦୁଃଖଦ ଘଟଣା ଘଟିଛି। ମୃତ ମହିଳା ଉକ୍ତ ଗ୍ରାମର ଶୁକଲାଲା ସିଂଙ୍କ ପତ୍ନୀ ଲକ୍ଷ୍ମୀ (୫୨)। ସୋମବାର ରାତିତମାମ ପ୍ରବଳ ବର୍ଷା ହେଉଥିବାବେଳେ ବର୍ଷା ପାଣିରେ ଘର କାନ୍ଥ ବତୁରିଯାଇଥିଲା। ମଙ୍ଗଳବାର ସକାଳୁ ଘରୁ ଜିନିଷ କାଢୁଥିବାବେଳେ ହଠାତ୍ ଓଦା ମାଟି କାନ୍ଥ ତାଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ସେ କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ତିରିଂ ଥାନା ଅନ୍ତର୍ଗତ ମାତକମଡି ଗ୍ରାମରେ କାନ୍ଥ ଭୁଶୁଡ଼ି ଶୋଇଥିବା ଅବସ୍ଥାରେ ସିନଗୋ ମୁର୍ମୁ ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବାଙ୍ଗିରିପୋଷି ଓ ତିରିଂ ପୁଲିସ ପୃଥକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ନିଟ୍ ଆନ୍ଦୋଳନକାରୀଙ୍କ ବିରୋଧରେ ସବୁ ମାମଲା ରଦ୍ଦ

■ ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଆନ୍ଦୋଳନ ବେଳେ ଛାତ୍ରଛାତ୍ରୀଙ୍କ ବିରୋଧରେ ଦାଖଲ ହୋଇଥିବା ସମସ୍ତ ଏଫଆଇଆରକୁ ଆଜି ରଦ୍ଦ କରିଦେଇଛନ୍ତି ସୁପ୍ରିମ କୋର୍ଟ। ସମ୍ବିଧାନର ଧାରା ୧୪୨ରେ ମିଳିଥିବା ସ୍ୱତନ୍ତ୍ର କ୍ଷମତା ବଳରେ ସର୍ବୋଚ୍ଚ ଅଦାଲତ ଏହି ପଦକ୍ଷେପ ନେଇଛନ୍ତି। ଦିଲ୍ଲୀ ସମେତ ଦେଶସାରା ହୋଇଥିବା ଆନ୍ଦୋଳନ ବେଳେ ଯେତେସବୁ ପୁଲିସ ଏଫଆଇଆର ରୁଜୁ କରିଥିଲା, ସେମସ୍ତ ଏତଲାକୁ ରଦ୍ଦ କରିଦିଆଯାଇଛି। ସୁପ୍ରିମ କୋର୍ଟଙ୍କ ଏହି ପଦକ୍ଷେପକୁ କ।।କ୍ରୋଚ୍ ଜନତା ପାର୍ଟି (ସିଜେପି) ସ୍ୱାଗତ କରିବା ସହିତ ଆସନ୍ତା ୫ ତାରିଖରେ ଦିଲ୍ଲୀରେ ହେବାକୁ ଥିବା ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ବାତିଲ କରିଦେଇଛି।

**କ୍ଷତିପୂରଣ ପାଇଁ ତିନି ମାସର ସମୟ ନେଲେ କେନ୍ଦ୍ର ସରକାର**

**ସେପ୍ଟେମ୍ବର ୫ ଦିଲ୍ଲୀ ଶୋଭାଯାତ୍ରା ବାତିଲ କଲା କକ୍ରୋଚ ପାର୍ଟି**

ଗତ ଜୁଲାଇ ୨୦ରୁ ୨୬ ତାରିଖ ମଧ୍ୟରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ସେଥିରେ ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଥିଲା। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଘଟଣା ସହ ଜଡ଼ିତ ଅନ୍ୟ କୌଣସି ମାମଲା ଉପରେ କାର୍ଯ୍ୟାନୁଷ୍ଠାନ କିମ୍ବା ତଦନ୍ତ କରାଯିବ ନାହିଁ ଏବଂ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ବୋଲି ଧରାଯିବ। ଏଥିସହିତ, ଜୁଲାଇ ୨୦ରୁ ୨୬ ମଧ୍ୟରେ ଘଟିଥିବା ପ୍ରତିବାଦ ପାଇଁ କୌଣସି ବି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ନୂଆ ମାମଲା ରୁଜୁ କରିପାରିବେ ନାହିଁ ବୋଲି ମଧ୍ୟ କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି। ତେବେ, ଏହି ଆଦେଶରେ ଏକ ବ୍ୟତିକ୍ରମ ରଖାଯାଇଛି। କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୁଲିସକୁ କୋର୍ଟ ୨, ୮୭୩ ଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ନୂଆ ମାମଲା ରୁଜୁ କରିବା ପାଇଁ ସ୍ୱତନ୍ତ୍ର ଅନୁମତି ଦେଇଛନ୍ତି। କିନ୍ତୁ ସେହି ବ୍ୟକ୍ତି ମାନଙ୍କ ବିରୋଧରେ ଅପରାଧ ପ୍ରମାଣ ହେଲେ ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ ଶାନ୍ତିପୂର୍ଣ୍ଣ ପ୍ରତିବାଦରେ ସାମିଲ ହୋଇଥିବା ଯୁବ ଗୋଷ୍ଠୀଙ୍କ ସର୍ବୋତ୍ତମ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବଂ କେନ୍ଦ୍ର ▶ପୃଷ୍ଠା-୭

# ୫ଦିନିଆ ଦିଲ୍ଲୀ ଗସ୍ତରେ ନବୀନ



■ ଭୁବନେଶ୍ୱର, ୧।୯ (ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଙ୍ଗଳବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ବ୍ୟକ୍ତିଗତ କାର୍ଯ୍ୟରେ ସେ ଦିଲ୍ଲୀ ଗସ୍ତରେ ଯାଇଥିବା ସୂଚନା ମିଳିଛି। ଆସନ୍ତା ୬ ତାରିଖ ଦିନ ସେ ଓଡ଼ିଶା ଫେରିପାରନ୍ତି ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଏହି ଅବସରରେ ବିମାନବନ୍ଦରରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ରାଜ୍ୟସଭା ସାଂସଦ ଡ. ସନ୍ତୃପ୍ତ ମିଶ୍ର, ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସମୂହ ଛୁଟିରେ ଯୋଗାଣ ସହାୟକ

■ ଭୁବନେଶ୍ୱର, ୧।୯ (ସମିସ): ସମୂହ ଛୁଟିରେ ଯିବେ ଯୋଗାଣ ସହାୟକ। ସେପ୍ଟେମ୍ବର ୨ ଅର୍ଥାତ ବୁଧବାରଠାରୁ ରାଜ୍ୟର ୨୦ ଜିଲ୍ଲାର ଯୋଗାଣ ସହାୟକ ସମୂହ ଛୁଟିରେ ଯିବେ। ଫଳରେ ଏହି ଜିଲ୍ଲାଗୁଡ଼ିକରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଗୁରୁତର ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେମାନଙ୍କ ଦାବି ପୂରଣ ଦିଗରେ ସରକାର ଆବଶ୍ୟକୀୟ ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରି ରାଜ୍ୟ ଯୋଗାଣ ସହାୟକ ମହାସଂଘ ଏହି ନିଷ୍ପତ୍ତି ନେଇଛି। ମହାସଂଘ କହିଛି, ବୁଧବାରଠାରୁ ସମୂହ ଛୁଟିରେ ଯିବା ସହ ସେପ୍ଟେମ୍ବର ୭ ରୁ ଭୁବନେଶ୍ୱର ଲୋୟର ପିଏମଜିରେ ଅହୋରାତ୍ର ଧାରଣ ଦିଆଯିବ। ଏଥିରେ ୨୦ ଜିଲ୍ଲାର ଯୋଗାଣ ସହାୟକମାନେ ଯୋଗ ଦେବେ।

**ବନ୍ଦହେବ ପିଡିଏସ୍ ବଣ୍ଟନ**

ଗତ ୧୪ ବର୍ଷ ଧରି ରାଜ୍ୟର ପଞ୍ଚାୟତ ସ୍ତରରେ ଯୋଗାଣ ସହାୟକମାନେ ସରକାରୀ ଜନସେବାର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଷ୍ଠାର ସହିତ ସମ୍ପାଦନ କରିଆସୁଛନ୍ତି। ଏଥିରେ ପିଡିଏସ୍ ମାଧ୍ୟମରେ ରାସନ ସାମଗ୍ରୀ ବଣ୍ଟନ, ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ, ନିର୍ବାଚନୀ କାର୍ଯ୍ୟ, କୋଭିଡ୍-୧୯ ସମୟରେ ଜନସେବା ଏବଂ ବର୍ତ୍ତମାନ ଚାଲିଥିବା ଇ-କେୱାଇସି କାର୍ଯ୍ୟ ସାମିଲ ରହିଛି। ତେବେ ସଂଘର ଅଭିଯୋଗ ହେଉଛି, ଦୀର୍ଘ ୧୪ ବର୍ଷର ▶ପୃଷ୍ଠା-୭

# ଜେଲ୍‌ରୁ ବାହାରିଲେ ବିକ୍ରମ ପଣ୍ଡା

## ହଜାର ହଜାର ସମର୍ଥକଙ୍କ ସ୍ୱାଗତ; ଗଜପତିନଗର ପର୍ଯ୍ୟନ୍ତ ଜନସମୁଦ୍ର



■ ବ୍ରହ୍ମପୁର, ୧।୯ (ସମିସ): ଦୀର୍ଘ ପ୍ରତୀକ୍ଷାର ଅନ୍ତ। ଜେଲ୍‌ରୁ ମୁକୁଳି ନିଜ ମାଟିକୁ ଫେରିଲେ ବିଜୁ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା। ତାଙ୍କ ମୁକ୍ତିକୁ ନେଇ ବ୍ରହ୍ମପୁରରେ ଦେଖିବାକୁ ମିଳିଥିଲା ବିପୁଳ ଉତ୍ସାହ। ଜେଲ୍ ଫାଟକ ଠାରୁ ଗଜପତିନଗର ସ୍ଥିତ ବାସଭବନ ତଥା ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଜନସମାଗମ ଓ ସମର୍ଥକଙ୍କ ଉତ୍ସାହରେ ପରିବେଶ ଚଳଚଞ୍ଚଳ ହୋଇ ଉଠିଥିଲା। ହଜାର ହଜାର ବିଜେଡି କର୍ମୀ, ସମର୍ଥକ, ଯୁବାବର୍ଗ ଓ ଶତାଧିକ ଆଇନଜୀବୀ ବିକ୍ରମଙ୍କୁ ପାଛୋଟି ଆଣିଥିଲେ।

ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ୍ ମିଳିବା ପରେ ବ୍ରହ୍ମପୁର କୋର୍ଟରୁ ଆଜି ବିକ୍ରମ ମୁକୁଳିଥିଲେ। ସେ ଜେଲ୍‌ରୁ ବାହାରିବା କ୍ଷଣକୁ ଅପେକ୍ଷା କରି

**ମିଥ୍ୟା ମାମଲାରେ ଫସାଯାଇଥିଲା, ଧର୍ମର ହୋଇଛି ଜୟ: ବିକ୍ରମ**

ଫାଟକ ବାହାରେ ବହୁ ସଂଖ୍ୟାରେ ସମର୍ଥକ ଏକାଠି ହୋଇଥିଲେ। ବିକ୍ରମ ବାହାରକୁ ଆସିବା ମାତ୍ରେ ତାଙ୍କୁ ଫୁଲମାଳ ଓ ଉତ୍ସାହର ସହ ସ୍ୱାଗତ କରାଯାଇଥିଲା। ଦୀର୍ଘଦିନ ପରେ ନେତାଙ୍କୁ ନିଜ ମଧ୍ୟରେ ପାଇ ସମର୍ଥକଙ୍କ ମଧ୍ୟରେ ଉତ୍ସାହର ଲହରି ଖେଳିଯାଇଥିଲା। ବିକ୍ରମଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଗଜପତିନଗର ଅଭିମୁଖେ ବାହାରିଥିଲା। ସମଗ୍ର ଅଞ୍ଚଳ ଲୋକାରଣ୍ୟରେ ପରିଣତ ହୋଇଥିଲା। ଏତେ ବଡ଼ ଜନସମାଗମ ହୋଇଥିଲା ଯେ ଶୋଭାଯାତ୍ରାକୁ ମଧ୍ୟ ସ୍ଥଗିତ କରିବାକୁ ପଡ଼ିଥିଲା। ନିଜ ପ୍ରତି ସମର୍ଥକଙ୍କ ଏଭଳି ଭଲପାଇବା ଓ ଆସ୍ଥା ଦେଖି ବିକ୍ରମ ଭାବବିହ୍ୱଳ ହୋଇ ସମସ୍ତଙ୍କୁ ▶ପୃଷ୍ଠା-୭

# ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୧।୯ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ପ୍ରଥମ ବିଭାଗୀୟ ଜଳଶକ୍ତି ସମ୍ମିଳନୀରେ ତାଙ୍କର ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁଯାୟୀ ସେପ୍ଟେମ୍ବର ୧ ଓ ୨ରେ ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ଜଳ ସମ୍ପର୍କିତ ଚାରିଟି ପ୍ରମୁଖ ବିଷୟ ଉପରେ ଆଲୋଚନା ହେଉଛି। ଜଳ ଭିତ୍ତିଭୂମି ପ୍ରକଳ୍ପର ସମୟୋଚିତ କାର୍ଯ୍ୟାନ୍ୱୟନ, ଜଳ ସଞ୍ଚୟ ଜନ ଭାଗିଦାରୀ-କ୍ୟାଚ୍ ଦ ରେନ୍, ପାନୀୟଜଳ ଉତ୍ସର ସ୍ଥାୟୀତ୍ୱ ଏବଂ ଜଳ ଜୀବନ ମିଶନ୍-୨.୦ ଅଧୀନରେ ଗ୍ରାମୀଣ ପାନୀୟଜଳ ଯୋଗାଣ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଯିବ। ଏଥିସହ ପ୍ରକଳ୍ପ କାର୍ଯ୍ୟାନ୍ୱୟନ, ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ, ଜଳ ସଂରକ୍ଷଣ, ବର୍ଷାଜଳ ଅମଳ, ଭୂତଳ ଜଳର ପୁନଃଭରଣ, ଡିଜିଟାଲ୍ ମନିଟରିଂ, ଜଳ ସମ୍ପତ୍ତିର ପରିଚାଳନା ଏବଂ ଜଳ ପରିଚାଳନାରେ ସମ୍ପ୍ରଦାୟର ଭୂମିକା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବ। ସମ୍ମିଳନୀରେ ବୁଧବାର ▶ପୃଷ୍ଠା-୭

**ଓଡ଼ିଶା ଡିଜିପି ନିଯୁକ୍ତି ମାମଲା**

# ସୁପ୍ରିମକୋର୍ଟରେ ଶୁଣାଣି ଆଜି

■ ଭୁବନେଶ୍ୱର, ୧।୯ (ସମିସ): ଆସନ୍ତାକାଲି ସୁପ୍ରିମକୋର୍ଟରେ ହେବ ରାଜ୍ୟରେ ଡିଜି ମନୋନୟନ ମାମଲାର ଶୁଣାଣି। ଗତ କିଛି ସପ୍ତାହ ହେଲା ରାଜ୍ୟରେ ଡିଜିପି ପଦକୁ ନେଇ ଲାଗି ରହିଥିବା ବିବାଦ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ରାୟ ଅନେକ ଗୁରୁତ୍ୱ ବହନ କରୁଛି। ତେଣୁ ରାଜ୍ୟର ନଜର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ନିବଦ୍ଧ ହୋଇଛି। ଗତ ଅଗଷ୍ଟ ୧୬ ତାରିଖରେ ତତ୍କାଳୀନ ପୁଲିସ ଡିଜି ୱାଇ.ବି ଖୁରାନିଆ ଅବସର ନେଇଥିଲେ। ଏହା ପୂର୍ବରୁ ରାଜ୍ୟ ସରକାର କିଛି ବରିଷ୍ଠ ଆଇପିଏସ୍ ଅଫିସରଙ୍କ ନାମ ୟୁପିଏସ୍‌ସିକୁ ପଠାଇଥିଲେ। ୟୁପିଏସ୍‌ସି ଏମାନଙ୍କ ମଧ୍ୟରୁ ୩ଟି ନାମ ରାଜ୍ୟ ସରକାରଙ୍କ ପାଖକୁ ପଠାଇଥାନ୍ତା। ଏହି ୩ ଜଣଙ୍କ ମଧ୍ୟରୁ ଜଣେ ରାଜ୍ୟରେ ପରବର୍ତ୍ତୀ ପୁଲିସ ଡ଼ିଜି ହୋଇଥାଆନ୍ତେ। ମାତ୍ର ଏହା ପୂର୍ବରୁ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ୟୁପିଏସ୍‌ସି ଭବନରେ ଓଡ଼ିଶା ଡିଜି ମନୋନୟନ ନିମନ୍ତେ ଅନୁଷ୍ଠିତ ବୈଠକରେ ଉପୁଜିଥିବା ବିବାଦ ଏଥିରେ ବାଧକ



ହୋଇଥିଲା। ସୁପ୍ରିମ୍‌କୋର୍ଟରେ ବରିଷ୍ଠ ଆଇନଜୀବୀ ପି.ଚିଦାମ୍ବରମ୍ ଏକ ଜନସ୍ୱାର୍ଥ ମାମଲା ରୁଜୁ କରି ଓଡ଼ିଶା ସରକାର ଡିଜି ନିଯୁକ୍ତିରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରକାଶ ସିଂ ମାର୍ଗଦର୍ଶିକାକୁ ଉଲ୍ଲଂଘନ କରିଥିବା ଅଭିଯୋଗ କରିଥିଲେ। ଏହାପରେ ସୁପ୍ରିମ୍‌କୋର୍ଟ ପ୍ରକାଶ ସିଂ ମାମଲାର ଆମିକସ୍ କ୍ୟୁରୀ ରାଜୁ ରାମଚନ୍ଦ୍ରନ୍‌ଙ୍କ ମତାମତ ଲୋଡିଥିଲେ। ଶ୍ରୀ ରାମଚନ୍ଦ୍ରନ୍ ଓଡ଼ିଶାରେ ଡିଜି ମନୋନୟନରେ ପ୍ରକାଶ ସିଂ ଗାଇଡ୍‌ଲାଇନ୍‌ର ଉଲଘଂନ ହୋଇଥିବା ମତ ଦେଇଥିଲେ। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏଜି ପୀତାମ୍ବର ଆଚାର୍ଯ୍ୟ ରାଜ୍ୟ ସରକାର କୌଣସି ନିୟମ ଉଲଘଂନ କରି ନଥିବା ଯୁକ୍ତି ବାଢ଼ିଥିଲେ ହେଁ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ ଡିଜି ଚୟନ ପ୍ରକ୍ରିୟାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୧୬ରେ ପୂର୍ବତନ ଡିଜିଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ରାଜ୍ୟ ସରକାର ବିନୟତୋଷ ମିଶ୍ରଙ୍କୁ କାର୍ଯ୍ୟକାରୀ ଡିଜି ନିଯୁକ୍ତ କରିଛନ୍ତି।

# ଆୟ ବଢୁନି, କରଜ ହେଲାଣି ଦୁଇଗୁଣ

## ରାଜ୍ୟର ପ୍ରତି ଚାଷୀ ପରିବାର ଉପରେ ୩୨,୭୨୧ଟଙ୍କା ଋଣ

■ ଭୁବନେଶ୍ୱର, ୧।୯ (ସମିସ): ଓଡ଼ିଶାରେ ଡ଼ବଲ ଇଞ୍ଜିନ ସରକାର ଆସିଲେ ଚାଷୀଙ୍କ ଆୟ ଦୁଇଗୁଣ ହୋଇଯିବ। ଏପରି ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲା ବିଜେପି। ମାତ୍ର ଦୁଇ ବର୍ଷ ମଧ୍ୟରେ ଚାଷୀ କିପରି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତାହା ସମସ୍ତେ ଦେଖୁଛନ୍ତି। ପଞ୍ଜୀକରଣଠାରୁ ଆରମ୍ଭ କରି ଧାନ ବିକ୍ରି ପର୍ଯ୍ୟନ୍ତ ଚାଷୀ ଅକଥନୀୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ସମୟରେ କୃଷି ମନ୍ତ୍ରଣାଳୟ ପକ୍ଷରୁ ସଂସଦରେ ଉପସ୍ଥାପିତ ତଥ୍ୟ ରାଜ୍ୟରେ ଚାଷ ସମସ୍ୟା ଓ ଚାଷୀଙ୍କ ଦୁର୍ଦ୍ଦଶାକୁ ଉଜାଗର କରିଛି। ଓଡ଼ିଶାରେ ପ୍ରତି ଚାଷୀ ପରିବାର ପିଛା ବକେୟା ଋଣ ପରିମାଣ ୩୨୭୨୧ ଟଙ୍କା ବୋଲି କେନ୍ଦ୍ର ସରକାର ତଥ୍ୟ ରଖିଛନ୍ତି। ଏହା ଏନ୍‌ଏସ୍‌ଓର ୭୭ତମ ରାଉଣ୍ଡ ସିଚୁଏସନ ଆସେସମେଣ୍ଟ ସର୍ଭେ ଉପରେ ଆଧାରିତ ବୋଲି କୁହାଯାଉଛି। ତେବେ ବିଡ଼ମ୍ବନା ହେଉଛି ୨୦୨୬ରେ ପ୍ରତ୍ୟେକ ଚାଷୀଙ୍କ ପରିବାରର ହାରହାରି ଋଣ କେତେ ତାହାର ତଥ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ନାହିଁ।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଦେଶର ଚାଷୀମାନଙ୍କ ଉପରେ ମୋଟ ବକେୟା ଋଣ ପରିମାଣ ୩୧.୩୫ ଲକ୍ଷ କୋଟି। ଏହାମଧ୍ୟରୁ ଫସଲ ଋଣ ପରିମାଣ ୧୬.୩୪ ଲକ୍ଷ କୋଟି ଓ ଅବଧି ଋଣ ପରିମାଣ ୧୫ ଲକ୍ଷ କୋଟିରୁ ଅଧିକ। ଦେଶରେ ସକ୍ରିୟ ଥିବା ୭,୭୨ କୋଟି କିସାନ କ୍ରେଡ଼ିଟ୍ କାର୍ଡଗୁଡ଼ିକ ଉପରେ ବକେୟା ଋଣ ୧୦ ଲକ୍ଷ



କୋଟି ଅତିକ୍ରମ କରିଛି। ଓଡ଼ିଶାରେ ମଧ୍ୟ ସ୍ଥିତି ତଦନୁରୂପ। ରାଜ୍ୟ ସରକାର ଧାନ କ୍ରୟରେ ରେକର୍ଡ କରିଥିବା କୁହାଯାଉଛି। ଖରିଫ୍ ୨୦୨୫-୨୬ ମାର୍କେଟିଂ ସିଜନ୍‌ରେ ୭୭.୭୮ ଲକ୍ଷ ଟନ୍ ଧାନ କ୍ରୟ କରାଯାଇଛି ଓ ୧୩.୬୯ ଲକ୍ଷ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କା ପ୍ରଦାନ କରାଯାଉଛି। ଏପରିକି ଇନ୍‌ପୁଟ ସହାୟତା ବାବଦରେ ୩,୯୮୫.୬୩ କୋଟି ଟଙ୍କା ସରକାର ପ୍ରଦାନ କରିଥିବା ମଧ୍ୟ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବା ତ ଦୂରର କଥା, କରଜ ପରିମାଣ ବଢ଼ିବଢ଼ି ଚାଲିଛି। ଓଡ଼ିଶାରେ ଚାଷୀମାନେ ଚାଷ ପାଇଁ ବ୍ୟାଙ୍କ ଓ ସମବାୟ ସଂସ୍ଥାରୁ ଋଣ ନେଉଛନ୍ତି, ଋଣୀ ଚାଷୀଙ୍କ ସଂଖ୍ୟା ବଢୁଛି। ମାତ୍ର ଆୟ ବୃଦ୍ଧି ନ ହେବାରୁ ଚାଷୀମାନେ ଋଣ ପରିଶୋଧ କ୍ଷମତା ହରାଇଛନ୍ତି।

ଓଡ଼ିଶାରେ ଚାଷ ଖର୍ଚ୍ଚ ବୃଦ୍ଧି, ସାର-କୀଟନାଶକ ଦର, ଶ୍ରମିକ ମଜୁରି, ଅନିୟମିତ ବର୍ଷା, ବନ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଆୟକୁ ପ୍ରଭାବିତ କରିଥିବା ଅଭିଯୋଗ ହୋଇଛି।

## ରୁଷ ଆକ୍ରମଣ, ୟୁକ୍ରେନ୍‌ରେ ଭାରତୀୟଙ୍କ ସମେତ ୧୨ ମୃତ

କିଭ୍, ୨।୯ (ଏଜେନ୍ସି): ୟୁକ୍ରେନର ବିଭିନ୍ନ ସହର ଉପରେ ରୁଷ ପକ୍ଷରୁ ଡ୍ରୋନ ଏବଂ ବାଲିଷ୍ଟିକ ମିସାଇଲ ଦ୍ୱାରା ଆକ୍ରମଣ ହୋଇଛି। ଏଥିରେ ଜଣେ ଭାରତୀୟ ନାଗରିକଙ୍କ ସମେତ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ଆକ୍ରମଣରେ ଅନେକ ଆବାସିକ ଗୃହ ଏବଂ ସାଧାରଣ ନାଗରିକଙ୍କ ଭିତ୍ତିଭୂମି ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ରାଷ୍ଟ୍ରପତି ଜେଲେନସ୍କି ପ୍ରକାଶ କରିଛନ୍ତି ଯେ, ସୋମବାର ସନ୍ଧ୍ୟାଠାରୁ ରୁଷ ପକ୍ଷରୁ ଓଡେସା ସହର ଏବଂ ଏହାର ଆଖପାଖ ଅଞ୍ଚଳରେ କ୍ରମାଗତ ଆକ୍ରମଣ ଜାରି ରହିଛି। ଫଳରେ ହଜାର ହଜାର ପରିବାର ଅନ୍ଧାରରେ ରହିଛନ୍ତି। ରାଜଧାନୀ କିଭ୍‌ରେ ଆକ୍ରମଣ ଯୋଗୁଁ ୭ ଜଣ ପ୍ରାଣ ହରାଇଛନ୍ତି। ବୋରିସପିଲ ସହରରେ ଏକ ପାଞ୍ଚ ମହଲା କୋଠା କ୍ଷତିଗ୍ରସ୍ତ ହୋଇଛି। ସେଠାରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି।

## ଏକ୍ସପ୍ରେସୱେରେ ଦୁର୍ଘଟଣା: ୬ ଶ୍ରଦ୍ଧାଳୁ ମୃତ

ଫରିଦାବାଦ/ପଲୱଲ, ୨।୯ (ଏଜେନ୍ସି): ହରିୟାଣାର ପଲୱଲ ସ୍ଥିତ କୁଣ୍ଡଲି-ମାନେସର-ପାଲୱାଲ୍ ଏକ୍ସପ୍ରେସୱେରେ ପିକ୍‌ଅପ୍ ଗାଡ଼ି ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଛି। ଫଳରେ ୬ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ରହିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପିକ୍‌ଅପ୍ ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ରାଜସ୍ଥାନର ପ୍ରସିଦ୍ଧ ଖାଟୁ ଶ୍ୟାମ ମନ୍ଦିର ଏବଂ ଅନ୍ୟାନ୍ୟ ଧର୍ମପୀଠ ଦର୍ଶନ ସାରି ଉତ୍ତରପ୍ରଦେଶର ବୃନ୍ଦାବନ ଅଭିମୁଖେ ଫେରୁଥିଲେ। ପିକ୍‌ଅପ୍ ଗାଡ଼ିରେ ଥିବା ସମସ୍ତ ଶ୍ରଦ୍ଧାଳୁ ଉତ୍ତରପ୍ରଦେଶର ମୈନପୁରୀ ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି। ପିକ୍‌ଅପ ଗାଡ଼ି ଚାଳକ ଜଣକ ଘୁମେଇ ପଡ଼ିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଠିଆ ହୋଇଥିବା ଟ୍ରକ ସହ ପିଟି ହୋଇଯାଇଥିଲା। ଦୁର୍ଘଟଣା ପରେ ଚାଳକ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୁଲିସ ତାଙ୍କୁ ଖୋଜିବା ପାଇଁ ଉଦ୍ୟମ ଜାରି ରଖିଛି। ଦୁର୍ଘଟଣା ପରେ ସ୍ଥାନୀୟ ପ୍ରଶାସନ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।

## ଜିଡିପି ଅଭିବୃଦ୍ଧି କେବଳ ଏକ ପ୍ରଚାର: ଖଡ଼ଗେ

ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ଭାରତର ପ୍ରଥମ ତ୍ରୈମାସିକ ଜିଡିପି ଅଭିବୃଦ୍ଧି ହାର ୭.୮% ରହିଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକପ୍ରକାର ସଫଳତା ଭାବେ ଦର୍ଶାଇଛନ୍ତି। କିନ୍ତୁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏନେଇ ସୋମବାର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ସରକାରଙ୍କ ଏହି ପଦକ୍ଷେପକୁ ଅର୍ଥନୀତି କ୍ଷେତ୍ରରେ କେବଳ ପ୍ରଚାର ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ଖଡ଼ଗେ ଅଭିଯୋଗ କରିଛନ୍ତି ଯେ, ଜିଡିପିକୁ ଦେଖାଇ ସରକାର ଉତ୍ସବ ପାଳୁଛନ୍ତି। କିନ୍ତୁ ଦେଶର ସାଧାରଣ ଜନତା ବେକାରୀ, ମହଙ୍ଗା ମାଡ଼ ଏବଂ ଅସମାନତା ଭଳି ତିନୋଟି ଗୁରୁତର ସମସ୍ୟାର ସାମ୍ନା କରୁଛନ୍ତି। ସେ ଦର୍ଶାଇଛନ୍ତି ଯେ ଦେଶରେ ବେକାରୀ ହାର ୫୦ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଛି। ଏହାସହିତ ଖୁଚୁରା ମୁଦ୍ରାସ୍ଫୀତି ୧୯ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଫଳରେ ଦେଶରେ ଖାଦ୍ୟସାମଗ୍ରୀର ଦରଦାମ୍ ଅହେତୁକ ଭାବେ ବୃଦ୍ଧି ପାଇଛି। ଖଡ଼ଗେ କହିଛନ୍ତି ଯେ, ଦେଶର ମାତ୍ର ୧% ଧନୀ ଲୋକଙ୍କ ହାତରେ ଦେଶର ୪୦ ପ୍ରତିଶତ ସମ୍ପତ୍ତି ରହିଛି। ସେ ଏହାକୁ ବ୍ରିଟିଶ ଶାସନଠାରୁ ମଧ୍ୟ ଖରାପ ଆର୍ଥିକ ସ୍ଥିତି ବୋଲି କହିଛନ୍ତି। ଏହାସହ ସେ ଶାସକ ଦଳର ଆର୍ଥିକ ନୀତିକୁ ଅତି ସ୍ୱାର୍ଥାନ୍ୱେଷୀ ପୁଞ୍ଜିବାଦ ଭାବେ ବର୍ଣ୍ଣନା କରିଛନ୍ତି। ଅଭିବୃଦ୍ଧି ହେଉଥିବା ଦାବି କରି ନିଜେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସୁନା କିଣିବା ଓ ବିଦେଶ ଯାତ୍ରାରୁ କ୍ଷାନ୍ତ ରହିବାକୁ ଅନୁରୋଧ କରିବା ଦେଶର ବାସ୍ତବ ଆର୍ଥିକ ସ୍ଥିତିକୁ ପଦାରେ ପକାଇଥିବା ସେ କହିଛନ୍ତି।

## ମଣିପୁରରେ ପୁଣି ଉତ୍ତେଜନା; ଗୁଳିଫୁଟିବା ସହ ପୋଡ଼ିଲା ୩୦ଟି ଘର

ଇମ୍ଫାଲ, ୨।୯ (ଏଜେନ୍ସି): ମଣିପୁରର କାଙ୍ଗପୋକପି ଜିଲ୍ଲାରେ ପୁଣିଥରେ ହିଂସା ଜନିତ ସଂଘର୍ଷ ଘଟିଛି। ମଙ୍ଗଳବାର ଭୋର ପ୍ରାୟ ୪ଟାରେ ସଶସ୍ତ୍ର ଦୁର୍ବୃତ୍ତମାନେ ତିନୋଟି ଲିଆଙ୍ଗମାଇ ନାଗା ଗ୍ରାମ ଯଥା– ତାପନ ଖୁଲେନ, ତାପନ ଖୁନୌ ଏବଂ ମାକୁଇ ପିପୁରାମ ଉପରେ ଆକ୍ରମଣ କରିଥିଲେ। ଏହି ହିଂସାକାଣ୍ଡରେ ୩୦ଟି ଘର ପୋଡ଼ି ଦିଆଯାଇଛି ଏବଂ ଜଣେ ଗ୍ରାମବାସୀଙ୍କ ଦେହରେ ଗୁଳି ବାଜି ସେ ଆହତ ହୋଇଛନ୍ତି। ପୂର୍ବଦିନ ଏହି ଜିଲ୍ଲାରେ ତିନିଜଣ କୁକି ସମ୍ପ୍ରଦାୟର ନାଗରିକଙ୍କ ମୃତ୍ୟୁ ପରେ ଏହି ପ୍ରତିଶୋଧମୂଳକ ଆକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି। ଘଟଣା ପରେ ମଣିପୁର ପୁଲିସ ସମେତ ସିଆରପିଏଫ ଏବଂ ଏହାର କୋବ୍ରା ବାହିନୀ ମୁତୟନ ହୋଇଛନ୍ତି। ସୁରକ୍ଷା ବଳ ଓ ଦୁର୍ବୃତ୍ତଙ୍କ ମଧ୍ୟରେ ଗୁଳିବିନିମୟ ମଧ୍ୟାହ୍ନ ୧୨:୩୦ ପର୍ଯ୍ୟନ୍ତ ଜାରି ରହିଥିଲା। ସୂଚନାଯୋଗ୍ୟ, ମେ ୧୩ ତାରିଖରୁ ନାଗା ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଚାଲିଥିବା ସଂଘର୍ଷରେ ଏପର୍ଯ୍ୟନ୍ତ ୧୭ ଜଣଙ୍କର ମୃତ୍ୟୁ ଘଟିଲାଣି।

## ମଝି ଆକାଶରେ ଇଞ୍ଜିନ୍ ଫେଲ୍; ଗୋଆରେ ଇଣ୍ଡିଗୋ ବିମାନର ଜରୁରୀକାଳୀନ ଅବତରଣ

ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ଗୋଆରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋର ଏକ ବିମାନ ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଛି। ଏହାପରେ ଗୋଆ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି। ମଙ୍ଗଳବାର ସକାଳେ ବିମାନଟି ଗୋଆରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ମାତ୍ର କିଛି ସମୟ ପରେ ଏହାର ଏକ ଇଞ୍ଜିନ ଅଚଳ ହୋଇପଡ଼ିଥିଲା। ଫଳରେ ପାଇଲଟ୍ ତୁରନ୍ତ ବିମାନକୁ ସୁରକ୍ଷିତ ଭାବେ ପୁନର୍ବାର ଗୋଆକୁ ଫେରାଇ ଆଣିବାରୁ ଏକ ବଡ଼ ବିପଦ ଟଳିଯାଇଥିଲା। ଯାନ୍ତ୍ରିକ ତ୍ରୁଟି ସମ୍ପର୍କରେ ସୂଚନା ମିଳିବା ପରେ, ଏୟାର ଟ୍ରାଫିକ କଣ୍ଟ୍ରୋଲ ପକ୍ଷରୁ ବିମାନବନ୍ଦରରେ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଥିଲା। ବିମାନ ଚଳାଚଳ ଟ୍ରାକରର ତଥ୍ୟ ଅନୁଯାୟୀ, ବିମାନଟି ଦକ୍ଷିଣ ମହାରାଷ୍ଟ୍ରର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୧୪, ୦୦୦ ଫୁଟ ଉଚ୍ଚତାରେ ଉଡ଼ୁଥିବା ସମୟରେ ଏହି ତ୍ରୁଟି ଦେଖା ଦେଇଥିଲା। ପରେ ଏହାର ଗତିପଥ ବଦଳାଇ ସକାଳ ୯.୫୧ରେ ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା। ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ଓହ୍ଲାଇଛନ୍ତି। ବର୍ତ୍ତମାନ ବିମାନର ଯାନ୍ତ୍ରିକ ଯାଞ୍ଚ କରାଯାଉଛି। ସମସ୍ତ ଆବଶ୍ୟକୀୟ ଅନୁମତି ମିଳିବା ପରେ ଏହା ପୁଣି କାର୍ଯ୍ୟକ୍ଷମ ହେବ। ଅନ୍ୟପଟେ ଯାତ୍ରୀମାନଙ୍କ ଗନ୍ତବ୍ୟ ସ୍ଥଳ ଯାତ୍ରା ପାଇଁ ଏହି ବିମାନକୁ ଅପରାହ୍ଣ ୩.୩୦ ମିନିଟରେ ପୁନଃ ନିର୍ଦ୍ଧାରିତ କରାଯାଇଛି। ତେବେ ଇଞ୍ଜିନରେ କେଉଁ ପ୍ରକାରର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା, ସେ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ସୂଚନା ମିଳିପାରିନାହିଁ।



# ଭାରତ, ଚୀନ, ଆମେରିକାକୁ ଦାୟୀ କଲା ନେପାଳ



**ସହାୟତା ନୁହେଁ, ଜଳବାୟୁ କ୍ଷତିପୂରଣ ଦିଅ**

କାଠମାଣ୍ଡୁ, ୨।୯ (ଏଜେନ୍ସି): ନେପାଳରେ ଭୟଙ୍କର ଭୂସ୍ଖଳନ ଜନିତ ଆକସ୍ମିକ ବନ୍ୟାକୁ ନେପାଳ 'ହିମାଳୟ ସୁନାମି' କହିଛି। ଏଥିରେ ବ୍ୟାପକ ଧନଜୀବନ ହାନି ଘଟିଛି। ଏହି ପ୍ରଳୟରେ ୧, ୦୦୦ ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ପ୍ରାୟ ୪, ୦୦୦ ଲୋକ ଏବେ ବି ନିଖୋଜ ଅଛନ୍ତି। ଏହି ମହାବିପତ୍ତି ପରେ ନେପାଳ ନିଜର କୂଟନୈତିକ ଆଭିମୁଖ୍ୟରେ ବଡ଼ ପରିବର୍ତ୍ତନ ଆଣିଛି। ଦେଶଟି ବର୍ତ୍ତମାନ ଅନ୍ତର୍ଜାତୀୟ ମାନବିକ ସହାୟତା ପରିବର୍ତ୍ତେ ପ୍ରମୁଖ ପ୍ରଦୂଷଣକାରୀ ରାଷ୍ଟ୍ରମାନଙ୍କଠାରୁ ଜଳବାୟୁହାନି ଜନିତ କ୍ଷତିପୂରଣ ଦାବି କରିବା ଆରମ୍ଭ କରିଛି।

ଗତ ଅଗଷ୍ଟ ୨୬ରେ ନେପାଳ-ତିବ୍ବତ ସୀମାରେ ବରଫ ଓ ପଥର ସ୍ଖଳନ କାରଣରୁ ଭୋଟେକୋଶୀ ନଦୀରେ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହୋଇଥିଲା। ଏହା ଘରଦ୍ୱାର, ରାସ୍ତାଘାଟ, ପୋଲ ଏବଂ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି। ଏହି ବିପର୍ଯ୍ୟୟକୁ ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ 'ହିମାଳୟ ସୁନାମି' ବୋଲି ଅଭିହିତ କରିଛନ୍ତି। କାରଣ ଏହି ଦୁର୍ବିପାକରେ ବନ୍ୟା ଜଳର ବେଗ ଘଣ୍ଟା ପ୍ରତି ୧୮୦ କିଲୋମିଟର ଏବଂ ଢେଉର ଉଚ୍ଚତା ୨୦ ରୁ ୩୦ ମିଟର ରହିଥିଲା। ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ପ୍ରକାଶ କରିଛନ୍ତି ଯେ, ଗ୍ରୀନହାଉସ ଗ୍ୟାସ ନିର୍ଗମନରେ ନେପାଳର ଯୋଗଦାନ ନଗଣ୍ୟ। କିନ୍ତୁ ବିଶ୍ୱର ପ୍ରମୁଖ ଶିଳ୍ପପ୍ରଧାନ ରାଷ୍ଟ୍ର ଯଥା ଚୀନ୍, ଆମେରିକା ଏବଂ ଭାରତ ଭଳି ଦେଶଗୁଡ଼ିକର ଅଦୂରଦର୍ଶୀ କାର୍ଯ୍ୟ ପାଇଁ ନେପାଳକୁ ଚରମ ମୂଲ୍ୟ ଦେବାକୁ ପଡୁଛି। ଏହି ପ୍ରଦୂଷଣକାରୀ ଦେଶଗୁଡ଼ିକର ଏକ ନ୍ୟାୟିକ ଦାୟିତ୍ୱ ରହିଛି। ସେମାନେ ନେପାଳ ଭଳି ପ୍ରଭାବିତ ରାଷ୍ଟ୍ରକୁ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ଖାନାଲ କହିଛନ୍ତି। ନେପାଳ ସରକାର ଏହି ବିପର୍ଯ୍ୟୟରୁ ମୁକୁଳିବା ପାଇଁ ୫୦୦ କୋଟି ଡଲାରର ବ୍ୟୟ ଅଟକଳ କରିଛନ୍ତି। ଏହାସହ ମିଳିତ ଜାତିସଂଘର ଏକ ସ୍ୱତନ୍ତ୍ର ପାଣ୍ଠିରୁ ଜରୁରୀକାଳୀନ ଆର୍ଥିକ ସହାୟତା ଲୋଡ଼ିଛନ୍ତି। ହିମାଳୟର ଗ୍ଲାସିୟର ତରଳିଲେ ଗଙ୍ଗା ଓ ତ୍ରିଶୂଳୀ ନଦୀ ଉପରେ ନିର୍ଭର କରୁଥିବା ଦକ୍ଷିଣ ଏସିଆର ପ୍ରାୟ ୨୦୦ କୋଟି ଲୋକଙ୍କ ଜଳ ସୁରକ୍ଷା ସବୁଦିନ ପାଇଁ ବିପନ୍ନ ହେବ। ତେବେ ବର୍ତ୍ତମାନ ଭାରତ ଏବଂ ଚୀନର ବୈଷୟିକ ଦଳ ନେପାଳରେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଛନ୍ତି।

## ନେପାଳ ବନ୍ୟା ପ୍ରଳୟ; ମୃତ୍ୟୁ ସଂଖ୍ୟା ହଜାରେ ଟପିଲା

କାଠମାଣ୍ଡୁ, ୨।୯ (ଏଜେନ୍ସି): ନେପାଳରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ୧, ୦୦୩ ରେ ପହଞ୍ଚିଛି। ଭୋଟେକୋଶୀ ଏବଂ ଏହାର ଆଖପାଖ ଅଞ୍ଚଳରେ ହୋଇଥିବା ଏହି ପ୍ରଳୟଙ୍କରୀ ବିପର୍ଯ୍ୟୟ ପରେ ପ୍ରାୟ ଏକ ସପ୍ତାହ ଧରି ଉଦ୍ଧାର ଓ ସହାୟତା କାର୍ଯ୍ୟ ଜାରି ରହିଛି। ନେପାଳ ସରକାର ଜୀବନ ରକ୍ଷା କରିବା ଏବଂ ବନ୍ୟା ବିପନ୍ନଙ୍କୁ ସହାୟତା



ଯୋଗାଇବା ଉପରେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦେଉଛନ୍ତି ବୋଲି ଜାତୀୟ ସ୍ୱତନ୍ତ୍ର ପାର୍ଟି ନେତା ତଥା ସାଂସଦ ରହବର ଅନସାରୀ ମଙ୍ଗଳବାର ପ୍ରକାଶ କରିଛନ୍ତି। ସାଂସଦ ଅନସାରୀ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ଲୋକଙ୍କୁ ଉଦ୍ଧାର କରିବା, ସେମାନଙ୍କ ନିକଟରେ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ଏବଂ ପ୍ରାଣ ହରାଇଥିବା ଲୋକଙ୍କ ମୃତଦେହର ସଠିକ୍ ପରିଚାଳନା କରିବା ସବୁଠାରୁ ବଡ଼ ଆହ୍ୱାନ ଓ ପ୍ରାଥମିକତା ରହିଛି। ବିପର୍ଯ୍ୟୟ ପାଇଁ କିଏ ଦାୟୀ ବା କେଉଁଠି ତ୍ରୁଟି ରହିଲା ସେ ନେଇ ତଦନ୍ତ କରିବାର ଏହା ସଠିକ୍ ସମୟ ନୁହେଁ। ଏହି ମୁହୂର୍ତ୍ତରେ ଆମକୁ କେବଳ ଲୋକଙ୍କ ଜୀବନ ବଞ୍ଚାଇବା ଏବଂ ସୁରକ୍ଷିତ ଲୋକଙ୍କୁ ପର୍ଯ୍ୟାପ୍ତ ସହାୟତା ପ୍ରଦାନ କରିବା ଲକ୍ଷ୍ୟ ରହିଛି। ତେବେ ପରିସ୍ଥିତି ସ୍ୱାଭାବିକ ହେବା ପରେ ସରକାର ଏହି ବିପର୍ଯ୍ୟୟର ପ୍ରକୃତ କାରଣ ଖୋଜି ବାହାର କରିବେ। ଭବିଷ୍ୟତରେ ଏଭଳି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଅନସାରୀ ଆଶ୍ୱାସନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ।ଯେ, ଏହି ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ନେପାଳରେ ବ୍ୟାପକ ବିନାଶ ଘଟିଛି। ବର୍ତ୍ତମାନ ସୁଦ୍ଧା ହଜାର ହଜାର ଲୋକ ନିଖୋଜ ଅଛନ୍ତି ଏବଂ ଅନେକ ପରିବାର ନିଜର ପ୍ରିୟଜନଙ୍କୁ ହରାଇ ସର୍ବସ୍ୱାନ୍ତ ହୋଇଛନ୍ତି। ବନ୍ୟା ଯୋଗୁଁ ସ୍ଥାନୀୟ ବ୍ୟବସାୟୀ ଓ କୃଷକମାନେ ମଧ୍ୟ ପ୍ରବଳ ଆର୍ଥିକ କ୍ଷୟକ୍ଷତି ସହିଛନ୍ତି।

# ଆତଙ୍କବାଦକୁ ଅସ୍ତ୍ର କରାଯିବା ଉଚିତ ନୁହେଁ




ବିଶକେକ, ୨।୯ (ଏଜେନ୍ସି): କିର୍ଗିଜସ୍ତାନର ରାଜଧାନୀ ବିଶକେକଠାରେ ଆୟୋଜିତ ୨୬ତମ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତଙ୍କବାଦ ବିରୋଧରେ ଦୃଢ଼ ମତ ପ୍ରକାଶ କରିଛନ୍ତି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏବଂ ଅନ୍ୟ ଏସସିଓ ନେତାମାନଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ ଆତଙ୍କବାଦର ସମ୍ପୂର୍ଣ୍ଣ ନେଟୱର୍କକୁ ଧ୍ୱଂସ କରିବା ସହ ଏହି ପ୍ରସଙ୍ଗରେ ଦୋମୁହାଁ ନୀତି ପାଇଁ କୌଣସି ସ୍ଥାନ ରହିବା ଉଚିତ ନୁହେଁ। ଯେଉଁ ଦେଶଗୁଡ଼ିକ ଆତଙ୍କବାଦକୁ ସେମାନଙ୍କର ନୀତିଗତ ଆୟୁଧ ଭାବେ ବ୍ୟବହାର କରୁଛନ୍ତି ଏବଂ ଆତଙ୍କବାଦୀଙ୍କୁ ଆଶ୍ରୟ ଓ ସହଯୋଗ ପ୍ରଦାନ କରୁଛନ୍ତି, ସେମାନଙ୍କୁ ସ୍ପଷ୍ଟ ବାର୍ତ୍ତା ଦିଆଯିବା ଉଚିତ ଯେ ଆତଙ୍କବାଦ କାହାରି ପାଇଁ ମଧ୍ୟ ରଣନୈତିକ ସମ୍ପତ୍ତି ହୋଇପାରିବ ନାହିଁ। ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଶେହବାଜ ସରିଫଙ୍କ ବ୍ୟତୀତ ଚୀନ୍ ରାଷ୍ଟ୍ରପତି ଶି ଜିନପିଙ୍ଗ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ସୁରକ୍ଷା ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ପଶ୍ଚିମ ଏସିଆର ସଙ୍କଟ ଉଦାହରଣ ଦେଇ ସେ କହିଛନ୍ତି ଯେ ଗୋଟିଏ ଅଞ୍ଚଳର ବିବାଦର ପ୍ରଭାବ ସମଗ୍ର ବିଶ୍ୱର ଶକ୍ତି ସୁରକ୍ଷା, ସାମୁଦ୍ରିକ ବାଣିଜ୍ୟ ଏବଂ ଯୋଗାଣ ଶୃଙ୍ଖଳା ଉପରେ ପଡ଼ିଥାଏ। ଏହିପରି ସଂଘର୍ଷ ଯୋଗୁଁ ଗ୍ଲୋବାଲ ସାଉଥ୍‌ର ଦେଶଗୁଡ଼ିକ ସବୁଠାରୁ ଅଧିକ କ୍ଷତି ସହିଥାନ୍ତି। ତେଣୁ ଭାରତ କ୍ରମାଗତ ଭାବେ ଯୁଦ୍ଧକ୍ଷେତ୍ର ବଦଳରେ ଆଲୋଚନା ଓ କୂଟନୀତି ମାଧ୍ୟମରେ ସମସ୍ତ ଉତ୍ତେଜନା ଏବଂ ବିବାଦର ସମାଧାନ କରିବାକୁ ଆହ୍ୱାନ ଦେଇଆସିଛି।

ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ ମାଦକ ଦ୍ରବ୍ୟ ଚୋରା ଚାଲାଣକୁ ଯୁବପିଢ଼ି ଏବଂ ଆଞ୍ଚଳିକ ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ବୋଲି ଦର୍ଶାଇଛନ୍ତି। ଏହି ବିପଦର ମୁକାବିଲା ପାଇଁ ଏସସିଓ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗକୁ ଅଧିକ ଦୃଢ଼ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହାସହ ଯୋଗାଯୋଗ ବୃଦ୍ଧି ଉପରେ ପ୍ରଧାନମନ୍ତ୍ରୀ ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭାରତ ବଜାରଗୁଡ଼ିକୁ ଯୋଡ଼ିବା, ବାଣିଜ୍ୟକୁ ସହଜ କରିବା ଏବଂ ବିକାଶର ନୂତନ ପଥ ଉନ୍ମୁକ୍ତ କରିବା ପ୍ରୟାସକୁ ସମର୍ଥନ କରେ। କିନ୍ତୁ ଏହି ପ୍ରୟାସଗୁଡ଼ିକ ସମସ୍ତ ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ପ୍ରତି ସମ୍ମାନ ଜଣାଇବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଚୀନ୍ ରାଷ୍ଟ୍ରପତି ଶି ଜିନପିଙ୍ଗ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥାବାର୍ତ୍ତା ହେଉଥିବା ଦେଖାଯାଇଥିଲା। ପ୍ରଧାନମନ୍ତ୍ରୀ ଏବଂ ଶି ଜିନପିଙ୍ଗ ପରସ୍ପର ସହ ହାତ ମିଳାଇଥିଲେ ଏବଂ ସଂକ୍ଷିପ୍ତ ଆଲୋଚନା କରିଥିଲେ।

## ମମତାଙ୍କ ଭାଣିଜୀଙ୍କ ସନ୍ଦେହଜନକ ମୃତ୍ୟୁ

କୋଲକାତା, ୨।୯ (ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମ୍ପର୍କୀୟା ଭାଣିଜୀଙ୍କ ମୃତଦେହ ସନ୍ଦେହଜନକ ଭାବେ ବୀରଭୂମ ଜିଲ୍ଲାରେ ଥିବା ନିଜ ବାସଭବନରୁ ଉଦ୍ଧାର ହୋଇଛି। ମଙ୍ଗଳବାର ଅପରାହ୍ଣରେ ପୁଲିସ ତାଙ୍କ ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ



ଆରମ୍ଭ କରିଛି। ମୃତ ମହିଳାଙ୍କ ନାମ ବୃଷ୍ଟି ମୁଖାର୍ଜୀ ଘାଟକ (୨୮ ବର୍ଷ)। ବୀରଭୂମ ଜିଲ୍ଲାର ରାମପୁରହାଟ ସ୍ଥିତ ତାଙ୍କ ବାସଭବନର ଦ୍ୱିତୀୟ ମହଲାରେ ଥିବା ଏକ କୋଠରୀରୁ ତାଙ୍କର ମୃତଦେହ ଜବତ ହୋଇଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରାମପୁରହାଟ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ପରିବାର ସଦସ୍ୟଙ୍କ ଅନୁଯାୟୀ, ବୃଷ୍ଟି ଗତ କିଛି ବର୍ଷ ହେବ ମାନସିକ ଅବସାଦ ଦେଇ ଗତି କରୁଥିଲେ। ଏଥିପାଇଁ ତାଙ୍କର ଚିକିତ୍ସା ମଧ୍ୟ ଚାଲିଥିଲା। ତାଙ୍କର ବିବାହ ବିଚ୍ଛେଦ ପ୍ରକ୍ରିୟା ମଧ୍ୟ କୋର୍ଟରେ ଚାଲିଥିଲା। ବୃଷ୍ଟିଙ୍କ ନାମରେ ପୂର୍ବରୁ ସ୍କୁଲ ନିଯୁକ୍ତି ଦୁର୍ନୀତି ମାମଲାରେ ବେଆଇନ ଭାବେ ଶିକ୍ଷକ ଚାକିରି ହାସଲ କରିଥିବା ନେଇ ଅଭିଯୋଗ ହୋଇଥିଲା। ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ଅନିୟମିତତାକୁ ନେଇ ସୁପ୍ରିମକୋର୍ଟଙ୍କ ଏକ ନିର୍ଦ୍ଦେଶକ୍ରମେ ପରେ ସେ ନିଜ ଚାକିରି ହରାଇଥିଲେ। ଏହି ରହସ୍ୟଜନକ ମୃତ୍ୟୁ ଘଟଣାର କିଛି ଦିନ ପୂର୍ବରୁ ରବିବାର ତୃଣମୂଳ କଂଗ୍ରେସର ବରିଷ୍ଠ ନେତା ତଥା ପଶ୍ଚିମବଙ୍ଗ ବିଧାନସଭାର ପୂର୍ବତନ ଉପବାଚସ୍ପତି ଆଶିଷ ବାନାର୍ଜୀଙ୍କ ମୃତଦେହ ରାମପୁରହାଟର ଏକ ଦଳୀୟ କାର୍ଯ୍ୟାଳୟ ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା।



## ରାହୁଲଙ୍କ ଟାର୍ଗେଟରେ ନିର୍ବାଚନ କମିସନ

**"ଭୋଟ ଚୋରି କମିସନର ଗୋଟିଏ ଲକ୍ଷ୍ୟ: ବିଜେପିର ବିଜୟ ଓ ଗଣତନ୍ତ୍ରର ହତ୍ୟା"**

ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ମହାରାଷ୍ଟ୍ରର ଚିଠା ଭୋଟର ତାଲିକାରୁ ୨.୦୬ କୋଟିରୁ ଅଧିକ ଭୋଟରଙ୍କ ନାମ ବାଦ୍ ପଡ଼ିଛି। ଏହାପରେ କଂଗ୍ରେସ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଜେପି ଏବଂ ନିର୍ବାଚନ କମିଶନଙ୍କ ଉପରେ ବର୍ଷିଛନ୍ତି। ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆରେ) ପରେ ପ୍ରାୟ ୨,୦୬,୮୮,୪୮୭ ଜଣ ଭୋଟରଙ୍କ ନାମ ତାଲିକାରେ ସ୍ଥାନ ପାଇନାହିଁ। ଏହାକୁ ନେଇ ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କୁ ଭୋଟ୍ ଚୋରି କମିଶନ ବୋଲି ଆକ୍ଷେପ କରିଛନ୍ତି। ଗଣତନ୍ତ୍ରର ହତ୍ୟା କରି ଯେକୌଣସି ପରିସ୍ଥିତିରେ ବିଜେପିକୁ ଜିତାଇବା ଏହାର ଏକମାତ୍ର ଲକ୍ଷ୍ୟ ବୋଲି ଅଭିଯୋଗ କରିଛନ୍ତି। ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଭୋଟରଙ୍କ ବାସସ୍ଥାନ ପରିବର୍ତ୍ତନ, ମୃତ୍ୟୁ, ଦ୍ୱିତୀୟ ସ୍ଥାନରେ ପଞ୍ଜୀକରଣ କିମ୍ବା ଫର୍ମ ଦାଖଲ ନ କରିବା ଯୋଗୁଁ ଏହି ବ୍ୟାପକ ସଂଖ୍ୟକ ନାମ ବାଦ୍ ପଡ଼ିଛି। ପୂର୍ବରୁ ରାଜ୍ୟରେ ପ୍ରାୟ ୯.୭୮ କୋଟି ଭୋଟର ଥିବାବେଳେ ବର୍ତ୍ତମାନର ଚିଠା ତାଲିକାରେ ଏହା ୭.୭୧ କୋଟିକୁ ହ୍ରାସ ପାଇଛି। ପୁଣେ, ଥାଣେ ଏବଂ ମୁମ୍ବାଇ ସବଅର୍ବାନ ଜିଲ୍ଲାରୁ ସର୍ବାଧିକ ନାମ ବାଦ୍ ଦିଆଯାଇଛି। ରାହୁଲ ଗାନ୍ଧୀ ପୂର୍ବତନ ୨୦୨୪ ନିର୍ବାଚନ ତଥ୍ୟକୁ ଉଦ୍ଧାର କରି କହିଛନ୍ତି ଯେ ଲୋକସଭା ଓ ବିଧାନସଭା ମଧ୍ୟରେ ହଠାତ୍ ୩୯ ଲକ୍ଷ ନୂଆ ଭୋଟର ଯୋଡ଼ି ହେବା ମଧ୍ୟ ଭୋଟ୍ ଚୋରିର ଏକ ଅଂଶ ଥିଲା। ଏହି ଅବସରରେ ରାହୁଲ ଦିଲ୍ଲୀରେ ୩୩% ଭୋଟରଙ୍କ ନାମ ବାଦ ପଡ଼ିବା ଏବଂ ବଙ୍ଗଳାରେ ୯୧% ଭୋଟରଙ୍କ ନାମ ବାଦ ପଡ଼ିବା ପରେ ପୁନଃ ସ୍ଥାପିତ ହେବା ତଥ୍ୟ ପ୍ରକାଶ କରିଥିଲେ। ତେବେ ଏହି ଚିଠା ତାଲିକା ଚୂଡ଼ାନ୍ତ ନୁହେଁ। ଯେଉଁମାନଙ୍କ ନାମ ବାଦ୍ ପଡ଼ିଛି, ସେମାନେ ଅଗଷ୍ଟ ୩୧ ରୁ ସେପ୍ଟେମ୍ବର ୩୦ ମଧ୍ୟରେ ସଂଶୋଧନ ଓ ନାମ ସାମିଲ ପାଇଁ ଆବେଦନ କରିପାରିବେ। ଆସନ୍ତା ନଭେମ୍ବର ୪ ତାରିଖରେ ମହାରାଷ୍ଟ୍ରର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

## ଭାରତକୁ ଆଉ ୫ଟି ଏସ୍-୪୦୦ ମିସାଇଲ୍ ସିଷ୍ଟମ୍ ବିକ୍ରି ପାଇଁ ରୁଷର ପ୍ରସ୍ତାବ



ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ଭାରତୀୟ ବାୟୁସେନାର ଏକ ଟେଣ୍ଡର ଆଧାରରେ ରୁଷ ପକ୍ଷରୁ ଆଉ ୫ଟି ଦୀର୍ଘ ଦୂରଗାମୀ ସ୍ଥଳରୁ ଆକାଶମାର୍ଗକୁ ନିକ୍ଷେପ କରାଯାଉଥିବା ଏସ୍-୪୦୦ ଟ୍ରାୟମ୍ଫ କ୍ଷେପଣାସ୍ତ୍ର ପ୍ରଣାଳୀ ବିକ୍ରି କରିବାକୁ ପ୍ରସ୍ତାବ ଦିଆଯାଇଛି। କିର୍ଗିଜସ୍ତାନରେ ଅନୁଷ୍ଠିତ ଏସ୍‌ସିଓ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଦୁଇ ନେତା ପ୍ରତିରକ୍ଷା ଏବଂ ଶକ୍ତି କ୍ଷେତ୍ରରେ ସହଯୋଗର ସମୀକ୍ଷା କରିଥିଲେ। ଭାରତୀୟ ପ୍ରତିରକ୍ଷା ବାହିନୀରେ ଏହି କ୍ଷେପଣାସ୍ତ୍ର ପ୍ରଣାଳୀର ନାମ 'ସୁଦର୍ଶନ' ରଖାଯାଇଛି। ପାକିସ୍ତାନ ସହ ଗତବର୍ଷର ଅପରେସନ୍ ସିନ୍ଦୂର ସମୟରେ ଏହି ପ୍ରଣାଳୀ ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଥିଲା। ପଶ୍ଚିମ ବାୟୁସେନା କମାଣ୍ଡର ମୁଖ୍ୟ ଏୟାର ମାର୍ଶଲ ଜୀତେନ୍ଦ୍ର ମିଶ୍ରଙ୍କ ଅନୁଯାୟୀ, ଏହି ସିଷ୍ଟମ ୩୧୪ କିଲୋମିଟର ଦୂରତାରେ ପାକିସ୍ତାନର ଏକ ଗୁପ୍ତଚର ବିମାନକୁ ସଫଳତାର ସହ ଧ୍ୱଂସ କରି ଏକ ସର୍ବକାଳୀନ ଦୀର୍ଘତମ ରେକର୍ଡ ସୃଷ୍ଟି କରିଥିଲା। ଏହି ସିଷ୍ଟମ ୪୦୦ କିଲୋମିଟର ପର୍ଯ୍ୟନ୍ତ ବ୍ୟାପକ ପରିସରକୁ ସୁରକ୍ଷା ପ୍ରଦାନ କରିଥାଏ। ଶତ୍ରୁ ପକ୍ଷର ଆକ୍ରମଣକୁ ଆକାଶମାର୍ଗରେ ହିଁ ନଷ୍ଟ କରିବାର ସାମର୍ଥ୍ୟ ସହ ଶତ୍ରୁର ବିମାନକୁ ମଧ୍ୟ ନଷ୍ଟ କରିବାର ଶକ୍ତି ରଖିଥାଏ। ୨୦୧୮ ର ଚୁକ୍ତି ଅନୁଯାୟୀ ଭାରତକୁ ମୋଟ ୫ଟି ୟୁନିଟ୍ ମଧ୍ୟରୁ ୪ଟି ମିଳିସାରିଛି ଏବଂ ଅବଶିଷ୍ଟ ପଞ୍ଚମ ୟୁନିଟ୍ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ମିଳିବାର ସମ୍ଭାବନା ରହିଛି। ଅପରେସନ୍ ସିନ୍ଦୂର ସମୟରେ ଏହାର ପ୍ରଦର୍ଶନ ଦେଖିବା ପରେ ଭାରତ ସରକାର ଆଉ ୫ଟି ଅତିରିକ୍ତ ସ୍କ୍ୱାଡ୍ରନ କିଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ପ୍ରସ୍ତାବିତ ଚୁକ୍ତି ସ୍ୱାକ୍ଷର ହେବାର ପ୍ରାୟ ୩ ବର୍ଷ ପରେ ନୂଆ ୟୁନିଟ୍‌ଗୁଡ଼ିକର ଯୋଗାଣ ଆରମ୍ଭ ହେବ। ଏହି ଅତିରିକ୍ତ ୟୁନିଟ୍‌ଗୁଡ଼ିକୁ ଭାରତର ପୂର୍ବ ଏବଂ ପଶ୍ଚିମ ସୀମାରେ ମୁତୟନ କରାଯିବ, ଯାହା ଦ୍ୱାରା ଦେଶର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ।



## ରାହୁଲଙ୍କୁ ବିଜୟଙ୍କ ସମର୍ଥନ ଘୋଷଣା

ଚେନ୍ନଇ, ୨।୯ (ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ୨୦୨୯ ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ସମର୍ଥନ କରିଛନ୍ତି। କଂଗ୍ରେସ ବିଧାୟକ ଦଳ (ସିଏଲ୍‌ପି) ନେତ୍ରୀ ଥାରାହାଇ କୁଥବର୍ଟ ସୋମବାର ଏହି ସୂଚନା ଦେଇଛନ୍ତି। ଶାସକ ଦଳ ଟିଭିକେ ଏବଂ ସହଯୋଗୀ କଂଗ୍ରେସ ମଧ୍ୟରେ କୌଣସି ପ୍ରକାର ମତଭେଦ ଥିବା ଖବରକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି। କୁଥବର୍ଟଙ୍କ କହିବା ଅନୁଯାୟୀ, ବିଜୟଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରିବା କେବଳ ଦଳୀୟ କର୍ମୀଙ୍କ ଉତ୍ସାହର ପ୍ରତୀକ ଥିଲା। ଏହାପୂର୍ବରୁ ତାମିଲନାଡୁ ପର୍ଯ୍ୟଟନ ମନ୍ତ୍ରୀ ଏସ. ରାଜେଶ କୁମାର ଚେତାବନୀ ଦେଇଥିଲେ ଯେ ଯଦି ଟିଭିକେ ରାହୁଲ ଗାନ୍ଧୀଙ୍କୁ ସମର୍ଥନ ନ କରେ, ତେବେ ରାଜ୍ୟ କ୍ୟାବିନେଟରୁ କଂଗ୍ରେସ ମନ୍ତ୍ରୀମାନେ ଇସ୍ତଫା ଦେବେ। ଅନ୍ୟପଟେ, ଟିଭିକେ ପିଡବ୍ଲ୍ୟୁଡି ମନ୍ତ୍ରୀ ଆଧବ ଅର୍ଜୁନ ଦାବି କରିଥିଲେ ଯେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ତାମିଲନାଡୁର ଜଣେ ନେତାଙ୍କୁ ମିଳିବା ଉଚିତ। ସୂଚନାଯୋଗ୍ୟ, ୨୦୨୪ରେ ଗଠିତ ଟିଭିକେ ଦଳ ୨୦୨୬ ନିର୍ବାଚନରେ ୧୦୮ଟି ଆସନ ଜିତି କଂଗ୍ରେସ ସହଯୋଗରେ ସରକାର ଗଠନ କରିଛି।

# ପାଣି ଘେରରେ ମୟୂରଭଞ୍ଜର ୧୯ଟି ବ୍ଲକ୍



ବାରିପଦା, ୧।୯ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟାରେ ମୟୂରଭଞ୍ଜ ଜିଲ୍ଲାର ୧୯ଟି ବ୍ଲକ୍ ଏବଂ ବାରିପଦା ପୌରାଞ୍ଚଳ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ରିପୋର୍ଟ ଲେଖା ବେଳକୁ ବୁଢ଼ାବଳଙ୍ଗ ସମେତ ପ୍ରମୁଖ ନଦୀର ଜଳସ୍ତର ହ୍ରାସ ପାଉଥିବାବେଳେ ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ଚିନ୍ତା ବଢ଼ାଇଛି। ଜିଲ୍ଲାର ୧୯ଟି ବ୍ଲକ ପ୍ରଭାବିତ ହୋଇଥିବାବେଳେ କାନ୍ଥ ପଡ଼ି ଜିଲ୍ଲାର ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ବଡ଼ସାହି, ବେତନଟୀ, ସାରସକଣା ବ୍ଲକ୍ ଓ ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳରେ ୨ଟି ଓଡ୍ରାଫ୍ ଟିମ୍ ଓ ୧୩ଟି ଅଗ୍ନିଶମ ଟିମ୍ ମୁତୟନ ହୋଇ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର ଓ ରିଲିଫ୍ ସହାୟତା ଯୋଗାଇବାରେ ସକ୍ରିୟ ରହିଛନ୍ତି। ପ୍ରଭାବିତ ଲୋକଙ୍କ ପାଇଁ ଜିଲ୍ଲାରେ ୪୩ଟି ରିଲିଫ୍ କ୍ୟାମ୍ପ ଓ ୩୩ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇଛି। ସ୍ଥାନାନ୍ତରିତ ହୋଇଥିବା ପ୍ରାୟ ୫,୭୮୭ ଜଣ ଲୋକଙ୍କୁ ରନ୍ଧାଖାଦ୍ୟ ଓ ଆଶ୍ରୟ ପ୍ରଦାନ କରାଯାଉଛି। ଏଥିସହିତ ଆଜି ୭୦ଟି ପଲିଥିନ୍ ରୋଲ୍ ସମେତ ମୁଢ଼ି, ମିକ୍ସଚର, ବିସ୍କୁଟ୍ ଓ ବିଶୁଦ୍ଧ ପାନୀୟ ଜଳ ବୋତଲ ପ୍ରଭାବିତ ଲୋକଙ୍କୁ ବଣ୍ଟନ କରାଯାଇଛି। ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ୪ଟି ସ୍ୱତନ୍ତ୍ର ଡାକ୍ତରୀ ଦଳ ନିୟୋଜିତ କରାଯାଇଛି।

- ୪୩ଟି ଆଶ୍ରୟ ସ୍ଥଳକୁ ୫,୭୮୭ ଜଣ ସ୍ଥାନାନ୍ତରିତ
- ୩୩ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର
- ଜୋରଦାର ଚାଲିଛି ଉଦ୍ଧାର ଓ ରିଲିଫ କାର୍ଯ୍ୟ

ସେହିପରି ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ପାଇଁ ଗୋଟିଏ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଯାନ ମୁତୟନ ରହିଛି। ପ୍ରାଥମିକ ଆକଳନ ଅନୁଯାୟୀ ଜିଲ୍ଲାରେ ବ୍ୟାପକ ଘରଭଙ୍ଗା କ୍ଷୟକ୍ଷତି ହୋଇଛି। ୨ଟି ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାବେଳେ ୫ଟି ଗୁରୁତର ଭାବେ କ୍ଷତିଗ୍ରସ୍ତ, ୪୪୧ଟି ଆଂଶିକ କ୍ଷତିଗ୍ରସ୍ତ, ୩ଟି କୁଡ଼ିଆ ଘର ଓ ୧୨ଟି ଗୁହାଳ ଘର ନଷ୍ଟ ହୋଇଛି। ଓଡ଼ିଶା ରେନଫଲ୍ ମନିଟରିଂ ସିଷ୍ଟମର ତଥ୍ୟ ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ବାଙ୍ଗିରିପୋଷି ବ୍ଲକରେ ସର୍ବାଧିକ ୩୦୯.୨ ମିମି ବର୍ଷା ହୋଇଥିବାବେଳେ, ସାରସକଣାରେ ୨୯୭ ମିମି, ବିଶୋଇରେ ୧୯୭ ମିମି, ରାଇରଙ୍ଗପୁରରେ ୧୬୩ ମିମି, ବିଜାତଳାରେ ୧୪୦ ମିମି, ବହଳଦାରେ ୧୨୫ ମିମି, ଜାମଦାରେ ୧୧୩ ମିମି ଓ କୁସୁମୀରେ ୧୦୪ ମିମି ରେକର୍ଡ ହୋଇଛି। ଶିମିଳିପାଳ ଜାତୀୟ ଅଭୟାରଣ୍ୟର ବଡ଼ଗାଁରେ ସର୍ବାଧିକ ୧୭୨.୭୨ ମିମି, କାବାଟଘାଇରେ ୧୩୮.୯୩ ମିମି, ବରେହିପାଣିରେ ୧୩୭.୪୧ ମିମି, ପିଠାବଟାରେ ୧୨୯.୩୮ ମିମି, ଚହଲାରେ ୧୦୨.୬ ମିମି ଓ ନଓଣାରେ ୯୯.୮ ମିମି ବର୍ଷା ରେକର୍ଡ କରାଯାଇଥିବା ସୂଚନା ମିଳିଛି। ଏଥିପାଇଁ ଜିଲ୍ଲାର ବୁଢାବଳଙ୍ଗ, କାତରା, ଜମ୍ବୀରା ନଦୀରେ ବନ୍ୟା ବ୍ୟାପକ କ୍ଷତି କରିଛି। ବୁଢାବଳଙ୍ଗ ବନ୍ୟାଜଳ ଯୋଗୁଁ ବଡ଼ସାହି-ବେତନଟୀ, ମାଣତ୍ରୀ-ବେତନଟୀ ଓ ମାଣତ୍ରୀ-ବୈଶିଙ୍ଗା ରାସ୍ତା ବିଚ୍ଛିନ୍ନ ହୋଇଛି। ବାରିପଦା ସହରର ୭, ୮ ଓ ୯ ନମ୍ବର ୱାର୍ଡରେ ଶହ ଶହ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ରାସଗୋବିନ୍ଦପୁର ଓ ସାରସକଣା ଅଞ୍ଚଳରେ ବନ୍ୟା ଆଶଙ୍କା ଘନିଭୂତ ହୋଇଛି। ବୁଢ଼ାବଳଙ୍ଗ ନଦୀର ଜଳସ୍ତର ସକାଳେ ସାମାନ୍ୟ କମିଥିଲେ ମଧ୍ୟ ହଳଦିଆ ଡ୍ୟାମର ୩ଟି ଗେଟ୍ ଖୋଲାଯାଇ ୮୦୦ରୁ ୧,୦୦୦ ହେକ୍ଟରମିଟର ଜଳ ନିଷ୍କାସନ କରାଯାଉଛି। ଫଳରେ ତଳିଆ ଅଞ୍ଚଳରେ ଜଳସ୍ତର ଅତି କମ ମାତ୍ରାରେ କମୁଛି।"ବନ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ବଡ଼ସାହି, ବେତନଟୀ, ବାଙ୍ଗିରିପୋଷି, କୁଳିଅଣା, ବିଶୋଇ ସମେତ ବାମନଘାଟି ଉପଖଣ୍ଡର କେତେକ ବିଦ୍ୟାଳୟରେ ଛୁଟି ଘୋଷଣା କରାଯାଇଛି। ଜରୁରିକାଳୀନ ସ୍ଥିତି ପାଇଁ ଶିକ୍ଷକମାନଙ୍କୁ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନ ପକ୍ଷରୁ ନଦୀକୂଳିଆ ଏବଂ ତଳିଆ ଅଞ୍ଚଳର ବାସିନ୍ଦାଙ୍କୁ ତୁରନ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ଆସି ରହିବାକୁ କୁହାଯିବା ସହ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ୮ ରେ ମୁଖ୍ୟମନ୍ତ୍ରୀଙ୍କ ଦୁବାଇ ଗସ୍ତ

ଭୁବନେଶ୍ୱର,୧।୯ (ସମିସ): ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ୟୁଏଇ(ୟୁନାଇଟେଡ ଆରବ ଏମିରେଟ୍ସ) ଗସ୍ତରେ ଯିବେ। ଦୁବାଇରେ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ନିବେଶକଙ୍କ ସହ ରାଉଣ୍ଡ ଟେବୁଲ ବୈଠକ, ରୋଡ ଶୋ ସହ ପ୍ରବାସୀ ଓଡ଼ିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ । ଶିଳ୍ପମନ୍ତ୍ରୀଙ୍କ ସୂଚନା ଅନୁସାରେ ଅନୁଯାୟୀ ନିକଟରେ ଅତୀତରେ ରାଜ୍ୟକୁ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି। ନୀତି ଆୟୋଗଙ୍କ ସଦ୍ୟତମ ପ୍ରକାଶିତ ରିପୋର୍ଟ ଅନୁଯାୟୀ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ଶ୍ରେଷ୍ଠ ୫ଟି ରାଜ୍ୟରେ ରହିଛି। ସେହିପରି ସିଏମଆଇଇ ରିପୋର୍ଟ ଅନୁଯାୟୀ ଓଡ଼ିଶା ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଅଛି। ଓଡ଼ିଶା ସରକାରଙ୍କ ନିରନ୍ତର ପ୍ରୟାସ ଏବଂ ଓଡ଼ିଶାର ଟିମ ନିବେଶକଙ୍କୁ ଭେଟି ଓଡ଼ିଶାରେ ନିବେଶ ପାଇଁ ଆକର୍ଷିତ କରିବା କାରଣରୁ ଏସବୁ ସମ୍ଭବ ହୋଇପାରିଛି। ଗତ କିଛିଦିନ ତଳେ ୧୧.୫ ବିଲିୟନ ଡଲାରର ନିବେଶ ପ୍ରସ୍ତାବ ଓଡ଼ିଶା ପାଇବାରେ ସକ୍ଷମ ହୋଇଥିଲା। ୟୁଏଇ ଗସ୍ତରେ ଅଧିକରୁ ଅଧିକ ଏଫଡିଆଇ ଆଣିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି।

**ନିବେଶକ ସମ୍ମିଳନୀରେ ଯୋଗଦେବେ**

ଦୁବାଇ ଗସ୍ତ ଅବସରରେ ସେ ଧାତବ, ପେଟ୍ରୋରସାୟନ, ଖାଦ୍ୟ ପ୍ରକ୍ରିୟାକରଣ, ସବୁଜ ଶକ୍ତି, ଗ୍ରୀନ ହାଇଡ୍ରୋଜେନ ଓ ଗ୍ରୀନ ଆମୋନିଆ, ବୟନ, ପୋଷାକ, ସେମିକଣ୍ଡକ୍ଟର, ବନ୍ଦର ଓ ଲଜିଷ୍ଟିକ୍ସ କ୍ଷେତ୍ର ଲାଗି ପୁଞ୍ଜିନିବେଶ ଆଣିବା ପାଇଁ ଉଦ୍ୟମ କରିବେ। ନିକଟରେ ୟୁଏଇର ସଂସ୍ଥା ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନି (ଆଇଏଚ୍‌ସି) ଆଦାନୀ ଗ୍ରୁପ୍ ସହିତ ମିଶି ଓଡ଼ିଶାରେ ବକ୍ସାଇଟ୍ ଖଣି, ଆଲୁମିନା ବିଶୋଧନାଗାର, ଆଲୁମିନିୟମ ସ୍ମେଲଟର, ପାୱାର ପ୍ଲାଣ୍ଟ ଆଦିରେ ୧.୧୦ ଲକ୍ଷ କୋଟି ଟଙ୍କା ନିବେଶ କରିବା ଲାଗି ରାଜ୍ୟ ସରକାରଙ୍କ ସହ ବୁଝାମଣା କରିଥିଲା।

# ୧୫ ଅତିରିକ୍ତ ଏସ୍‌ପିଙ୍କୁ ପଦୋନ୍ନତି

ଭୁବନେଶ୍ୱର ୧।୯ (ସମିସ): ଓଡ଼ିଶା ପୁଲିସରେ କାର୍ଯ୍ୟରତ ୧୫ ଜଣ ଅତିରିକ୍ତ ଏସ୍‌ପିଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଛି। ଗଞ୍ଜାମର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାସ, ଅତିରିକ୍ତ ଅତିରିକ୍ତ ଡିସିପି ରଞ୍ଜିତ କୁମାର ପୃଷ୍ଟି, ଅମରେନ୍ଦ୍ର ପଣ୍ଡା, ପୁରୀର ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ରାଜ୍ୟ ପୁଲିସ ମୁଖ୍ୟାଳୟର ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ସମ୍ବଲପୁର ଆଇୟୁସିଏଡବ୍ଲୁ ଅଜୟ କୁମାର ମିଶ୍ର, କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିକାଶ ରଞ୍ଜନ ବେହୁରା, ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଅରୁଣ କୁମାର ନାୟକ, ଗୁଇନ୍ଦାରୁ କ୍ରାଇମବ୍ରାଞ୍ଚକୁ ଡେପୁଟେସନରେ ଯାଇଥିବା ଅତିରିକ୍ତ ଏସ୍‌ପି ଶିଶିର କୁମାର ମିଶ୍ର ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ସେହିପରି ଢେଙ୍କାନାଳର ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ, ଏସଟିଏଫ୍ ଅତିରିକ୍ତ ଏସ୍‌ପି ସଞ୍ଜୀବ କୁମାର ଶତପଥି, ଓଏଚ୍‌ଆରସିର ଅତିରିକ୍ତ ଏସ୍‌ପି ସତ୍ୟନାରାୟଣ ପ୍ରଧାନ, ଭିଜିଲାନ୍ସ କୋରାପୁଟ ଡିଭିଜର ଅତିରିକ୍ତ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଓ ନୟାଗଡ଼ ଆଇୟୁସିଏଡବ୍ଲୁର ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି କରାଯାଇଛି। ମଙ୍ଗଳବାର ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ପଦୋନ୍ନତି ପାଇଥିବା ଅଧିକାରୀମାନେ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବର୍ତ୍ତମାନ ପଦବୀରେ କାର୍ଯ୍ୟ କରିବେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଗଞ୍ଜାମର ସାଂସ୍କୃତିକ ଦଳର ଲୋକକଳାକାର

ଭୁବନେଶ୍ୱର,୧।୯ (ସମିସ):ଗଞ୍ଜାମ ଜିଲ୍ଲାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟର ଜୀବନ୍ତ ପ୍ରତିନିଧି ୯୦ରୁ ଉର୍ଦ୍ଧ୍ୱ ଲୋକକଳାକାର ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିଦର୍ଶନ କରିବା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନେତୃତ୍ୱରେ ଜିଲ୍ଲାର ପାଞ୍ଚଟି ପ୍ରମୁଖ ସାଂସ୍କୃତିକ ଦଳର କଳାକାର ରାଷ୍ଟ୍ରପତି ଭବନରେ ପହଞ୍ଚିବା ପରେ କଳାକାରମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସାନଖେମୁଣ୍ଡି ବ୍ଲକ ସୁବର୍ଣ୍ଣଗଡ଼ର ମା' ଦଣ୍ଡକାଳୀ ଗ୍ରୁପ୍, ବ୍ରହ୍ମପୁରର ସଂରଚନା ଗ୍ରୁପ୍, ସୋରଡ଼ା ବ୍ଲକର ତୁଳସୀ ଗ୍ରୁପ୍, ସାନଖେମୁଣ୍ଡି ବ୍ଲକ କଟାପଲ୍ଲୀର ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖେମୁଣ୍ଡିଖୋଲର ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ୯୦ରୁ ଉର୍ଦ୍ଧ୍ୱ କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ। କଳାକାରମାନଙ୍କ ସହ ଭାବ ବିନିମୟ ସମୟରେ ରାଷ୍ଟ୍ରପତି ସେମାନଙ୍କ ସୁଖଦୁଃଖ ପଚାରି ବୁଝିଥିଲେ । ଯୁବ କଳାକାରମାନେ ମନ ଦେଇ ପାଠ ପଢ଼ିବା ସହ ନିଜେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହେବା ସହ ବାପା-ମାଆ ଓ ଆତ୍ମୀୟ ସ୍ୱଜନଙ୍କର ସୁନାମ ବୃଦ୍ଧି କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂଆଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ପାଇଥିବାରୁ କଳାକାରମାନେ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।



## ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରସଙ୍ଗ

# ବିଜେପି ଓଡ଼ିଶାର ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରୁନାହିଁ: ବିଜେଡି

ଭୁବନେଶ୍ୱର,୧।୯ (ସମିସ): ଏମଏମଡିଆର ସଂଶୋଧନ ଆଇନ ୨୦୨୬ ଓଡ଼ିଶାର ସ୍ୱାର୍ଥକୁ ସର୍ବାଧିକ ଭାବେ ପ୍ରଭାବିତ କରିବାକୁ ଥିବାବେଳେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ମୁଖ୍ୟ ବିରୋଧୀ ଦଳ ବିଜେଡି ଲଗାତାର ବିରୋଧ କରି ଆସୁଛି। ଏହିକ୍ରମରେ ମଙ୍ଗଳବାର ବିଜେଡି ଏହି ଆଇନ ଓଡ଼ିଶାର ସ୍ୱାର୍ଥ ବିରୋଧୀ ଅଭିହିତ କରି ପୁଣି ବିଜେପି ଉପରେ ବର୍ଷିଛି।

- ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟମାନଙ୍କ ଅଧିକାର ଛଡାଇନେବା ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ
- ଓଡ଼ିଶାର ବ୍ୟାପକ କ୍ଷତି ସମ୍ପର୍କରେ ପୂର୍ବରୁ ସତ୍ୟପାଠ ଦେଇଛନ୍ତି ରାଜ୍ୟ ଆଡ୍‌ଭୋକେଟ ଜେନେରାଲ

ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଡ. ସଂତୃପ୍ତ ମିଶ୍ର କହିଥିଲେ ଯେ ଏମଏମଡିଆର ଆଇନ ମାଧ୍ୟମରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କର ଅଧିକାର ସବୁଦିନ ପାଇଁ କେନ୍ଦ୍ର ସରକାର ଛଡ଼ାଇ ନେଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ୯ ଜଣିଆ ଖଣ୍ଡପୀଠ ଦ୍ୱାରା ୨୫ ଜୁଲାଇ ୨୦୨୬ରେ ପ୍ରଦାନ କରାଯାଇଥିବା ଆଦେଶରେ ରାଜ୍ୟ ମାନେ ଖଣି ଓ ଖଣି ଥିବା ଜମି ଉପରେ ଟିକସ ଓ ଲେଭି ଲଗାଇ ପାରିବେ। ଏହାଛଡ଼ା ୨୦୦୫ ମସିହାରୁ ଟିକସ ଲେଭି ବାବଦକୁ ବାକି ଥିବା ଟିକସୁ ମଧ୍ୟ ଆଦାୟ ହେବ ବୋଲି କହିଥିଲେ। ଏହି ରାୟ ଅନୁଯାୟୀ ବକେୟା ବାବଦକୁ ଓଡ଼ିଶା ଏକ ଲକ୍ଷ କୋଟି ଟଙ୍କାରୁ ଉଦ୍ଧ୍ୱର୍ ଟଙ୍କା ପାଇବାକୁ ହକଦାର ହୋଇଥିଲା ଓ ବାର୍ଷିକ ରାଜସ୍ୱ ବାବଦକୁ ଅଧିକ ୧୨, ୦୦୦ କୋଟି ଟଙ୍କା ମିଳିବ ବୋଲି ପଥ ପରିଷ୍କାର ହୋଇଥିଲା । ଏମଏମଡିଆର ସଂଶୋଧନ ଆଇନ ହେବା ପରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କ ଅଧିକାର ସବୁଦିନ ପାଇଁ ଛଡାଇ ନିଆଗଲା। ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଥିବା ଏହି ଆଇନ ବିରୋଧରେ ମୁହଁ ଖୋଲିବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଜେପି ସାଂସଦ ମାନଙ୍କୁ ଚିଠି ଲେଖିଥିଲେ। ମାତ୍ର ବିଜେପି ନେତାମାନେ ଏହି ଆଇନ ଯୋଗୁ ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବୋଲି ଯୁକ୍ତି ବାଢୁଛନ୍ତି। ନଭେମ୍ବର ୨୦୨୫ ରେ ରାଜ୍ୟ ସରକାରଙ୍କ ପ୍ରକାଶିତ ଓଡ଼ିଶା ରିଭ୍ୟୁରେ ଖଣି ବକେୟା ବାବଦକୁ ଓଡ଼ିଶା ଏକ ଲକ୍ଷ କୋଟି ଟଙ୍କା ଓ ବାର୍ଷିକ ରାଜସ୍ୱ ବାବଦକୁ ଅଧିକ ୧୨, ୦୦୦ କୋଟି ଟଙ୍କା ଓଡ଼ିଶା ପାଇବାକୁ ଯାଉଥିବା ବେଳେ ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ ବୋଲି କୁହାଯାଇଥିଲା । ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ସତ୍ୟପାଠ ମାଧ୍ୟମରେ କହିଥିଲେ ଯେ ବକେୟା ଏକ ଲକ୍ଷ କୋଟି ଟଙ୍କା ଓଡ଼ିଶାର ନ୍ୟାଯ୍ୟ ପ୍ରାପ୍ୟ ଓ ଏହା ନ ମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ। ଡ. ମିଶ୍ର ଆହୁରି ମଧ୍ୟ କହିଥିଲେ ଯେ ଉଭୟ ଓଡ଼ିଶା ରିଭ୍ୟୁ ଓ ଆଡଭୋକେଟ ଜେନେରାଲଙ୍କ ସତ୍ୟପାଠରେ ଖଣି ଟିକସ ଓ ବକେୟା ବାବଦକୁ ମିଳିବାକୁ ଥିବା ଟଙ୍କା ଓଡ଼ିଶାର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଥିବା ବେଳେ ଏବେ ବିଜେପି ନେତା ମାନେ ଓଡ଼ିଶାର କୌଣସି କ୍ଷତି ହେବନାହିଁ ବୋଲି କିପରି ଯୁକ୍ତି ବାଢୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି ।



# ଏମ୍‌ଏମ୍‌ଡିଆର୍ ଉପରେ ସ୍ୱତନ୍ତ୍ର ଆଲୋଚନା ନ ହେଲେ ବିଧାନସଭା ଅଚଳ କରାଯିବ: କଂଗ୍ରେସ

ଭୁବନେଶ୍ୱର,୧।୯ (ସମିସ): ଏମ୍‌ଏମ୍‌ଡିଆର୍ ଆଇନ୍ ଦ୍ୱାରା ୫ ହଜାର କୋଟିର ରାଜସ୍ୱକୁ ୫୦ ହଜାର କୋଟିକୁ ବୃଦ୍ଧି କରିବା କଥା ଭ୍ରମାତ୍ମକ। ଏହି ତଥ୍ୟ ଦେଇ ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଏମ୍‌ଏମ୍‌ଡିଆର୍ ବିଲ୍ ବିରୋଧରେ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ଧର୍ମେନ୍ଦ୍ର ପ୍ରଧାନ ଏମ୍‌ଏମ୍‌ଡିଆର୍ ଆଇନ୍ ଦ୍ୱାରା ରାଜସ୍ୱ ବୃଦ୍ଧି କଥା କହୁଛନ୍ତି। ମାତ୍ର ୨୦୨୦ ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାନ୍ୱୟରେ କାହିଁକି ରାଜସ୍ୱ ଆଦାୟ ତଥ୍ୟ ଦେଉ ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ଖଣି ମାଲିକଙ୍କ ସ୍ୱାର୍ଥ ଦେଖିବାରେ ଧର୍ମେନ୍ଦ୍ର ପ୍ରଧାନ ବ୍ୟସ୍ତ ବୋଲି କଂଗ୍ରେସ ଅଭିଯୋଗ କରିଛି।



କଂଗ୍ରେସ ଏକମାତ୍ର ଦଳ ଯିଏ ସାଧାରଣ ଜନତାଙ୍କ ସ୍ୱାର୍ଥ ସକାଶେ ରାଜରାସ୍ତାରେ ଲଢେଇ କରୁଛି। ତେଣୁ ଆସନ୍ତା ବିଧାନସଭା ଅଧିବେଶନରେ ଏମଏମଡିଆରକୁ ନେଇ ସ୍ୱତନ୍ତ୍ର ଆଲୋଚନା ନ ହେଲେ ବିଧାନସଭା ଚଳାଇଦେବୁ ନାହିଁ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି ଓପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ଅଗଷ୍ଟ ୧୩ ତାରିଖଠାରୁ ପ୍ରତ୍ୟେକ ଜିଲ୍ଲା ଏପରିକି ବ୍ଲକ ସ୍ତରରେ ମଧ୍ୟ ବିଭିନ୍ନ ଆନ୍ଦୋଳନ ହୋଇଛି। କଂଗ୍ରେସ ସମଭାବପନ୍ନ ଦଳ ମିଶିକି ବିଭିନ୍ନ ଆନ୍ଦୋଳନ, ପ୍ରତିବାଦ ଓ ଧାରଣା ଆଦି କାର୍ଯ୍ୟକ୍ରମ ରାଜରାସ୍ତାରେ କରୁଛି ବୋଲି ସେ କହିଛନ୍ତି।

ପୂର୍ବତନ ବିଧାୟକ ପ୍ରାର୍ଥୀ ସିର୍ଦ୍ଧାର୍ଥ ରାଉତରାୟ କହିଛନ୍ତି ଯେ ଖଣି ଉପରେ ୨୦ ବର୍ଷ ଉଠାଯାଇ ୫୦ ବର୍ଷ ହେଲା। ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ବଦଳରେ ବେସରକାରୀ ସଂସ୍ଥା ବର୍ତମାନ ସର୍ଭେ କରିବେ। ଲୁହାପଥର ପାଇଁ ଖଣି ଲିଜ ନିଆହେଇଥିଲେ ଯଦି ଖଣି ଅଞ୍ଚଳ ପରିଧି ଭିତରେ ଅନ୍ୟ କୌଣସି ଖଣିଜ ଦ୍ରବ୍ୟ ମିଳିଲେ ମଧ୍ୟ ତାହା କମ୍ପାନୀର ହୋଇଯିବ। ନୂତନ ଆଇନ ଅନୁଯାୟୀ ପେସା ଆଇନର କୌଣସି କ୍ଷମତା ରହିବ ନାହିଁ। ଯଦି ବିଜେପିର ଓଡିଶା ପ୍ରତି ପ୍ରକୃତ ମମତା ଅଛି, ତେବେ ସମସ୍ତ କମ୍ପାନୀଙ୍କୁ ଓଡ଼ିଶାରେ ପଞ୍ଜିକରଣ କରିବା ପାଇଁ ନିୟମ କରନ୍ତୁ ବୋଲି ଶ୍ରୀ ରାଉତରାୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

# ୩୫ଟି ପୁଲିସ ଜିଲ୍ଲାରେ ନିଶାମୁକ୍ତି ଅଭିଯାନ



କଟକ,୧।୯ (ସମିସ): ଆସନ୍ତା ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ଗଠନର ସଂକଳ୍ପକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ 'ନିଶାମୁକ୍ତ ଭାରତ ଅଭିଯାନ' ଅଧୀନରେ ରାଜ୍ୟବ୍ୟାପୀ ବ୍ୟାପକ ସଚେତନତା ଅଭିଯାନ ଜାରି ରହିଛି। ଗତ ଅଗଷ୍ଟ ୧୫ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ୩୫ଟି ପୁଲିସ ଜିଲ୍ଲାର ୧,୭୬୩ଟି ସ୍କୁଲ ଓ କଲେଜରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ନିଶା ବିରୋଧୀ ବାର୍ତ୍ତା ପହଞ୍ଚାଯାଇଥିଲା। ସମ୍ବଲପୁର ଜିଲ୍ଲାରେ ସର୍ବାଧିକ ୧୬୨ଟି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଗଞ୍ଜାମରେ ୧୧୭ଟି, ଖୋର୍ଦ୍ଧାରେ ୧୦୧ଟି, ରାୟଗଡ଼ାରେ ୮୫ଟି ଏବଂ କଳାହାଣ୍ଡିରେ ୭୯ଟି ଶିକ୍ଷାନୁଷ୍ଠାନରେ ଏହି ଅଭିଯାନ ପହଞ୍ଚିଛି। ଯୁବପିଢ଼ିଙ୍କୁ ସଠିକ୍ ଓ ଦାୟିତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପ୍ରେରଣା ଦେବା ସହ ସ୍କୁଲ, କଲେଜ, ଶିକ୍ଷକ, ଛାତ୍ରଛାତ୍ରୀ ଓ ପରିବାରକୁ ନିଶା ବିରୋଧୀ ଲଢେଇର ସକ୍ରିୟ ସହଯୋଗୀ ଭାବେ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ୨୦୨୯ ସୁଦ୍ଧା ଏକ ନିଶାମୁକ୍ତ ଓଡ଼ିଶା ଗଠନ କରିବାକୁ ଓଡ଼ିଶା ପୁଲିସର ଦୃଢ଼ ସଂକଳ୍ପ ବୋଲି କହିଛନ୍ତି। ଏହି ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ନିଶା ବିରୋଧୀ ସଚେତନତା ଓ ପ୍ରତିରୋଧମୂଳକ କାର୍ଯ୍ୟକ୍ରମ ନିରନ୍ତର ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

- ଆଜି ରାହୁରେଖା ଲାଗି ହେବେ ମହାପ୍ରଭୁ

# ସାଢ଼େ ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୧।୯ (ସମିସ): ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ବୁଧବାର ରାହୁରେଖା ଲାଗି ହେବେ ମହାପ୍ରଭୁ। ପ୍ରଥମ ଭୋଗମଣ୍ଡପ ପୂଜା ପରେ ଦଇତାପତି ସେବକମାନେ ଦାରୁବିଗ୍ରହଙ୍କୁ ରାହୁରେଖା



ଲାଗି କରିବେ। ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ରାହୁରେଖା ଓଲାଗି ହୋଇ ରେଖାପଞ୍ଚମୀରେ ରାହୁରେଖା ଲାଗି ହୋଇଥାନ୍ତି। ଏହି ନୀତି ପ୍ରାୟ ସାଢ଼େ ୪ ଘଣ୍ଟା ଧରି ଚାଲିବ। ତେଣୁ ଆପତତଃ ବୁଧବାର ଅପରାହ୍ଣ ସାଢ଼େ ୨ଟାଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଓଡ଼ିଶା ଲୋକଭବନକୁ ଦେଶର ପ୍ରଥମ ଆଇଜିବିସି ପ୍ଲାଟିନମ୍-ସାର୍ଟିଫାଏଡ ସବୁଜ କ୍ୟାମ୍ପସ୍ ପ୍ରମାଣପତ୍ର

# ସୌରଶକ୍ତିର ସଠିକ୍ ଉପଯୋଗ ନ କରିବା ଏକ ଅପରାଧ : ରାଜ୍ୟପାଳ

ଭୁବନେଶ୍ୱର,୧।୯ (ସମିସ): ଭୁବନେଶ୍ୱରସ୍ଥିତ ଓଡ଼ିଶା ଲୋକ ଭବନ ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନସିଲ୍ (ଆଇଜିବିସି)ର ଗ୍ରୀନ୍ କ୍ୟାମ୍ପସ ରେଟିଂ ସିଷ୍ଟମ୍ ଅଧୀନରେ ପ୍ଲାଟିନମ୍ ପ୍ରମାଣପତ୍ର ହାସଲ କରିଛି। ଏପରି ପ୍ରମାଣପତ୍ର ହାସଲ କରିବାରେ ଓଡ଼ିଶାର ଲୋକଭବନ

**ଓଡ଼ିଶାର ସବୁ ବିଶ୍ୱବିଦ୍ୟାଳୟକୁ ସବୁଜ ପ୍ରମାଣପତ୍ର ହାସଲ କରିବାକୁ ଆହ୍ୱାନ**

ଦେଶର ପ୍ରଥମ ପ୍ଲାଟିନମ୍ ପ୍ରମାଣପତ୍ରପ୍ରାପ୍ତ ଲୋକ ଭବନ ହୋଇଛି। ଏହି ଅବସରରେ ଘର ଓ ବିଭିନ୍ନ ଅନୁଷ୍ଠାନରେ ଅଧିକରୁ ଅଧିକ ରୁଫ୍‌ଟପ ସୋଲାର ସିଷ୍ଟମ ବ୍ୟବହାର କରିବାକୁ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। ଜର୍ମାନୀରେ ବର୍ଷକୁ ପ୍ରାୟ ୧୦୦ ଦିନ ସୂର୍ଯ୍ୟକିରଣ ମିଳେ, ତଥାପି ସେଠାରେ ସୌର ଶକ୍ତିର ବ୍ୟବହାର କରାଯାଉଛି। ଆମ ପାଖରେ ବର୍ଷକୁ ପ୍ରାୟ ୩୦୦ ଦିନ ସୂର୍ଯ୍ୟକିରଣ ମିଳେ। ଯଦି ଆମେ ଏହି ଶକ୍ତିର ଉପଯୋଗ ନକରିବା, ତେବେ ଏହା ଏକ ଅପରାଧ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ମଙ୍ଗଳବାର ଲୋକ ଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଜିବିସିର



ଜାତୀୟ ଅଧ୍ୟକ୍ଷ ସି. ଶେଖର ରେଡ୍ଡୀଙ୍କଠାରୁ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ ସବୁଜିମା, ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ବ୍ୟବହାର, ବୈଦ୍ୟୁତିକ ଯାନର ବ୍ୟବହାର ସମେତ ବିଭିନ୍ନ ପଦକ୍ଷେପକୁ ଏହି ପ୍ରମାଣପତ୍ରରେ ସ୍ୱୀକୃତି ମିଳିଛି। ଆଗାମୀ ଦିଲ୍ଲୀ ଗସ୍ତ ସମୟରେ ସେ ଏହି ପ୍ରମାଣପତ୍ର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଖାଇବେ। ଏହି ସଫଳତା ଅନ୍ୟାନ୍ୟ ଅନୁଷ୍ଠାନକୁ ମଧ୍ୟ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ସହ ସବୁଜ ପ୍ରମାଣପତ୍ର ହାସଲ ପାଇଁ ପ୍ରେରଣା ଯୋଗାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଲୋକ ଭବନ ବାହାରେ ମଧ୍ୟ ଏହି ସବୁଜ ବାର୍ତ୍ତାକୁ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇ ରାଜ୍ୟପାଳ ଓଡ଼ିଶାର ବିଶ୍ୱବିଦ୍ୟାଳୟମାନଙ୍କୁ ସବୁଜ ପ୍ରମାଣପତ୍ର ହାସଲ କରିବାକୁ ଆହ୍ୱାନ ଜଣାଇଛନ୍ତି। ଲୋକଭବନରେ ବର୍ତ୍ତମାନ ୬୩୫ କିଲୋୱାଟ୍ ପିକ୍ ସୌର ଶକ୍ତି କ୍ଷମତା ସମ୍ପନ୍ନ ସିଷ୍ଟମ ସ୍ଥାପିତ ହୋଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଜଙ୍ଗଲ, ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

● ଲଗାଣ ବର୍ଷାରେ ରାସ୍ତା ଉପରେ ପାଣି, ଧୋଇଗଲା ପୋଲ

# ଏକାଧିକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ





ପାଲଲହଡ଼ା,୧।୯ (ସମିସ): ଦୁଇଦିନ ଧରି ଲାଗିରହିଥିବା ବର୍ଷା ଯୋଗୁଁ ପୁଣି ଥରେ ଜନଜୀବନ ପ୍ରଭାବିତ ହୋଇଛି। କେଉଁଠି ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବା ବେଳେ ଆଉ କେଉଁଠି ସମ୍ପୂର୍ଣ୍ଣ ପୋଲ ଭାସିଯାଇଛି। ବର୍ଷା ଯୋଗୁଁ ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି ପାଲଲହଡ଼ା ଉପଖଣ୍ଡର ଉପାନ୍ତ ଅଞ୍ଚଳ ବରଡିହ ପଞ୍ଚାୟତ ଏବଂ ନଗିରା ପଞ୍ଚାୟତର ସିବିଡ଼ା ଓ ସନ୍ଧାର ଗାଁ। ଜାତୀୟ ରାଜପଥ ୪୯ଠାରୁ ଏହି ଅଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କର ଡାଲୋ ଗାଁ ନିକଟ ପୋଲ ଉପରେ ଦୁଇଫୁଟ ଉଚ୍ଚ ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ନଗିରା ପଞ୍ଚାୟତରୁ ବରଡିହ ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତା ଧୋଇଯାଇଛି। ଫଳରେ ବରଡିହ ପଞ୍ଚାୟତ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ସଡ଼କ ସୁରକ୍ଷା ଅଭିମୁଖ୍ୟ କାର୍ଯ୍ୟକ୍ରମ

ଅନୁଗୋଳ,୧।୯ (ସମିସ): ସାମାଜିକ ସଂଗଠନ 'ସ୍ପନ୍ଦନ' ତରଫରୁ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ଅଭିମୁଖ୍ୟ କାର୍ଯ୍ୟକ୍ରମ ୨୦୨୬ ବଡ଼କେରାଠାରେ ଆରମ୍ଭ ହୋଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କନିଷ୍ଠ ମୋଟରଯାନ



ନିୟନ୍ତ୍ରିକା ସନ୍ଧ୍ୟାରାଣୀ ନାୟକ ଏହାକୁ ଉଦଘାଟନ କରିବା ସହ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହ ଶୂନ୍ୟ ମୃତ୍ୟୁହାର ସପ୍ତାହ ଭାବେ ସରକାର ଘୋଷଣା କରିବା ଓ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଯେପରି ସମଗ୍ର ରାଜ୍ୟରେ ନ ଘଟିବ ସେଥିପାଇଁ ତୃଣମୂଳ ସ୍ତରରେ ସମସ୍ତ ସ୍ଥାନରେ ସମସ୍ତ ଜନସାଧାରଣଙ୍କୁ ସଚେତନ କରାଯିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସୂଚନା ଦେଇଥିଲେ। ସମସ୍ତେ ସତର୍କତାର ସହିତ ସଡ଼କ ସୁରକ୍ଷା ନିୟମ ପାଳନ କଲେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ।

ସ୍ପନ୍ଦନର ସ୍ୱେଚ୍ଛାସେବୀ ରାମଚନ୍ଦ୍ର ସାହୁ ଆଗାମୀ ଦିନରେ ଏପରି ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ହୋଟେଲ, ଢାବା, ଯାନବାହାନ ବିକ୍ରୟକେନ୍ଦ୍ର ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ କରାଯିବା ପାଇଁ ଯୋଜନା ରହିଥିବା ସୂଚନା ଦେଇଥିଲେ। ସ୍ପନ୍ଦନର ସଦସ୍ୟ ବିଭୁ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଗାଡ଼ି ଚାଳକ, ଜନସାଧାରଣ ଯୋଗଦେଇଥିଲେ।

# ବାମୁର ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ




କିଶୋରନଗର,୧।୯ (ସମିସ): କିଶୋରନଗର ବ୍ଲକ୍ ବାମୁରସ୍ଥିତ ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟରେ ସୋମବାର ସଂସ୍କୃତ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ସ୍ନାତକ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ଅଧ୍ୟାପକ ତରଣୀସେନ ସାହୁ ଯୋଗଦେଇ ଆମ ମହାନ ସଂସ୍କୃତିର ଗାରିମା ବୃଦ୍ଧି ଦିଗରେ ସଂସ୍କୃତ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ।

ସଂସ୍କୃତ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସେଠୀ ସଂସ୍କୃତ ଭାଷାରେ ରଚିତ ବେଦ, ଉପନିଷଦ ପରି ସାହିତ୍ୟ ଆମ ଆଧ୍ୟାତ୍ମିକ ଚେତନାକୁ ଉଦବୁଦ୍ଧ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍କୃତ ଭାଷାରେ ବକ୍ତୃତା ଓ ଗୀତାପାଠ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଉତ୍କଳ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମନୋରଞ୍ଜନ ସାହୁ, ସୁନୀଲ କୁମାର ନାୟକ, ବିବେକ କୁମାର ଅମାନ୍ତ, ଲୋକନାଥ ମିର୍ଦ୍ଧା, ଲିପିକା ବନଛୋର, ସାବିତ୍ରୀ କିସାନ, ମୋନାଲିସା ପ୍ରଧାନ, ସୁଜାତା ଲୁହା, ଅଜୟ ପ୍ରଧାନ ଏବଂ ଘୁରୁ ସେଠୀ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ପାଲଲହଡ଼ା,୧।୯ (ସମିସ): ସୋମବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଠିକିରି ଗଡ଼ନାୟକ ୧୯ ବର୍ଷର ସେବା ପରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ତାଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଡେପୁଟି କଲେକ୍ଟର ଇଂ. ବିଦୁସ୍ମିତା ସାହୁ, ସୌମ୍ୟାଶ୍ରୀ ପରିଡ଼ା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶିଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କର୍ମଚାରୀମାନେ ଠିକିରିଙ୍କ କର୍ତ୍ତବ୍ୟନିଷ୍ଠା ଓ ଦୀର୍ଘ ସେବାକାଳର ସ୍ମୃତିଚାରଣ କରି ତାଙ୍କ ଅବସର ପରବର୍ତ୍ତୀ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ଅବସର ଦିବସରେ ହିଁ ତାଙ୍କୁ ୩୦୦ ଦିନର ଅବ୍ୟବହୃତ ଅର୍ଜିତ ଛୁଟିର ନଗଦ ରାଶି, ଗ୍ରାଚ୍ୟୁଇଟି ଏବଂ ଜିଆଇଏସ୍ ରାଶି ପ୍ରଦାନ କରାଯାଇଥିଲା।

## ଅନୁଗୋଳ ପୌରାଞ୍ଚଳରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

# ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଅନୁଗୋଳ ପାଇଁ ଆହ୍ୱାନ

ଅନୁଗୋଳ,୧।୯ (ସମିସ):

ଅନୁଗୋଳ ପୌରପାଳିକାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ମଡେଲ ଭେଣ୍ଡିଂ ଜୋନ, ରାଜ୍ ହୋଟେଲ ଛକରେ ନିର୍ମିତ ଆକର୍ଷଣୀୟ ସମୁଦ୍ର ମନ୍ଥନ କଳାକୃତି ଏବଂ ଅନୁଗୋଳ ହାଇସ୍କୁଲ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଥିଲେ। ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଉପାଧ୍ୟକ୍ଷା ଅନୁପମା





ସାହୁ, ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତର, ଏସ୍‌ପି ରାହୁଲ ଜୈନ, ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ସମେତ କାଉନସିଲର, ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସ୍ଥାନୀୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଯୋଗଦେଇ ସହରର ସ୍ୱଚ୍ଛତା ପାଇଁ ଜନସାଧାରଣଙ୍କ କର୍ତ୍ତବ୍ୟ ଉପରେ କହିବା ସହ ଡ୍ରେନେଜ ସମସ୍ୟାର କିପରି ସମାଧାନ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ଚାରାରୋପଣକୁ ଗୁରୁତ୍ୱ ଦେଇ ସବୁଜ ଅନୁଗୋଳ ଗଠନ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟୁଷରେ ରାମଧୂନ ପରିବେଷଣ କରାଯାଇ ସହର ପରିକ୍ରମା କରାଯିବା ସହ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ଗୁରୁପୂଜନ ଓ ପ୍ରତିଭା ସମ୍ମାନ ଉତ୍ସବ ପ୍ରସ୍ତୁତି ବୈଠକ

ତାଳଚେର,୧।୯ (ସମିସ): ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ ପକ୍ଷରୁ ଦେଉଳବେଡ଼ାସ୍ଥିତ ପୂର୍ବତନ ସାଂସଦ ମହେଶ ସାହୁଙ୍କ କାର୍ଯ୍ୟାଳୟରେ ଗୁରୁପୂଜନ ଓ ପ୍ରତିଭା ସମ୍ମାନ ଉତ୍ସବ ପାଳନ ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଉପେନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସେପ୍ଟେମ୍ବର ୫ ଗୁରୁଦିବସ ଅବସରରେ ଗୁରୁପୂଜନ ଓ ପ୍ରତିଭା ସମ୍ମାନ ଉତ୍ସବ ଆଡ଼ମ୍ବରରେ ପାଳନ କରିବା ପାଇଁ ଆଲୋଚନା କରିଥିଲେ। ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ସମ୍ମାନିତ କରାଯିବ ବୋଲି ସାହୁ ଗୁରୁତ୍ୱାରୋପ କରିଥଲେ। ଅନୁଷ୍ଠାନ ଦୀର୍ଘ ୨୪ବର୍ଷରେ ପଦାର୍ପଣ କରି ନିଜ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଆସୁଥିବାରୁ ଏହାର ସମସ୍ତ ଶ୍ରେୟ ସେ ସଦସ୍ୟମାନଙ୍କୁ ଦେଇଥିଲେ। ଚଳିତ ବର୍ଷ ମଧ୍ୟ ପୂର୍ବବର୍ଷଗୁଡ଼ିକ ପରି



ଅବସରପ୍ରାପ୍ତ ଶିକ୍ଷକଙ୍କ ସମେତ ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ମାଟ୍ରିକ ଓ ଉଚ୍ଚଶିକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିଥିବା ଛାତ୍ରଛାତ୍ରୀ ଏବଂ ଅନ୍ୟ ପାଠ୍ୟକ୍ରମରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ। ଅନୁଷ୍ଠାନର କର୍ମକର୍ତ୍ତା ତଥା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ବିନୟ କୁମାର ଖିଲାର, ସରୋଜ କୁମାର ପ୍ରଧାନ, ହରେକୃଷ୍ଣ ପାତ୍ର, ପ୍ରେସକ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଶୋଭାଗିନୀ ଦେବୀ, ଜିଲ୍ଲା ପରିଷଦ ସଭ୍ୟା ରୀତାରାଣୀ ଦାସ, ନିର୍ମଳ ତ୍ରିପାଠୀ, ନିର୍ମଳ ସାହୁ, ଶ୍ରମିକ ନେତା ସୁବାସ ସାହୁ, ଚୈତନ୍ୟ ପ୍ରଧାନ, ଜର୍ମାନୀ ଭୂତିଆ, କୋଷାଧ୍ୟକ୍ଷ ସଞ୍ଜୟ ସାହୁ ପ୍ରମୁଖ ମଞ୍ଚାସୀନ ରହି ଉପାଦେୟ ପ୍ରସ୍ତାବ ଦେଇଥିଲେ। ଅନୁଗୋଳ, କଣିହାଁ, ଖମାର, ପାଲଲହଡ଼ା, ଢେଙ୍କାନାଳ, ପରଜଙ୍ଗ ଅଞ୍ଚଳରୁ ଅନୁଷ୍ଠାନର ଶତାଧିକ ସଦସ୍ୟ ସଦସ୍ୟା ଯୋଗଦେଇ ନିଜ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ବନ୍ୟାଞ୍ଚଳରେ ବିଶ୍ୱ ଯୁବକେନ୍ଦ୍ରର ରିଲିଫ୍ ବଣ୍ଟନ

କିଶୋରନଗର,୧।୯ (ସମିସ): ବନ୍ୟା ପ୍ରଭାବିତ ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ବାଲି କୁଦଗାଁ, କୁଦଗାଁ, ହିଂସେଇ, ଖଡ଼ରପଡ଼ା, ଲୁହାସିଙ୍ଗା ପଞ୍ଚାୟତ ପତାକା, କୁସୁମକୁହୁରି, ରାଣୀପଖାଳ, ଡାହିମାଳ, ଦୋଳାମୁଣ୍ଡେଇ, ଜାମୁଡୋଳି ପଞ୍ଚାୟତ ମାଳିସାହି, କୁତୁଲଶିଙ୍ଗା, ଲିମ୍ବଡିହ ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର, ବଣୀନାଳୀ ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଇଛି। ଅଗଷ୍ଟ ୨୯ରୁ ୩୧ ତାରିଖ ୩ଦିନ ବ୍ୟାପୀ ଅନୁଷ୍ଠାନ ପକ୍ଷରୁ ବନ୍ୟା ପ୍ରଭାବିତ ୨୫୦ ପରିବାରକୁ ଆଶ୍ରୟ ଓ ସ୍ୱଚ୍ଛତା କିଟ୍ ପ୍ରଦାନ କରଯାଇଛି। ଉକ୍ତ କିଟରେ ୨ଟି ପାଲ, ବାଲଟି, ମଶାରି, ରଶି, ଟୁଥବ୍ରଶ, ଟୁଥପେଷ୍ଟ, ସାବୁନ, ସାନିଟାରି ପ୍ୟାଡ୍, ବ୍ୟାଗ ଆଦି ରହିଛି। କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର ଖେତି, ଲୁହାସିଙ୍ଗା ସରପଞ୍ଚ ସୁଦର୍ଶନ ଗାଇଗରିଆ, ଜାମୁଡୋଳି ସରପଞ୍ଚ ପ୍ରଭାକର ପ୍ରଧାନ, ବିଶ୍ୱ ଯୁବକେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନ, ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ହରମୋହନ ମହାପାତ୍ର, କର୍ମକର୍ତ୍ତା ଅଭୟ ଚରଣ ସ୍ୱାଇଁ, ସମିତ ମହାକୁଡ଼, ଅଭିଷେକ ମହାପାତ୍ର, ଗୁଲଶନ ମାଝି, ସୁମିତ ବଲିଆରସିଂ, ଶ୍ୱେତାମ୍ବର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ରିଲିଫ୍ ବଣ୍ଟନରେ ସହଯୋଗ କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ନାଲକୋନଗର,୧।୯ (ସମିସ): ନାଲକୋନଗର ସରସ୍ୱତୀ ବିଦ୍ୟା ମନ୍ଦିର ଶିକ୍ଷୟିତ୍ରୀ ଶ୍ୟାମାମଣି ବିଶୋଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ବିଦ୍ୟାଳୟର ସମ୍ପାଦକ ଡ. ସୁଧାକର ପାଳ ଯୋଗଦେଇ ଶ୍ୟାମାମଣିଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶ୍ୟାମାମଣି ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଚାକିରି କାଳରେ ନିଜ ଦାୟିତ୍ୱ, କର୍ତ୍ତବ୍ୟ ଓ ଶିକ୍ଷାଦାନ ଅତି ସୁନ୍ଦର ଭାବରେ ସମ୍ପନ୍ନ କରିଥିବା ଅତିଥିମାନେ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀମାନେ ସୀତାକାନ୍ତ ମିଶ୍ରଙ୍କ ଦ୍ୱାରା ରଚିତ ବିଦାୟୀ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ଡ. ପାଳ, ଅଧ୍ୟକ୍ଷ ଡ. ତ୍ରିପାଠୀ, ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ, ସୁରେନ୍ଦ୍ର କୁମାର ପାଢ଼ୀ, ଅହିଂସା ପ୍ରିୟଦର୍ଶିନୀ ସେନାପତି ପ୍ରମୁଖ ବିଦ୍ୟାଳୟ ପ୍ରତି ତାଙ୍କ ଅବଦାନର ପ୍ରଶଂସା କରି ଅବସର ପରବର୍ତ୍ତୀ ସୁସ୍ଥ, ନିରାମୟ ଦୀର୍ଘ ଜୀବନ କାମନା କରିଥିଲେ। ବରିଷ୍ଠ ଶିକ୍ଷକ ଅନିଲ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଜମରଡିହି ମେଡିକାଲରେ ଡାକ୍ତର ନିଯୁକ୍ତି ହେଲେନି

# ୩ରେ ୪୯ ନଂ ଜାତୀୟ ରାଜପଥ ଅବରୋଧ ଚେତାବନୀ

ପାଲଲହଡ଼ା,୧।୯ (ସମିସ): ଜମରଡିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଡାକ୍ତର ଏବଂ କର୍ମଚାରୀ ନିଯୁକ୍ତି ଦାବିରେ ବିଜେଡି ପକ୍ଷରୁ ଆସନ୍ତା ୩ ତାରିଖ ୪୯ନଂ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦିଆଯାଇଛି। ଏ ନେଇ ବିଜେଡି କର୍ମକର୍ତ୍ତା ଓ ଆଦିବାସୀ ଅଧ୍ୟୁଷିତ ୫ ପଞ୍ଚାୟତର ମହିଳା ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁନଃ ଚାଲୁ କରିବାକୁ ଗତ ୧୯ ତାରିଖ ପ୍ରଶାସନକୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ୧୪ ଦିନ ବିତିଯିବା ପରେ ବି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ୩ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କନ୍ତଲା ଛକ



ନିକଟରେ ୪୯ନଂ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି କୁହାଯାଇଛି। ଏହି ଅର୍ଥନୈତିକ ଅବରୋଧ ସମୟରେ ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟ ସମସ୍ତ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲ ସୂଚନା ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ବରିଷ୍ଠ କାର୍ଯ୍ୟକର୍ତ୍ତା ହେମନ୍ତ ଦାସ, ଦିଲୀପ ଉଦାବଳ, ନରେନ୍ଦ୍ର ଭୁକ୍ତାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

● ପାଟକମୁଣ୍ଡାରେ ହାତୀ ଉପଦ୍ରବ

# ଗଛରେ ଚଢ଼ି ଜୀବନ ବଞ୍ଚାଇଲେ ବନ କର୍ମଚାରୀ

ଛେଣ୍ଡିପଦା,୧।୯ (ସମିସ): ଛେଣ୍ଡିପଦା ବନାଞ୍ଚଳରେ ବୃଦ୍ଧି ପାଉଛି ହାତୀ ଉପଦ୍ରବ। ବର୍ଷା ଯୋଗୁଁ ଚାଷ ବିଳମ୍ବ ହେଉଥିବା ବେଳେ ହାତୀପଲ ଧାନ ବିଲରେ ପଶି ତଳି ନଷ୍ଟ କରୁଛନ୍ତି। ଗାଁରେ ପଶି ଘର ଭାଙ୍ଗି ଭାତ ଖାଇଯାଉଛନ୍ତି। ଫଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗୁଛି। ହାତୀ ଉପଦ୍ରବ ଯୋଗୁଁ ପାଟକମୁଣ୍ଡା, ତେବୁଡ଼, ରାମଚନ୍ଦ୍ରପୁର, ଭାଲୁଖାଇ, ସୁନ୍ଦରପାଳ, ଧାଙ୍ଗୁରୁମୁଣ୍ଡା ଆଦି ଅଞ୍ଚଳରେ ଏକର ଏକର ଧାନ ଫସଲ ନଷ୍ଟ ହୋଇଛି। ଘଉଡ଼ାଇବାକୁ ଗଲେ ମାରିବାକୁ ଗୋଡ଼ାଉଛନ୍ତି। ହାତୀ ଆକ୍ରମଣରେ ପ୍ରାୟ ୧ ବର୍ଷ ମଧ୍ୟରେ ୩ ଜଣଙ୍କ ଜୀବନ ଗଲାଣି। ମଙ୍ଗଳବାର ବନବିଭାଗ କର୍ମଚାରୀମାନେ ପାଟକମୁଣ୍ଡାରେ ହାତୀ ଘଉଡ଼ାଉଥିବା ବେଳେ ଏକ ଦନ୍ତା ହାତୀ ବନ ବିଭାଗର ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କୁ ଗୋଡ଼ାଇଥିଲା। କର୍ମଚାରୀ ଜଣକ ଏକ ଆମ୍ବ ଗଛରେ ଚଢ଼ି ଜୀବନ ବଞ୍ଚାଇଥିଲେ। ହାତୀଟି ଗଛ ମୂଳରେ ଘଣ୍ଟାଏ ପର୍ଯ୍ୟନ୍ତ ଜଗି ରହିଥିଲା। ଅନ୍ୟ କର୍ମଚାରୀ ଉଦ୍ଧାର ପାଇଁ ଆସିବାରୁ ସେମାନଙ୍କୁ ବି ଗୋଡ଼ାଇଥିଲା। ଶେଷରେ ହାତୀ ଜଙ୍ଗଲକୁ ଫେରିବା ପରେ କର୍ମଚାରୀ ଜଣକ ତଳକୁ ଓହ୍ଲାଇଥିଲେ। ହାତୀ ପଲ ଯୋଗୁଁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ସ୍କୁଟି ସହ ଗଞ୍ଜେଇ ଜବତ: ୧ଗିରଫ

ତାଳଚେର,୧।୯ (ସମିସ): ତାଳଚେର ଅବକାରୀ ବିଭାଗ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିବା ସହ ଗଞ୍ଜେଇ ଓ ସ୍କୁଟି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ସନ୍ଥପଡ଼ା ଗ୍ରାମର ଅଭୟ ସାମଲ (୫୫)। ଏ ନେଇ ଏକ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସ୍କୁଟି ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ମଙ୍ଗଳବାର ସକାଳ ୧୧ଟାରେ ଅନୁଗୋଳ ଅବକାରୀ ଉପଅଧିକ୍ଷକ ଧୀରେନ ବେହେରା ଓ ନିରୀକ୍ଷକ ଉମାକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀମାନେ ତାଳଚେର ବ୍ଲକ ସନ୍ଥପଡ଼ା ରାସ୍ତାରେ ଜଗି ରହିଥିଲେ। ଅଭୟଙ୍କ ସ୍କୁଟି ଯାଞ୍ଚ କରିବାରେ ସେଥିରୁ ୭ କେଜି ୪ଶହ ଗ୍ରାମ ଗଞ୍ଜେଇ ବାହାରିଥିଲା। ଚଢ଼ଉରେ ଅବକାରୀ ବିଭାଗର ରଣଜିତ ପାତ୍ର, ସରୋଜ ସାହୁ, ପୁପୁନୁ ପ୍ରଧାନ, ଗୌରୀ ଓରାମ ପ୍ରମୁଖ ସାମିଲ ଥିଲେ।

● ଗଛରେ ଧକ୍କାହେଲା ବାଇକ୍

# ଆରୋହୀ ମୃତ, ସାଥୀ ଗୁରୁତର



ନାଲକୋନଗର,୧।୯ (ସମିସ): ନାଲକୋ କଲୋନୀ ଭିତରେ ଭାରସାମ୍ୟ ହରାଇ ଏକ ବାଇକ ଗଛରେ ଧକ୍କା ହେବାରୁ ଅରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ରବିବାର ରାତି ପ୍ରାୟ ୧୧ଟାରେ ଗିରାଙ୍ଗ ଗ୍ରାମର ଅନନ୍ତ ନାଏକ ଓ ତାଙ୍କ ବନ୍ଧୁ ବାଇକ୍‌ରେ ଯାଉଥିଲେ। ନାଲକୋ କଲୋନୀ ମେଡିକାଲ ପଛପାଖର୍ ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲା। ଫଳରେ ଦୁହେଁ ଗୁରୁତର ଆହତ ହୋଇଥିଲେ। ନାଲକୋ ସୁରକ୍ଷାକର୍ମୀଙ୍କ ସହଯୋଗରେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ନାଲକୋ ମେଡିକାଲ ଏବଂ ପରେ ଅବସ୍ଥା ଗୁରୁତର ଥିବାରୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ଅନନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ତାଙ୍କ ବନ୍ଧୁଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର




ଛେଣ୍ଡିପଦା,୧।୯ (ସମିସ): ଛେଣ୍ଡିପଦା ବ୍ଲକ ଜରପଡ଼ା ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସବିତାରାଣୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଇଓ ଉଦୟ କୁମାର ପଧାନ ମୁଖ୍ୟଅତିଥି, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ପ୍ରଧାନ ମୁଖ୍ୟବକ୍ତା, ବରିଷ୍ଠ ଶିକ୍ଷାବିତ ଲିଙ୍ଗରାଜ ପ୍ରଧାନ ସମ୍ମାନିତ ଅତିଥି, ଖଲାରୀ ହାଇସ୍କୁଲ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ବିଶ୍ୱାଳ ଓ ମହିଧରପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଶୋଭନ କୁମାର ପଟ୍ଟନାୟକ ବିଚାରକ ଭାବେ ଯୋଗଦେଇଥିଲେ। ବ୍ଲକର ୩୫ ବିଦ୍ୟାଳୟରୁ ୩୫ ଛାତ୍ରଛାତ୍ରୀ ବିଜ୍ଞାନ ଆଲୋଚନାଚକ୍ରରେ ଭାଗନେଇଥିଲେ। ଏହି ଛାତ୍ରଛାତ୍ରୀଙ୍କ ସହ ଏବଂ ୩୫ ଜଣ ଗାଇଡ୍ ଶିକ୍ଷକ ଏଥିରେ ସାମିଲ ହୋଇଥିଲେ। କୋଶଳା ହାଇସ୍କୁଲର ଶୁଭଶ୍ରୀ ବେହେରା ପ୍ରଥମ ଓ ଜରପଡ଼ା ପତିତପାବନ ହାଇସ୍କୁଲର ଯୁବିକା ପ୍ରୀତିସ୍ମୃତି ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଉଭୟଙ୍କୁ ଅତିଥି ଟ୍ରଫି ସହିତ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ




ପବିତ୍ରନଗର,୧।୯ (ସମିସ): ସ୍ଥାନୀୟ ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ' ଦ୍ୱାରା ୬ ଦିନ ବ୍ୟାପୀ ଆୟୋଜିତ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ସରକାରଙ୍କ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମର ଉଦଯାପନୀ ସଭାରେ ଅଧ୍ୟକ୍ଷ ବନୋଜ କୁମାର ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିବା ସହ ବାଳିକାମାନଙ୍କ ଶତ ପ୍ରତିଶତ ଯୋଗଦାନକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ପରିଚାଳକ ଦିବ୍ୟରଞ୍ଜନ ରାଉତ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ନାରୀ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। 'ଶକ୍ତିଶ୍ରୀ' ସଂଯୋଜିକା ଅଧ୍ୟାପିକା ପ୍ରତିଭାରାଣୀ ପ୍ରଧାନ, ଅଧ୍ୟାପକ ସନ୍ତୋଷ କୁମାର ସାହୁ ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ କାଳୀଚରଣ ସାହୁ, ଧନଞ୍ଜୟ ପ୍ରଧାନ, ଅଧ୍ୟାପିକା ବୈଜୟନ୍ତୀ ନାୟକ, ମଧୁସ୍ମିତା ସାମଲ, ପ୍ରଦ୍ୟୁମ୍ନ କୁମାର ସାହୁ, ଧ୍ରୁବଚରଣ ପ୍ରଧାନ, କିଶୋର ସାହୁ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

# ୮୯ ଅଭିଯୋଗ ଗ୍ରହଣ, ୮ଟିର ତତ୍କାଳ ସମାଧାନ

କଣିହାଁ,୧।୯ (ସମିସ):

କଣିହାଁ ବ୍ଲକ କାର୍ଯ୍ୟାଳୟ ପବିତ୍ରମୋହନ ସଭାଗୃହରେ ସୋମବାର ଅନୁଗୋଳ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳ ଅବ୍ଦାଲ ଏମ୍. ଅଖତରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୮୯ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୭ଟି ବ୍ୟକ୍ତିଗତ ଏବଂ ୧୨ଟି ଗ୍ରାମ୍ୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା। ୮ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି।

ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୫ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ବୁରୁକୁନା ପଞ୍ଚାୟତର କୁମ ବାରିକ ଓ ଗଦାଧର ବେହେରାଙ୍କୁ



କର୍କଟ ରୋଗ ଚିକିତ୍ସା ପାଇଁ ୭,୫୦୦ ଟଙ୍କା ଲେଖାଏଁ, କଣିହାଁର ସୁବାସ ନାଏକଙ୍କୁ ଚିକିତ୍ସା ପାଇଁ ୭,୫୦୦ ଟଙ୍କା, ଡେରେଙ୍ଗ ପଞ୍ଚାୟତର ଖୁଲଣା ଗୋଛାୟତଙ୍କୁ ଜୀବନଜୀବିକା ନିର୍ବାହ ପାଇଁ ୫,୦୦୦ ଟଙ୍କା ଏବଂ ସୋମନାଥ ମହାନ୍ତିଙ୍କୁ ୭,୫୦୦ ଟଙ୍କା ଓ ବୁରୁକୁନା ପଞ୍ଚାୟତର ନରୋତ୍ତମ ମହାନ୍ତିଙ୍କୁ କିଡନୀ ରୋଗ ଚିକିତ୍ସା ପାଇଁ ୭,୫୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଶିବିରରେ ଗ୍ରାମ୍ୟ ସମସ୍ୟା, କଳକାରଖାନା ଦ୍ୱାରା ଅଧିଗ୍ରହୀତ ଜମିର କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଓ ଥଇଥାନ, ଜମିଜମା ବିବାଦ, ରାସ୍ତାଘାଟ ମରାମତି, ପାନୀୟଜଳ, ଭତ୍ତା, ରାସନ, ଆବାସ ସମେତ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅଭିଯୋଗ ଦାଖଲ ହୋଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଉଦୟ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ଆଇଏଏସ୍ ପ୍ରୋବେସନର ଅଭି ଜୈନ, ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ପ୍ରଣବରଞ୍ଜନ ସାହୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୨୫ କିଲୋ ଗଞ୍ଜେଇ ଜବତ, ୨ ଗିରଫ

**କେନ୍ଦ୍ରାପଡ଼ା,୧।୯ (ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ଉ କରି ୨୫ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଓ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ କେଚରପଡ଼ା ଗ୍ରାମରେ ଚଢ଼ଉ କରାଯାଇ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ କେଚରପଡ଼ାର ସୂର୍ଯ୍ୟକାନ୍ତ ବାରିକ (୩୨) ଓ ରଶ୍ମୀକାନ୍ତ ବାରିକ (୪୦)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ଥିଲେ।



## ୫୦୦ ଲିଟର ମଦ ଜବତ, ଜଣେ ଗିରଫ

**ପଟ୍ଟାମୁଣ୍ଡାଇ,୧।୯ (ସମିସ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନିଗିନପୁର ଗ୍ରାମରେ ପୁଲିସ ଚଢ଼ଉ କରି ୫୦୦ ଲିଟର ଚୋରାମଦ ଜବତ କରିବା ସହ କାଶୀନାଥ ସେଠୀଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ଗ୍ରାମାଞ୍ଚଳ ଥାନା ଆଇଆଇସି ପ୍ରଦୀପ୍ତ କୁମାର କାନୁନଗୋ ପ୍ରକାଶ କରିଛନ୍ତି। କାଶୀନାଥ ସେଠୀ ରାଜନଗର ଅଞ୍ଚଳରୁ ଚୋରା ମଦ ଆଣି ଘରେ ରଖି ଛୋଟ ବ୍ୟବସାୟୀ ଓ ଲୋକଙ୍କୁ ବିକ୍ରି କରୁଥିଲେ। ଏ ଖବର ପାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀ କାନୁନଗୋଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ମଦ ଜବତ ହେବା ସହ କାଶୀନାଥଙ୍କୁ ଗିରଫ କରାଯାଇଛି।

## ବ୍ୟବସାୟୀ ଭଗବାନ ସାହୁଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ,୧।୯ (ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ବାଲିପଡ଼ା ଗ୍ରାମର ଭଗବାନ ସାହୁଙ୍କ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ବିଦୁଲତା ସାହୁ, ପ୍ରାଧ୍ୟାପକ ଶରତ ସାହୁ, ଅଶୋକ ସାହୁ, ସନ୍ଦୀପ ସାହୁ, ସମ୍ବିତ ସାହୁ ପ୍ରମୁଖଙ୍କ ସହ ପରିବାର, ବନ୍ଧୁବର୍ଗ ଉପସ୍ଥିତ ଥିଲେ। ସେ ଜଣେ ମେଳାପୀ, ବନ୍ଧୁପ୍ରିୟ, ପରୋପକାରୀ ବ୍ୟକ୍ତି ଥିଲେ। ବାଲିପଡ଼ା ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର ସନ୍ଦୀପ ସାହୁ ମୁଖାଗ୍ନି ଦେଇଥିଲେ।

## ବନ୍ୟା କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଦାବି

**ରାଜକନିକା,୧।୯ (ସମିସ):** ତିନିଥର ବନ୍ୟାରେ ନଦୀକୂଳିଆ ପଞ୍ଚାୟତ କାଟଣାବଣିଆଁ ପଞ୍ଚାୟତର ବହୁ କ୍ଷତି ହୋଇଥିବାବେଳେ ଏହି ପଞ୍ଚାୟତର କ୍ଷୟକ୍ଷତି ଆକଳନ କରିବା ସହ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଏହି ପଞ୍ଚାୟତର ବାଜପୁର, ପାଣ୍ଡରକୋଲି, ସିଙ୍ଗିଡ଼ି, ବଣିଆ, କାଟଣା, ପତରପୁର, ବିରାଡିଆ, ଡାଏଣିଗିରି, ଧାମରା, ଜୟକୁଣ୍ଡା, ବିଶାବାଟ ଆଦି ଗ୍ରାମର ସମସ୍ତ ଶାରଦ ଧାନ ଫସଲ ସମ୍ପୂର୍ଣ୍ଣ ଧୋଇ ଯାଇଛି। କଚ୍ଚା ଘର ଭାଙ୍ଗିବା ସହ କାନ୍ଥ ଭୁଶୁଡ଼ି ପଡିଛି। ଏହି ପଞ୍ଚାୟତର କ୍ଷତିଗ୍ରସ୍ତ ଗାଁରେ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର କୌଣସି ଆକଳନ କରାଯାଇନାହିଁ। ବନ୍ୟାରେ ସର୍ବସ୍ୱ ହରାଇଥିବା କାଟଣାବଣିଆ ପଞ୍ଚାୟତର କ୍ଷୟକ୍ଷତିର ତୁରନ୍ତ ଆକଳନ କରି ପଲିଥିନ, ଘରଭଙ୍ଗା ସାହାଯ୍ୟ ଯୋଗାଇବା, ରବିଋତୁ ଚାଷ ପାଇଁ ବିହନ, କୃଷି ଋଣ ଛାଡ଼ ସହ ଲୋକଙ୍କ ଧନ ଜୀବନ ସୁରକ୍ଷା ପାଇଁ ବିଜୟ ଲେଙ୍କା, ପ୍ରସନ୍ନ ବିଶ୍ୱାଳ, ମନୋଜ ରାଉତ, ଧନୁର୍ଜୟ ଦାସ ପ୍ରମୁଖ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

## ପିଏମ୍ ବିଶ୍ୱକର୍ମା ଓ ଇ-ବାଣିଜ୍ୟ ସଚେତନତା



**କେନ୍ଦ୍ରାପଡ଼ା,୧।୯ (ସମିସ):** ବାରୋଷ୍ଟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ପିଏମ୍ ବିଶ୍ୱକର୍ମା ଯୋଜନା, ଇ-ବାଣିଜ୍ୟ ଓ ବଜାରକରଣ ରଣନୀତି ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ପ୍ରାୟ ୧୩୦ ଜଣ କାରିଗର, ଉଦ୍ୟୋଗୀ ଓ ମିଶନ ଶକ୍ତି ସଦସ୍ୟ ଯୋଗଦେଇଥିଲେ। ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ କାରିଗରମାନେ ନିଜ ଦକ୍ଷତା ଓ ଉତ୍ପାଦକୁ ଆଧୁନିକ ବଜାର ସହ ଯୋଡ଼ିବା ସହ ଡିଜିଟାଲ ମାଧ୍ୟମର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପିଏମ୍ ବିଶ୍ୱକର୍ମା ଯୋଜନାର ସୁବିଧା, ଅନ୍‌ଲାଇନ୍‌ରେ ଉତ୍ପାଦ ବିକ୍ରୟ, ଡିଜିଟାଲ ବଜାରକରଣ ଓ ବ୍ୟବସାୟ ସମ୍ପ୍ରସାରଣ ସମ୍ପର୍କରେ ମାଷ୍ଟର ପ୍ରଶିକ୍ଷକ ସଚେତନ କରିଥିଲେ। ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ପ୍ରଦୀପ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରଶିକ୍ଷକ ଉପସ୍ଥିତ ଥିଲେ।

## ତୀର୍ଥଯାତ୍ରାରେ ଗଲେ କେନ୍ଦ୍ରାପଡ଼ାର ୧୦୮ ବରିଷ୍ଠ ନାଗରିକ



**କେନ୍ଦ୍ରାପଡ଼ା,୧।୯ (ସମିସ):** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭ ଅଧୀନରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୦୮ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା, ବାରାଣସୀ ତୀର୍ଥଯାତ୍ରାରେ ବାହାରିଛନ୍ତି। ମଙ୍ଗଳବାର କେନ୍ଦ୍ରାପଡ଼ା ସଂସ୍କୃତି ଭବନରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଯାତ୍ରା ପୂର୍ବରୁ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର ପଠାଯାଇଛି। ସେଠାରେ ରାତ୍ରିଯାପନ ପରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଯାତ୍ରା କରିବେ। ଏହି ୧୦୮ ଜଣଙ୍କ ମଧ୍ୟରେ ୬୩ ଜଣ ପୁରୁଷ ଓ ୪୫ ଜଣ ମହିଳା ଅଛନ୍ତି। ୬୦ ଜଣ ଏକକ ତୀର୍ଥଯାତ୍ରୀ ଥିବାବେଳେ ୨୪ ଦମ୍ପତି ମଧ୍ୟ ଯାତ୍ରାରେ ସାମିଲ ହୋଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ରାଜକନିକାର ଦୁଇ ଯାତ୍ରୀ

**ରାଜକନିକା,୧।୯ (ସମିସ):** ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରାଜକନିକାର ଦୁଇ ବରିଷ୍ଠ ନାଗରିକ ସାମିଲ ହୋଇଛନ୍ତି। ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ବରିଷ୍ଠ ନାଗରିକ ଅଯୋଧ୍ୟା, କାଶୀ ଓ ବାରଣାସୀ ତୀର୍ଥସ୍ଥାନ ଦର୍ଶନ କରିବେ। ରାଜକନିକା ଜୋରଳ ଗାଁର ଶୈଳବାଳା ବେହେରା ଓ ଗୋବାଙ୍ଗ ଗାଁର ଅମର ନାୟକ ଜିଲ୍ଲାରୁ ଯାଉଥିବା ବରିଷ୍ଠ ନାଗରିକଙ୍କ ସହ ଭୁବନେଶ୍ୱର ଯାଇଛନ୍ତି। ରାଜକନିକା ବ୍ଲକ୍ ଅଫିସରୁ ଏହି ଦୁଇ ବରିଷ୍ଠ ନାଗରିକଙ୍କୁ ଜିଲ୍ଲା ଦପ୍ତର ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ରାଜକନିକା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଅର୍ପଣ କରାଯାଇଛି।

## ମେଲେରିଆ, ଡେଙ୍ଗୁ ଓ ଡାଇରିଆ ସଚେତନତା ରଥ ଶୁଭାରମ୍ଭ



**ରାଜକନିକା,୧।୯ (ସମିସ):** ମେଲେରିଆ, ଡେଙ୍ଗୁ ଓ ଡାଇରିଆ ରୋଗରୁ ଲୋକଙ୍କୁ ସୁରକ୍ଷିତ ରଖିବା ସହ ରୋଗ ପ୍ରତିରୋଧ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବାଦଲ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ତୃପ୍ତି ରାଉତ ପତାକା ଦେଖାଇ ସଚେତନତା ରଥକୁ ଶୁଭାରମ୍ଭ କରିଛନ୍ତି। ଏ ଅବସରରେ ଡାକ୍ତର ସରଣୀ ରଞ୍ଜନ ସାମଲ, ବିପିଏମ୍ ବିଶ୍ୱରଞ୍ଜନ ଜେନାଙ୍କ ସମେତ ସୁପରଭାଇଜର, ବିଏଏମ୍, ବିଡିଏମ୍, ସିଏଚ୍‌ଓ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ। ଏହି ରଥ ରାଜକନିକା ବ୍ଲକର ୨୯ଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପରିକ୍ରମା କରିବ। ସଚେତନତା ରଥ ମାଧ୍ୟମରେ ଗ୍ରାମାଞ୍ଚଳରେ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବଢ଼ିବା ସହ ମଶାଜନିତ ରୋଗ ଓ ଡାଏରିଆ ନିୟନ୍ତ୍ରଣରେ ଏହା ସହାୟକ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ଆଶା ପ୍ରକାଶ କରିଛି।

### ଗୌଡ଼ବାଡ଼ପୁର-ମଙ୍ଗଳପୁର କେନାଲ ବନ୍ଧ ରାସ୍ତା ଶୋଚନୀୟ

# ରାସ୍ତାରେ ବଡ଼ ଗର୍ତ୍ତ, ଘଟୁଛି ଦୁର୍ଘଟଣା

**ମହାକାଳପଡ଼ା,୧।୯ (ସମିସ)**



କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନ ଗୌଡ଼ବାଡ଼ପୁର-ମଙ୍ଗଳପୁର କେନାଲ ବନ୍ଧରାସ୍ତା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରାମତି କରାଯିବାକୁ ଦାବି ହେଉଛି।

ଦୀର୍ଘଦିନ ଧରି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାରେ ସୃଷ୍ଟି ହୋଇଛି ବଡ଼ ବଡ଼ ଗାତ। ରାସ୍ତାର ଅନେକ ସ୍ଥାନରୁ ପିଚୁ ଉଠିଯାଇଛି ଓ ଖାଲଖମାରେ ଭରିଯାଇଛି। ବର୍ଷା ହେଲେ ଏହି ଗାତଗୁଡ଼ିକ ପାଣିରେ ଭରିଯାଉଥିବାରୁ ଗାତର ଗଭୀରତା ଜଣାପଡୁନାହିଁ। ଫଳରେ ଏହି ରାସ୍ତା ଯାତାୟାତ ପାଇଁ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀଙ୍କ ସମେତ ହଜାର ହଜାର ଲୋକେ ଯାତାୟାତ କରୁଛନ୍ତି। କିନ୍ତୁ ରାସ୍ତାର ଅବସ୍ଥା ଏପରି ହୋଇଛି ଯେ, ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡିବ। ବିଶେଷକରି ରାତି ସମୟରେ ଗାତ ଦେଖା ନ ଯିବାରୁ ବାଇକ୍ ଓ ସାଇକଲ ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଜନସାଧାରଣଙ୍କ ଜୀବନ ଓ ସୁରକ୍ଷା ସହ ଜଡ଼ିତ ଏହି ରାସ୍ତା ପ୍ରତି ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ରାସ୍ତାର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

### କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ନୂଆ ପଦକ୍ଷେପ

## ପୁରୁଣା ବସ୍‌ଷ୍ଟାଣ୍ଡ ଶାଖାରେ ରାତି ୭ଟା ଯାଏ ଗ୍ରାହକ ସେବା

**କେନ୍ଦ୍ରାପଡ଼ା,୧।୯ (ସମିସ):** ଗ୍ରାହକଙ୍କ ସୁବିଧାକୁ ପ୍ରାଥମିକତା ଦେଇ କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପକ୍ଷରୁ ନୂଆ ପଦକ୍ଷେପ ନିଆଯାଇଛି। ସହରର ପୁରୁଣା ବସ୍‌ଷ୍ଟାଣ୍ଡସ୍ଥ ବ୍ୟାଙ୍କ ଶାଖାରେ ଏଣିକି ପ୍ରତ୍ୟେକ କାର୍ଯ୍ୟ ଦିବସରେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଗ୍ରାହକଙ୍କୁ ଆର୍ଥିକ କାରବାର ସେବା ମିଳିବ। ବ୍ୟାଙ୍କର ପରିଚାଳନା ପରିଷଦର ନିଷ୍ପତ୍ତି ଅନୁଯାୟୀ, ଏହି ଶାଖାରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦେଣନେଣ ସମେତ ଆବଶ୍ୟକ ଆର୍ଥିକ କାରବାର କରାଯାଇପାରିବ। ଏହି ବର୍ଦ୍ଧିତ ସମୟର ସୁବିଧା କେବଳ ପୁରୁଣା ବସ୍‌ଷ୍ଟାଣ୍ଡ ଶାଖାରେ ଉପଲବ୍ଧ ହେବ। ଜିଲ୍ଲାରେ ଗ୍ରାହକଙ୍କୁ ଏଭଳି ଦୀର୍ଘ ସମୟ ଧରି ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବାରେ କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପ୍ରଥମ ବ୍ୟାଙ୍କ ବୋଲି ପରିଚାଳନା ପରିଷଦ ପକ୍ଷରୁ କୁହାଯାଇଛି। ଏହି ନିଷ୍ପତ୍ତି ଫଳରେ ଚାକିରିଜୀବୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଗ୍ରାହକ କାର୍ଯ୍ୟ ସମୟ ପରେ ମଧ୍ୟ ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ। ଆଗାମୀ ଦିନରେ ଗ୍ରାହକ ସେବାର ସମୟକୁ ଆହୁରି ବୃଦ୍ଧି କରି ପୂର୍ବାହ୍ନ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ କରିବାକୁ ବ୍ୟାଙ୍କ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏହା ଲାଗୁ ହେଲେ ବ୍ୟାଙ୍କର ଗ୍ରାହକ ଅଧିକ ସମୟ ଧରି ଆର୍ଥିକ ସେବା ପାଇବାର ସୁଯୋଗ ପାଇବେ। ଗ୍ରାହକଙ୍କ ଆବଶ୍ୟକତା ଓ ସୁବିଧାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ପକ୍ଷରୁ ଏହି ସେବା ଆରମ୍ଭ କରାଯାଇଥିବା ପରିଚାଳନା ପରିଷଦ ସଭାପତି ଗୁରୁପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି।

### ଦୀପ୍ତିକାନ୍ତ ପରିଜାଙ୍କ ଷଷ୍ଠ ଶ୍ରାଦ୍ଧ ଦିବସ

# ବିଜେଡି ହିଁ ପାଟକୁରାବାସୀଙ୍କ ସ୍ପନ୍ଦନ: ଅତନୁ ସବ୍ୟସାଚୀ

**ଗରଦପୁର,୧।୯ (ସମିସ):** ବିଜେଡି ହିଁ ପାଟକୁରାବାସୀଙ୍କ ସ୍ପନ୍ଦନ। ଏବେବି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟକୁରାବାସୀଙ୍କ ହୃଦୟରେ ଅଛନ୍ତି। ବିଜେଡି ସମୟରେ ପାଟକୁରାର ବିକାଶ ସହ ଯୋଗାଯୋଗର ଯୁଗ ଆରମ୍ଭ ହୋଇଥିଲା ବୋଲି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗରଦପୁର ବ୍ଲକ୍ କୋରୁଆସ୍ଥ ବାସଭବନରେ ନିଜର ଏକାନ୍ତ ଅନୁଗତ ତଥା ପୂର୍ବତନ ସମିତି ସଭ୍ୟ ଦୀପ୍ତିକାନ୍ତ ପରିଜାଙ୍କ ୬ଷ୍ଠ ଶ୍ରାଦ୍ଧ ଦିବସ ଅବସରରେ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଦୀପ୍ତିକାନ୍ତ କେବଳ ମୋ' ପାଇଁ କର୍ମୀ ନ ଥିଲେ, ସେ ମୋର ସାନଭାଇ ଥିଲେ। ଏଭଳି କର୍ମୀଙ୍କ ଅକାଳ ବିୟୋଗ ମୋତେ ଅଧିକ ଦୁଃଖ ଦେଇଥିଲା। ପାଟକୁରା ନିର୍ବାଚନମଣ୍ଡଳୀରେ ବିକାଶ ତ ହୋଇଥିଲା, ତାହା ସହିତ କରିଲୋପାଟଣା, କଳପଡା, କଳାବୁଦା, ତାଳସଙ୍ଗା, ପାଟକୁରା ସମେତ ଅନେକ ସ୍ଥାନରେ ବିଭିନ୍ନ ନଦୀ ଉପରେ ୨୦୦୦ରୁ ସେତୁ ନିର୍ମାଣ କରାଯାଇ ଯୋଗାଯୋଗ ଯୁଗ ଆରମ୍ଭ ହୋଇଥିଲା ବୋଲି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ପୂର୍ବତନ କାଉନସିଲର ହିରଣ୍ମୟ ପଣ୍ଡା, ବିଜେଡି ନେତା ଅମିୟ ପରିଜା, କେଦାରନାଥ ସାମନ୍ତରାୟ, ଅବସରପ୍ରାପ୍ତ ଶିକ୍ଷକ ବିଚିତ୍ର ପଟ୍ଟନାୟକ, ଭୁବନ ମୋହନ ଜେନା, ପୂର୍ବତନ ସମିତି ସଭ୍ୟ ଅଟଳ ବିହାରୀ ଜେନା, ଭଜହରି ସେନାପତି, ମହିଳା ସଭାନେତ୍ରୀ ଶୁଦ୍ଧିମିତା ଲେଙ୍କା ପ୍ରମୁଖଙ୍କ ସମେତ ୩ ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଶ୍ରୀକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଦୀପ୍ତିରଞ୍ଜନ ମହାନ୍ତି, ସୌନ୍ଦର୍ଯ୍ୟ ପଣ୍ଡା, ହିମାଂଶୁ ଚୌଧୁରୀ, ସେକ ମନୁ ପ୍ରମୁଖ ପରିଚାଳନା କରିଥିଲେ।



## ମରାମତି ହେଲା ଟ୍ରାନ୍ସଫର୍ମର କଟ୍ ଆଉଟ୍ ବକ୍ସ




**ମହାକାଳପଡ଼ା,୧।୯ (ସମିସ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଦେଉଳପଡ଼ା ପଞ୍ଚାୟତ ମେରଦା ଗ୍ରାମର ଶେଷ ମୁଣ୍ଡରେ ବଳିଆବାବ ଆଶ୍ରମ ସମ୍ମୁଖରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ନେଇ ବିପଦ ବଢ଼ିବା ଆଶଙ୍କା ରହିଥିଲା। ଭୂମିଠାରୁ ଦୁଇ ଫୁଟ ଉଚ୍ଚତାରେ ଯେଉଁ କଟ୍ ଆଉଟ୍ ବକ୍ସ ରହିଛି ସେଥିରେ କଭର ନ ଥିଲା। ଯାହାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଥିଲେ। ଏ ନେଇ ଅଗଷ୍ଟ ୩୧ରେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ଆଜି ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ଦେଖାଇଛନ୍ତି। ମୁକୁଳା ଓ ବିପଦସଙ୍କୁଳ ଭାବେ ଥିବା କଟ୍‌ଆଉଟ୍ ବକ୍ସ ମରାମତି ହେବା ସହ ସେଥିରେ କଭର୍ ଲଗାଯାଇଛି।

## ଡେରାବିଶ ହାଇସ୍କୁଲ ପ୍ଲାଟିନମ୍ ଜୁବୁଲି ପ୍ରସ୍ତୁତି ବୈଠକ



**ଡେରାବିଶ,୧।୯ (ସମିସ):** ଦୁମୁକାହାଟସ୍ଥ ଡେରାବିଶ ହାଇସ୍କୁଲ ସଫଳତାର ସହ ପ୍ରତିଷ୍ଠାର ୭୫ ବର୍ଷ ପୂରଣ କରିପାରିଛି। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଗଠନ ହୋଇଥିବା ଡେରାବିଶ ହାଇସ୍କୁଲ ଆଲୁମିନି ଆସୋସିଏସନ ପକ୍ଷରୁ ଆଗାମୀ ଦିନରେ ଭବ୍ୟ ଢଙ୍ଗରେ ପ୍ଲାଟିନମ ଜୁବୁଲି ପାଳନ କରିବାର ନିଷ୍ପତ୍ତି ନିଆଯାଇଛି। ରବିବାର ଆସୋସିଏସନ କର୍ମକର୍ତ୍ତା ତଥା ପୁରାତନ ଛାତ୍ର ମୋହନ ଦାସଙ୍କ ପୌରୋହିତ୍ୟରେ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ଶ୍ରେଣୀଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଗାମୀ ବିଦ୍ୟାଳୟ ପ୍ଲାଟିନମ ଜୁବଲି ଉତ୍ସବକୁ ସରସସୁନ୍ଦର, ଅତ୍ୟନ୍ତ ଭବ୍ୟ ଓ ଆକର୍ଷକ କରିବାକୁ ଆଲୋଚନା କରିଥିଲେ। ଆସନ୍ତା ୧୩ ତାରିଖ ଦିନ ଏହି ବିଦ୍ୟାଳୟ ପରିସରରେ ପୁନର୍ବାର ବୈଠକ କରାଯାଇ ଏହି ବିଦ୍ୟାଳୟ ପ୍ଲାଟିନମ ଜୁବୁଲି ଉତ୍ସବର ଚୂଡ଼ାନ୍ତ ରୁପରେଖ ପ୍ରସ୍ତୁତ କରାଯିବା ନେଇ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଲୁମନି ଆସୋସିଏସନ କର୍ମକର୍ତ୍ତା ରାମଚନ୍ଦ୍ର ରାଉତ, ସୁଶୀଲ ମିଶ୍ର, ପୂର୍ଣ୍ଣଚନ୍ଦ୍ର କର, ଅକ୍ଷୟ ସାହୁ, କେଶବ ପ୍ରଧାନ, ଗୁରୁଚରଣ ସେଠୀ, ରଞ୍ଜନ ସାମଲ, ବିଧୁଭୂଷଣ ମିଶ୍ର, ସୁଶାନ୍ତ କର, ଅରବିନ୍ଦ ଦାସ, ସୁରେନ୍ଦ୍ର ମହାପାତ୍ର, ଅତୁଲ୍ୟ ରଥ, ସାନିଆ ହସନାତ୍, ବିଶ୍ୱମୋହନ ଦାସ, ଅନୁପ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ୟାଞ୍ଚଳରେ ରିଲିଫ୍ ବଣ୍ଟନ

## ସିଆ ଫାଉଣ୍ଡେସନ



**ପଟ୍ଟାମୁଣ୍ଡାଇ,୧।୯ (ସମିସ):** ଅଗ୍ରଣୀ ସମାଜସେବୀ ସଂଗଠନ ସିଆ ଫାଉଣ୍ଡେସନ ପକ୍ଷରୁ ସଭାପତି ସଂଗୀତା ବେହୁରାଙ୍କ ନେତୃତ୍ୱରେ ଟିମ ସଦସ୍ୟ ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଅଞ୍ଚଳର ତନୁପୁର ଓ ଚଢ଼େଇଡିଆ ଗ୍ରାମର ୨୦୦ ପରିବାରକୁ ଅଟା, ଚୁଡା, ମୁଡି, ଚିନି, ପାଉଁରୁଟି, ବିସ୍କୁଟ ଆଦି ବିଭିନ୍ନ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି। ଲୋକଙ୍କ ବିପଦ ସମୟରେ ଠିଆ ହୋଇ ସହାୟତାର ହାତ ବଢ଼ାଇବା ଲକ୍ଷ୍ୟ ନେଇ ସଂଗଠନ କାମ କରିଚାଲିଛି ବୋଲି ସଭାପତି ଶ୍ରୀମତୀ ବେହୁରା ପ୍ରକାଶ କରିଛନ୍ତି।


## ଜୀବନ ବୀମା କର୍ମଚାରୀ ସଂଘ



**ପଟ୍ଟାମୁଣ୍ଡାଇ:** କଟକ ଡିଭିଜନ ଇନସ୍ୟୁରାନ୍ସ ଏମ୍ପ୍ଲୋଇଜ ଆସୋସିଏସନ (ସିଡିଆଇଏ) ଓ ଅଲ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ଏମ୍ପ୍ଲୋଇଜ ଆସୋସିଏସନ (ଏଆଇଆଇଇଏ) ନେତୃତ୍ୱରେ ପଟ୍ଟାମୁଣ୍ଡାଇ ଜୀବନବୀମା ଶାଖା କର୍ମଚାରୀ ଅଭିମନ୍ୟୁ ଦାସ, ସନ୍ତୋଷ ବେଉରା, ତ୍ରିଦିବ ବେହେରା, ସ୍ମୃତିରଞ୍ଜନ ସାହୁ, ଭୀମସେନ ବାରିକ, ଅଭୟ ମାଝୀ, ଚନ୍ଦ୍ରଶେଖର ଦାସ ଓ ପଦ୍ମଲାଭ ଲେଙ୍କା ପ୍ରମୁଖ ବନ୍ୟା ବିପନ୍ନ ଡାମରପୁର ପଞ୍ଚାୟତର ଜେନାପଟଣା, ଶାସନ, ଉପରସାହି, ରାଘପୁର, କନ୍ଦସାହି ଓ ସେଠୀ ସାହିର ୨୧୦ ପରିବାରକୁ ରିଲିଫ ବଣ୍ଟନ କରିଛନ୍ତି। ପୂର୍ବତନ ସରପଞ୍ଚ ସୁବାସ ଦାସ, ବସନ୍ତ ସାହୁ ଓ ନିଗମ ଆଚାର୍ଯ୍ୟ ସହାୟତା କରିଥିଲେ।

## ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ, ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ

**ପଟ୍ଟାମୁଣ୍ଡାଇ:** କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ଓ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତର ବନ୍ୟାବିପନ୍ନଙ୍କୁ ରିଲିଫ୍ ବଣ୍ଟନ କରାଯାଇଛି। ମହାସଂଘ ସଭାପତି ଶରତ ବେହୁରାଙ୍କ ନେତୃତ୍ୱରେ ପୀତବାସ ବେହେରା, ସଂଗ୍ରାମ ଜେନା, ପ୍ରକାଶ ପରିଡ଼ା, ସୁଶୀଲ ସାମଲ, ତରୁଣ ପ୍ରଧାନ, ରାଜକିଶୋର ରାଉତରାୟ, ବାବାଜୀ ଧଳ, ଜଗନ୍ନାଥ ଧଳ, ସୁକାନ୍ତ ମହାନ୍ତି, ସତ୍ୟଭାମା ସାହୁ, ଆଦିତ୍ୟ ମଲ୍ଲିକ, ମହେନ୍ଦ୍ର ଧଳ, ବିଷ୍ଣୁ ସାହୁ, ପ୍ରଭାବତୀ ମହାନ୍ତି, ଜୟରାମ ରାଉତ, ପଟ୍ଟାମୁଣ୍ଡାଇ ନଗର ସଭାପତି ଜୟକୃଷ୍ଣ ରାଉତ, ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ଶରତ ବେହୁରା, ମୁକ୍ତାର ଖାଁ, ସୟଦ ଇସମାଇଲ ହୁସେନ, ସୁଭାଷ ମଲ୍ଲିକ, ପୀତବାସ ବେହେରା ପ୍ରମୁଖ ବଳଭଦ୍ରପୁର ପଞ୍ଚାୟତ ବନ୍ୟା ବିପନ୍ନ ୩୨୦ ପରିବାରକୁ ଚୁଡ଼ା, ଗୁଡ଼, ବିସ୍କୁଟ, ମୁଢ଼ି, ପାଣି ବୋତଲ, ମହମବତୀ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ।



## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଗରଦପୁର,୧।୯ (ସମିସ):** ଭିନ୍ନକ୍ଷମଙ୍କୁ ସରକାରୀ ସୁବିଧା ଓ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗରଦପୁର ବ୍ଲକ ନଇନ୍ଦିପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଆଲୋକ ସେଠୀ ଶିବିରକୁ ଉଦ୍‌ଘାଟନ କରି ଭିନ୍ନକ୍ଷମ ବ୍ୟକ୍ତିଙ୍କ ଆବଶ୍ୟକତା ପୂରଣ ଓ ସରକାରୀ ସୁବିଧା ପ୍ରଦାନରେ ଏଭଳି ଶିବିର ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସାଂସଦଙ୍କ ପ୍ରତିନିଧି ବିଜୟ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାସୁଦେବ ବେହେରା, ଦିଲ୍ଲୀପ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ତଳକୁସୁମା ସରପଞ୍ଚ ପ୍ରଭାତ ନଳିନୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ବିଡିଓ ସଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୨୫୭ ଜଣ ହିତାଧିକାରୀଙ୍କ ପଞ୍ଜୀକରଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମାନସିକ ଅନଗ୍ରସର ବିଭାଗରେ ୫୦ ଜଣ, ଚକ୍ଷୁ ବିଭାଗରେ ୨୯ ଜଣ, ଅସ୍ଥିଶଲ୍ୟ ବିଭାଗରେ ୧୩୨ ଜଣ, ଶିଶୁ କଲ୍ୟାଣ ବିଭାଗରେ ୨୨ ଜଣ ଓ ଶ୍ରବଣବାଧିତ ବିଭାଗରେ ୨୪ ଜଣ ହିତାଧିକାରୀଙ୍କ ପରୀକ୍ଷା କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ସିପି ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ପଞ୍ଚାୟତ ଅଧିକାରିଣୀ ପାର୍ବତୀ ବାରିକ, ଶୁଭଶ୍ରୀ ନାୟକ, ସତ୍ୟଜିତ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଚୈତନ୍ୟ ବିଶ୍ୱାଳ ଓ ଅତିରିକ୍ତ ସିପି ଶାରଦା ବାରିକ ଶିବିର ପରିଚାଳନା କରିଥିଲେ।

## ବିକେବି ବିଦ୍ୟାଳୟରେ ସଂସ୍କୃତ ଦିବସ

**ଗୋବିନ୍ଦପୁର,୧।୯ (ସମିସ):** ହାବଳଗଣ୍ଡ ପାଟଣା ବିକେବି ଉଚ୍ଚବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ରାହାସ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସଞ୍ଜୟ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରୋଜି ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନମତରା ହାଇସ୍କୁଲର ପ୍ରାକ୍ତନ ସଂସ୍କୃତ ଶିକ୍ଷକ ପଣ୍ଡିତ ବଟକୃଷ୍ଣ ପଣ୍ଡା ଯୋଗଦେଇ ସଂସ୍କୃତ ଦିବସର ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରଫୁଲ୍ଲ ସୂତାର, କବି ରତିକାନ୍ତ ଦାସ, ସମାଜସେବୀ ଅଭିମନ୍ୟୁ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ପିଲାଙ୍କ ମଧ୍ୟରେ ଗୀତା ଆବୃତ୍ତି ଓ ଶ୍ଳୋକ ଉଚ୍ଚାରଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### କରିଲୋପାଟଣା ଡିଗ୍ରୀ କଲେଜରେ ଅଧ୍ୟକ୍ଷ ପଦକୁ ନେଇ ବିବାଦ

# ସରକାରୀ ନିର୍ଦ୍ଦେଶ ଓ ହାଇକୋର୍ଟ ରାୟକୁ ନେଇ ପ୍ରଶ୍ନ

**କେନ୍ଦ୍ରାପଡ଼ା,୧।୯ (ସମିସ)**

କରିଲୋପାଟଣା ଡିଗ୍ରୀ କଲେଜ ଅଧ୍ୟକ୍ଷ ପଦକୁ ନେଇ ବିବାଦ ତୀବ୍ର ହୋଇଛି। କଲେଜର ପ୍ରିନ୍ସିପାଲ-କମ୍-ସେକ୍ରେଟାରୀ ଓ ଡିଡିଓ ଦାୟିତ୍ୱ କାହାକୁ ଦିଆଯିବ, ତାହାକୁ ନେଇ ପୂର୍ବରୁ ଜାରି ହୋଇଥିବା ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଓ ହାଇକୋର୍ଟଙ୍କ ରାୟର ପ୍ରସଙ୍ଗ ଉଠିଛି। ଏ ନେଇ ସାଂସଦ ଡ. ବିଭୁପ୍ରସାଦ ତରାଇ ଉଚ୍ଚଶିକ୍ଷା ବିଭାଗ ପ୍ରଧାନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରି ପୁନର୍ବିଚାର ପାଇଁ ଅନୁରୋଧ କରିଛନ୍ତି। ଉପଲବ୍ଧ ସରକାରୀ ଦଲିଲ ଅନୁଯାୟୀ, କରିଲୋପାଟଣା ଡିଗ୍ରୀ କଲେଜର ଫିଲୋସଫି ଅଧ୍ୟାପକ ଲଳିତ ମୋହନ ସାମନ୍ତରାୟଙ୍କୁ ପ୍ରିନ୍ସିପାଲ-କମ୍-ସେକ୍ରେଟାରୀ ଭାବେ ନିଯୁକ୍ତି ଦେବା ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଦେଶ ଜାରି ହୋଇଥିଲା। ଏହି ଆଦେଶରେ ନିଜ ବିଷୟରେ ଶିକ୍ଷାଦାନ ସହିତ କଲେଜର ପ୍ରିନ୍ସିପାଲ-କମ୍-ସେକ୍ରେଟାରୀ ଦାୟିତ୍ୱ ତୁଲାଇବା, ଦରମା ଓ ଅନ୍ୟାନ୍ୟ ବିଲ୍‌ର ଦେଣନେଣ ପାଇଁ ଡିଡିଓ କ୍ଷମତା ପ୍ରଦାନ କରାଯାଇଥିବା ଦଲିଲରେ ଉଲ୍ଲେଖ ରହିଛି। ତେବେ ପରବର୍ତ୍ତୀ ସମୟରେ ଡ. ସୁବ୍ରତ କୁମାର ନାୟକଙ୍କୁ ପ୍ରିନ୍ସିପାଲ-ଇନ୍-ଚାର୍ଜ ଦାୟିତ୍ୱ ଦିଆଯାଇଥିବା ନେଇ ସାଂସଦଙ୍କ ଚିଠିରେ ପ୍ରଶ୍ନ ଉଠାଯାଇଛି।

ବିଶେଷକରି କଲେଜର +୩ ଓ +୨ ୱିଙ୍ଗର ପ୍ରଶାସନିକ ବ୍ୟବସ୍ଥା ଓ ଉଭୟ ୱିଙ୍ଗର କର୍ମଚାରୀଙ୍କ ଦରମା ପ୍ରଦାନ ବ୍ୟବସ୍ଥାକୁ ନେଇ ଭିନ୍ନତା ଥିବା ଦର୍ଶାଯାଇଛି। ଚିଠିରେ ଆହୁରି ଉଲ୍ଲେଖ ରହିଛି ଯେ, କରିଲୋପାଟଣା ଡିଗ୍ରୀ କଲେଜ ଏକ ବ୍ଲକ୍ ଗ୍ରାଣ୍ଟ କଲେଜ ହୋଇଥିବାରୁ ନିୟମିତ କର୍ମଚାରୀ ହେଡ୍ ଅଫ୍ ଆକାଉଣ୍ଟ ୨୧୭୨ରୁ ଦରମା ପାଉଥିବାବେଳେ ଡ. ସୁବ୍ରତ ନାୟକ ହେଡ୍ ଅଫ୍ ଆକାଉଣ୍ଟ ୦୯୭୩ରୁ ଦରମା ପାଉଥିବା କୁହାଯାଇଛି। ଏହି ବ୍ୟବସ୍ଥାକୁ ଆଧାର କରି ତାଙ୍କୁ କଲେଜର ପ୍ରିନ୍ସିପାଲ ପଦରେ ରଖାଯିବା ନେଇ ପ୍ରଶ୍ନ ଉଠାଯାଇଛି। ଏଥିସହ ହାଇକୋର୍ଟଙ୍କ ୮ ଏପ୍ରିଲ ୨୦୨୬ର ରାୟ, ଡ. ସୁବ୍ରତ କୁମାର ନାୟକଙ୍କ ନିଯୁକ୍ତି ସମ୍ପର୍କିତ ତଥ୍ୟ, ଉଚ୍ଚଶିକ୍ଷା ବିଭାଗର ପୂର୍ବ ନିର୍ଦ୍ଦେଶର ପ୍ରସଙ୍ଗ ଉଠାଇ ସାଂସଦଙ୍କ ପକ୍ଷରୁ ତାଙ୍କଠାରୁ ପ୍ରିନ୍ସିପାଲ-ଇନ୍-ଚାର୍ଜ ଓ ସେକ୍ରେଟାରୀ ଦାୟିତ୍ୱ ପ୍ରତ୍ୟାହାର କରିବାକୁ ଅନୁରୋଧ କରାଯାଇଛି। ସେହିପରି ଲଳିତ ମୋହନ ସାମନ୍ତରାୟଙ୍କୁ ପୁନର୍ବାର ପ୍ରିନ୍ସିପାଲ-କମ୍-ସେକ୍ରେଟାରୀ ସହ ଡିଡିଓ ଦାୟିତ୍ୱ ପ୍ରଦାନ କରିବାକୁ ମଧ୍ୟ ଦାବି ରହିଛି। ତେବେ ଏହା ସାଂସଦଙ୍କ ଚିଠିରେ ଉଠାଯାଇଥିବା ଦାବି ଓ ଦଲିଲ ଆଧାରିତ ଆପତ୍ତି। ଏହା ଉପରେ ଉଚ୍ଚଶିକ୍ଷା ବିଭାଗର ଚୂଡ଼ାନ୍ତ ମତାମତ କିମ୍ବା ନୂଆ ନିର୍ଦ୍ଦେଶ ସାମ୍ନାକୁ ଆସିନାହିଁ। ତେଣୁ କଲେଜର ଅଧ୍ୟକ୍ଷ ପଦକୁ ନେଇ ଚାଲିଥିବା ବିବାଦର ଅନ୍ତିମ ସମାଧାନ ଏବେ ଉଚ୍ଚଶିକ୍ଷା ବିଭାଗର ପରବର୍ତ୍ତୀ ପଦକ୍ଷେପ ଉପରେ ନିର୍ଭର କରୁଛି।

**ଲଳିତମୋହନଙ୍କୁ ପଦ ଫେରାଇବାକୁ ସାଂସଦଙ୍କ ଚିଠି**

ସକାଳ
THE SAKALA

# ସମ୍ପାଦକୀୟ



ଯେତେବେଳେ ଜଣେ ବ୍ୟକ୍ତି ତା' ଇପ୍‌ସିତ ଜୀବନ ଜିଇଁବାର ଅଧିକାରରୁ ବଞ୍ଚିତ ହୁଏ ସେତେବେଳେ ସେ ନୀତି ବିରୋଧୀ ହୋଇଯାଏ।

-ନେଲ୍‌ସନ୍ ମାଣ୍ଡେଲା

## ମହିଳା ଅଧିକାରକୁ ସମ୍ମାନ

ଗତ ଦୁଇବର୍ଷ ତଳେ ସ୍ତ୍ରୀ-ଧନ ଉପରେ ମହିଳାଙ୍କ ସଂପୂର୍ଣ୍ଣ ଅଧିକାରକୁ ସର୍ବୋଚ୍ଚ ନ୍ୟାୟଳୟ ସ୍ପଷ୍ଟ ସ୍ୱୀକୃତି ଦେଇଥିଲେ। ଏକ ବୈବାହିକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇ ସର୍ବୋଚ୍ଚ ନ୍ୟାୟାଳୟର ତତ୍କାଳୀନ ବିଚାରପତି ସଞ୍ଜୀବ ଖନ୍ନା ଓ ଦୀପଙ୍କର ଦତ୍ତଙ୍କ ପୀଠ ସ୍ପଷ୍ଟ କରିଥିଲେ ଯେ ସ୍ତ୍ରୀ-ଧନ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କ ମିଳିତ ସମ୍ପତ୍ତି ହୋଇପାରିବ ନାହିଁ। କାରଣ ପତ୍ନୀଙ୍କ ସମ୍ପତ୍ତି ଓ ଧନ ଉପରେ ପତିଙ୍କର କୌଣସି ଆଇନଗତ ଅଧିକାର ନାହିଁ। ଅଭାବ ଅସୁବିଧା ବା ଜରୁରୀ ଆବଶ୍ୟକତା ସମୟରେ ସ୍ୱାମୀ ଯଦି ସ୍ତ୍ରୀଙ୍କ ଧନ ବ୍ୟବହାର କରନ୍ତି, ତାହା ହେଲେ ତାଙ୍କୁ ସେହି ଅର୍ଥ ପରିଶୋଧ କରିବାକୁ ପଡ଼ିବ। ଅଦାଲତ ଆହୁରି ମଧ୍ୟ କହିଥିଲେ ଯେ ସ୍ତ୍ରୀ-ଧନ ଉପରେ ମହିଳାଙ୍କର ସଂପୂର୍ଣ୍ଣ ଅଧିକାର ରହିଛି ଏବଂ ଏଥିରେ କେହି ଭାଗିଦାର ହୋଇପାରିବେ ନାହିଁ।

ଏହି ରାୟ ଆଧାରରେ ଛାଡ଼ପତ୍ର ଦ୍ୱାରା ପତିଠାରୁ ବିଚ୍ଛେଦ ହୋଇଥିବା ମହିଳାଙ୍କର ଭରଣପୋଷଣ ଅଧିକାର ଅଧିକ ଯୁକ୍ତିସଂଗତ ଏବଂ ଏହାର ଖିଲାପ ଆଇନ ଉଲ୍ଲଘଂନ ଓ ସମ୍ବିଧାନ ବିରୋଧୀ ବୋଲି କୁହାଯାଇପାରେ। ସୁଖର କଥା ଓଡ଼ିଶା ସରକାର ଏହି ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଛାଡ଼ପତ୍ର ଦେଇଥିବା ସ୍ତ୍ରୀ ଓ ପିଲାମାନଙ୍କର ଭରଣପୋଷଣ ପାଇଁ ନିର୍ଦ୍ଦିଷ୍ଟ ଅର୍ଥ ରାଶି ଦେବାରେ ଖିଲାପ କରୁଥିବା ସରକାରୀ କର୍ମଚାରୀମାନଙ୍କ ଦରମା କାଟିଦିଆଯିବ ଏବଂ ତାହା ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ହସ୍ତାନ୍ତର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ତାଗିଦ କରିଛନ୍ତି। ମହିଳା ଅଧିକାରର ସୁରକ୍ଷା ଓ ସମ୍ମାନ ଦୃଷ୍ଟିରୁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରେ।

ସ୍ତ୍ରୀ-ଧନ ସହିତ ଆମ ସଂସ୍କୃତି ଓ ପରମ୍ପରା ଜଡ଼ିତ। ସ୍ତ୍ରୀ-ଧନ ମଧ୍ୟ ଅଭିଧାନରେ ସ୍ଥାନ ପାଇଛି, ଯାହାର ଅର୍ଥ ପତ୍ନୀଙ୍କର ଧନ, ଯାହା ବିବାହ ସମୟରେ ଓ ଏହା ପରେ ତାଙ୍କୁ ବିଭିନ୍ନ ସୂତ୍ରରୁ ବ୍ୟକ୍ତିଗତ ଉପହାର ଆକାରରେ ମିଳିଥାଏ। ଏହାପଛରେ ଜଣେ ବିବାହିତ ନାରୀଙ୍କୁ ଆର୍ଥିକ ନିରାପତ୍ତା ଓ ଜରୁରିକାଳୀନ ସହାୟତା ଦେବାର ବିଚାର ଜଡ଼ିତ। ସ୍ତ୍ରୀ-ଧନ ସଂପୃକ୍ତ ମହିଳାଙ୍କ ଦ୍ୱାରା ନିଜର କନ୍ୟା, ପୁତ୍ରବଧୂ ଆଦିଙ୍କୁ ଉତ୍ତରାଧିକାର ସୂତ୍ରରେ ପ୍ରଦାନ କରାଯାଇଥାଏ ଏବଂ ଏହା ଏକ ପରମ୍ପରା ଭାବେ ଚଳି ଆସିଛି। ଏପରିକି ପରିବାରର ଜରୁରୀ ଆବଶ୍ୟକତା କାଳରେ ମଧ୍ୟ ପତି, ପତ୍ନୀଙ୍କ ଅନୁମତିକ୍ରମେ ତାଙ୍କ ଦ୍ୱାରା ସଞ୍ଚିତ ଅର୍ଥ ଓ ଗହଣାଗାଣ୍ଠିକୁ ବିକ୍ରି କରିଥା'ନ୍ତି। କିନ୍ତୁ ଆମ ପରମ୍ପରାରେ ସ୍ତ୍ରୀ-ଧନ ସୁରକ୍ଷିତ ଏବଂ ଏହା ଉପରେ ସଂପୃକ୍ତ ନାରୀଙ୍କ ବ୍ୟତୀତ ଆଉ କାହାର ଅଧିକାର ନ ଥାଏ।

ଆଗରୁ ଭାରତୀୟ ଆଇନ ମଧ୍ୟ ସ୍ତ୍ରୀ-ଧନର ବର୍ଗୀକରଣ ଓ ବ୍ୟାଖ୍ୟା କରିଛି। ଏଥିରେ କୁହାଯାଇଛି ଯେ ଜଣେ ମହିଳାଙ୍କୁ ବିବାହ ପୂର୍ବରୁ, ବିବାହ କାଳରେ ଓ ବିବାହ ପରେ ପିତାମାତା, ଭାଇବନ୍ଧୁ ପରିଜନ, ସମ୍ପର୍କୀୟମାନଙ୍କ ଦ୍ୱାରା ମିଳୁଥିବା ଗହଣାପତ୍ର, ଟଙ୍କା, ବାସନକୁସନ, ଭୂସମ୍ପତ୍ତି ଓ ଅନ୍ୟାନ୍ୟ ଉପକରଣ ସ୍ତ୍ରୀ-ଧନ ପର୍ଯ୍ୟାୟଭୁକ୍ତ। ସେ ସମ୍ପତ୍ତିର ବିନିଯୋଗ, ଖର୍ଚ୍ଚ ବା ରକ୍ଷଣାବେକ୍ଷଣ କିପରି ହେବ, ସେ ଦାୟିତ୍ୱ ସଂପୃକ୍ତ ମହିଳାଙ୍କର। ବାଧ୍ୟବାଧକତା କରି ସ୍ତ୍ରୀ-ଧନ ଖର୍ଚ୍ଚ କଲେ ବା ନେଇଗଲେ ସଂପୃକ୍ତ ସ୍ୱାମୀ ଓ ତାଙ୍କ ପରିବାରର ସଦସ୍ୟଙ୍କ ବିରୋଧରେ ଧାରା ୪୦୬ରେ ଫୌଜଦାରୀ ମାମଲା ଦାଏର କରିହେବ। ଏହି ଐତିହାସିକ ରାୟ ଫଳରେ ସ୍ତ୍ରୀ-ଧନ ଉପରେ ମହିଳାଙ୍କର ପୂର୍ଣ୍ଣ ଅଧିକାର ଅଧିକ ସ୍ପଷ୍ଟ ଭାବରେ ସାବ୍ୟସ୍ତ ହେଲା ଏବଂ ମହିଳା ସଶକ୍ତୀକରଣ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ।

ଆମ ସାମ୍ପ୍ରତିକ ସାମାଜିକ ଓ ପାରିବାରିକ ଚଳଣିରେ ସ୍ତ୍ରୀ-ଧନ ଉପରେ ମହିଳାଙ୍କର ନିରଙ୍କୁଶ ଅଧିକାରକୁ ଖୋଲାଖୋଲି ସ୍ୱୀକୃତି ଦିଆଯାଇନାହିଁ। ଯୌଥ ପରିବାରର ଚାପ, ସ୍ୱାମୀ ଓ ପିଲାଙ୍କ ଆବଶ୍ୟକତା ଦୃଷ୍ଟିରୁ ସେ ଧନ ଖର୍ଚ୍ଚ ହୁଏ ଏବଂ ସଂପୃକ୍ତ ମହିଳା ପରିସ୍ଥିତି ଦୃଷ୍ଟିରୁ ଚୁପ୍ ରହିବାକୁ ବାଧ୍ୟ ହୁଏ। ଅନେକ କ୍ଷେତ୍ରରେ ମହିଳାଙ୍କ ପାଖକୁ ଖର୍ଚ୍ଚ ହୋଇଥିବା ସ୍ତ୍ରୀ-ଧନ ମଧ୍ୟ ଫେରି ନଥାଏ, ଯାହା ସେମାନଙ୍କ ମନସ୍ତାପ ବଢ଼ାଇଥାଏ। ସ୍ତ୍ରୀ-ଧନ ମାମଲାର ବିଚାର ପାଇଁ ପରିବାର ଅଦାଲତ ବ୍ୟବସ୍ଥାରେ ସ୍ୱତନ୍ତ୍ର ଓ ସ୍ପଷ୍ଟ ନିୟମ ନାହିଁ। ଆଇନଗତ ଦୁର୍ବଳତା ଯୋଗୁଁ ନାରୀଟିଏ ଏ କ୍ଷେତ୍ରରେ ତାହାର ଅଧିକାର ହରାଇ ବସେ। ଏବେ ବିବାହ ବିଚ୍ଛେଦ ବଢୁଛି ଏବଂ ଅନେକ ଲୋକ ପତ୍ନୀଙ୍କୁ ଠକି ତାଙ୍କ ଧନସମ୍ପତ୍ତି ଆତ୍ମସାତ୍ କରିବାକୁ ପଶ୍ଚାତପଦ ହେଉନାହାନ୍ତି। କେବଳ ସ୍ତ୍ରୀ-ଧନ ନୁହେଁ ଅନେକ ଯୁବକ ଚାକିରି ବାକିରି ଆୟପନ୍ଥା ଛାଡ଼ି ନିଜର ରୋଜଗାରିଆ ପତ୍ନୀଙ୍କ ଅର୍ଜିତ ଧନରେ ଅୟସ କରିଥା'ନ୍ତି। ସେମାନେ ପତ୍ନୀ ଅନ୍ନରେ ପ୍ରତିପାଳିତ ହେବା ସହିତ ଅର୍ଦ୍ଧାଙ୍ଗିନୀଙ୍କ କଷ୍ଟାର୍ଜିତ ଧନର ଦୁରୁପଯୋଗ ମଧ୍ୟ କରିଥା'ନ୍ତି।

ସ୍ତ୍ରୀ-ଧନ ପରମ୍ପରାକୁ ଦୃଢ଼ ନ୍ୟାୟିକ ସୁରକ୍ଷା ଓ ଉଲ୍ଲଙ୍ଘନ ପାଇଁ କଠୋର ଦଣ୍ଡବିଧାନ ଆଦି ନିଷ୍ଠାପର ଭାବେ ଅନୁପାଳନ କଲେ ଆମ ସମାଜରେ ମହିଳାଙ୍କ ମର୍ଯ୍ୟାଦା ଓ ସମ୍ମାନ ବୃଦ୍ଧି ପାଇବ ଏବଂ ପତି-ପତ୍ନୀ ମଧ୍ୟରେ ଅସମାନତାର ଅବସାନ ଘଟିବ। ଦମ୍ପତି ମିଳିତ ଭାବେ ସଂସାର ଗଢ଼ନ୍ତି। ଏଥିରେ ଉଭୟଙ୍କର ସମାନ ଦାୟିତ୍ୱ ଓ ସହଯୋଗ ଥାଏ। ବୁଝାମଣା, ବିଶ୍ୱାସ ଓ ସ୍ନେହଶ୍ରଦ୍ଧା ଦ୍ୱାରା ସଂସାର ଗଢ଼ିଉଠେ। ଏଭଳି ସ୍ଥିତିରେ ପରିବାର ପାଇଁ ଉଭୟ ନାରୀ ଓ ପୁରୁଷ ଚରମ ତ୍ୟାଗ ସ୍ୱୀକାର କରିଥା'ନ୍ତି। ତେବେ କୌଣସି କାରଣରୁ ଯଦି ମତାନ୍ତର ହୁଏ କିମ୍ବା ମନୋମାଳିନ୍ୟ ସୃଷ୍ଟି ହୁଏ ଏବଂ କଥା ଛାଡ଼ପତ୍ର ପର୍ଯ୍ୟନ୍ତ ଯାଏ ତେବେ ଅଦାଲତଙ୍କ ନିର୍ଦ୍ଦେଶମତେ ନିର୍ଦ୍ଦିଷ୍ଟ ଭରଣପୋଷଣ ରାଶି ସ୍ୱାମୀଙ୍କ ରୋଜଗାରରୁ ଭରଣା ହେବା ଆଇନତଃ ବାଧ୍ୟ। ଏଥିରେ ଖିଲାପ ହେଲେ ବିଚରା ସ୍ତ୍ରୀ ବାରମ୍ବାର ଅଦାଲତକୁ ଦୌଡ଼ି ଫେରାଦ ହେବା ସମ୍ଭବ ନୁହେଁ। ତେଣୁ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## ପରିବର୍ତ୍ତନର ପ୍ରତିଫଳନ



ସୁଜାତା ରାଉତ କାର୍ତ୍ତିକେୟନ୍

୨୦୨୪ ମସିହା, ଜୁନ୍ ୧୨ ତାରିଖ। ହଜାର ହଜାର ଓଡ଼ିଶାବାସୀଙ୍କ ସମ୍ମୁଖରେ ନୂତନ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀ ପରିଷଦ ଓଡ଼ିଶାବାସୀଙ୍କ ହିତରେ କାମ କରିବା ପାଇଁ ଈଶ୍ୱରଙ୍କ ନାମରେ ଶପଥ ନେଇଥିଲେ। ସେହି ଜୁନ୍ ୨୦୨୪ରେ, ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ବିଜେପି ସାଂସଦ ପାର୍ଲାମେଣ୍ଟରେ 'ବନ୍ଦେ ଉତ୍କଳ ଜନନୀ' ଉଚ୍ଚାରଣ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଓଡ଼ିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା କରିବା ପାଇଁ ଶପଥ ନେଇଥିଲେ। ଗତ ଅଗଷ୍ଟ ୧୩ ତାରିଖରେ, ଯେତେବେଳେ ପାର୍ଲିଆମେଣ୍ଟରେ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ (MMDR) ସଂଶୋଧନ ବିଲ୍ ପାରିତ ହେଲା, ସେତେବେଳେ ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ବିଜେପି ସାଂସଦ ନୀରବ ରହିଥିଲେ। ବିଜେପି କହେ ଯେ, 'ଓଡ଼ିଆ ଅସ୍ମିତା' ଓ 'ପରିବର୍ତ୍ତନ' ନାମରେ ଓଡ଼ିଶାବାସୀ ତାଙ୍କୁ ଜନାଦେଶ ଦେଇଛନ୍ତି। ଓଡ଼ିଶାବାସୀଙ୍କୁ 'ଡବଲ୍ ଇଞ୍ଜିନ୍ ସରକାର'ର ପ୍ରତିଶ୍ରୁତି ଦେଇଥିଲା ବିଜେପି। କିନ୍ତୁ ଆଜି ଡବଲ୍ ପ୍ରତାରଣା ପାଉଛନ୍ତି ଓଡ଼ିଶାବାସୀ। ଏହାର ଏକ ବଡ଼ ଉଦାହରଣ ହେଉଛି - ୨୦୨୬ର MMDR ସଂଶୋଧନ ଆଇନ।

**MMDR ଆକ୍ଟ କ'ଣ?**

ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଆକ୍ଟ ୧୯୫୭ ହେଉଛି ଏକ ପ୍ରମୁଖ କେନ୍ଦ୍ରୀୟ ଆଇନ, ଯାହାକି ସାରା ଭାରତର ଖଣି ଓ ଖଣିଜ ଦ୍ରବ୍ୟର ବିକାଶ ଓ ନିୟନ୍ତ୍ରଣ କାର୍ଯ୍ୟକୁ ପରିଚାଳନା କରିଥାଏ।

**୨୦୨୬ର ସଂଶୋଧନ କ'ଣ?**

MMDR Actର ସଂଶୋଧନରେ ହୋଇଥିବା ପ୍ରମୁଖ ପରିବର୍ତ୍ତନଗୁଡ଼ିକ ହେଲା -

୧. **ଧାରା ୨ରେ ସଂଶୋଧନ:** ଏହି ଆଇନର ଧାରା ୨କୁ ସଂଶୋଧନ କରାଯାଇ 'ଖଣିଜ ଦ୍ରବ୍ୟ ଧାରଣ କରିଥିବା ଜମି' (mineral-bearing lands) ଉପରେ କେନ୍ଦ୍ର ସରକାରଙ୍କ କ୍ଷମତାକୁ ସମ୍ପ୍ରସାରିତ କରାଯାଇଛି।
୨. **ଧାରା ୯(ଡି)ରେ ନୂତନ ବ୍ୟବସ୍ଥା:** ଧାରା ୯(ଡି)କୁ ନୂତନ ଭାବେ ସଂଯୋଜନ କରି ଖଣିଜ ଦ୍ରବ୍ୟ ଧାରଣ କରୁଥିବା ଜମି ଏବଂ ଖଣିଜ ଦ୍ରବ୍ୟର ଅଧିକାର ଉପରେ ଟିକସ, ସେସ୍ ଓ ଅନ୍ୟାନ୍ୟ ଲେଭି ଲାଗୁ କରିବାର ରାଜ୍ୟ ସରକାରଙ୍କ ଅଧିକାରକୁ ଛଡ଼ାଇ ନିଆଯାଇଛି।
୩. **ଧାରା ୧୩ରେ ସଂଶୋଧନ:** ଧାରା ୧୩କୁ ସଂଶୋଧନ କରାଯାଇ, ଖଣି ଓ ଖଣିଜ ଅଞ୍ଚଳରେ ଟିକସ ଲାଗୁ କରିବାର ରାଜ୍ୟ ସରକାରଙ୍କ ଅଧିକାରକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସର୍ତ୍ତ ଉପରେ ନିର୍ଭରଶୀଳ କରିଦିଆଯାଇଛି।
୪. ଏଥିସହିତ, ଏହି ଆଇନ ପ୍ରଣୟନ ପୂର୍ବରୁ ରାଜ୍ୟମାନଙ୍କର ପ୍ରାପ୍ୟ ଥିବା ବକେୟା ଲେଭି ଆଦାୟ କରିବାର ଅଧିକାରକୁ ମଧ୍ୟ ସମାପ୍ତ କରିଦିଆଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ସମ୍ବିଧାନ ଅନୁଯାୟୀ ଖଣି ଓ ଖଣିଜ ଦ୍ରବ୍ୟର ନିୟନ୍ତ୍ରଣ ଓ ବିକାଶ, ଜମି ଉପରେ ଟିକସ ଏବଂ ଖଣିଜ ଅଧିକାର ଉପରେ ଟିକସ ଲାଗୁ କରିବାର କ୍ଷମତା ରାଜ୍ୟ ତାଲିକା (List II – State List)ର Entry 23, Entry 49 ଏବଂ Entry 50ରେ ଅନ୍ତର୍ଭୁକ୍ତ। ଏହି ସାମ୍ବିଧାନିକ ଅଧିକାରକୁ ସୁପ୍ରିମ କୋର୍ଟ ମଧ୍ୟ ସ୍ୱୀକୃତି ଦେଇଛନ୍ତି। MADA v. Steel Authority of India Ltd. ମାମଲାରେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ୨୦୨୪ ମସିହାରେ ଦେଇଥିବା ଐତିହାସିକ ରାୟରେ ଖଣି ଓ ଖଣିଜ ଅଞ୍ଚଳ ଉପରେ ଟିକସ ଲାଗୁ କରିବାର ରାଜ୍ୟ ସରକାରଙ୍କ ସାମ୍ବିଧାନିକ ଅଧିକାରକୁ ସ୍ପଷ୍ଟ ଭାବେ ସ୍ୱୀକୃତି ଦେଇଛନ୍ତି। ମାନ୍ୟବର ସୁପ୍ରିମ କୋର୍ଟ ଏହି ରାୟରେ ଆହୁରି ସ୍ପଷ୍ଟ କରିଥିଲେ ଯେ, ଏପ୍ରିଲ ୨୦୦୫ରୁ ପିଛିଲା ବକେୟା ଟିକସ ଆଦାୟ କରିବାର ଅଧିକାର ରାଜ୍ୟମାନଙ୍କର ରହିଛି ଏବଂ ଏହି ବକେୟା ଟିକସ ଆଦାୟ ପାଇଁ ଆବଶ୍ୟକ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

**ଓଡ଼ିଶା ପରିପ୍ରେକ୍ଷୀରେ ଏହା ଗୁରୁତ୍ୱପୂର୍ଣ୍ଣ କାହିଁକି?**

ଓଡ଼ିଶାର ଭୂଭାଗ ଭାରତର ମୋଟ ଭୂଭାଗର ମାତ୍ର ୫ ପ୍ରତିଶତ, କିନ୍ତୁ ଦେଶର ମୋଟ ଖଣିଜ ସମ୍ପଦର ପ୍ରାୟ ୪୪ ପ୍ରତିଶତ ଓଡ଼ିଶାରେ ରହିଛି। ଭାରତର ୯୮ ପ୍ରତିଶତ କ୍ରୋମାଇଟ୍, ୯୩ ପ୍ରତିଶତ ନିକେଲ, ୫୯ ପ୍ରତିଶତ ବକ୍ସାଇଟ୍, ୨୮ ପ୍ରତିଶତ ଲୁହାପଥର, ୨୪ ପ୍ରତିଶତ କୋଇଲା ଏବଂ ୩୫ ପ୍ରତିଶତ ମାଙ୍ଗାନିଜ୍ ଓଡ଼ିଶାରେ ଗଚ୍ଛିତ ଅଛି। ଏତଦ୍‌ବ୍ୟତୀତ, ତମ୍ବା, ଗ୍ରାଫାଇଟ୍, ଭାନାଡିଅମ୍ ଭଳି ଅନ୍ୟାନ୍ୟ ମୂଲ୍ୟବାନ ଖଣିଜ ସମ୍ପଦର ମଧ୍ୟ ପ୍ରଚୁର ଭଣ୍ଡାର ଓଡ଼ିଶାରେ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶା ମାଟିରେ ଏହି ବିପୁଳ ଖଣିଜ ସମ୍ପଦ ଗଚ୍ଛିତ ଅଛି। ଏହି ସମ୍ପଦ ଉପରେ ଓଡ଼ିଶାବାସୀ ଏବଂ ଓଡ଼ିଶାର ଭବିଷ୍ୟତ ପିଢ଼ିର ଅଧିକାର ରହିଛି। ମନେ ରଖିବା ଆବଶ୍ୟକ ଯେ, ଖଣିଜ ସମ୍ପଦ ସୀମିତ ଏବଂ ଅଣ-ନବୀକରଣଯୋଗ୍ୟ ସମ୍ପଦ। ଏହା ଚିରଦିନ ରହିବ ନାହିଁ। ଦିନେ ନା ଦିନେ ଏହା ଶେଷ ହୋଇଯିବ। ତେଣୁ ଏହି ସମ୍ପଦ ଉପରେ ଟିକସ ଲାଗୁ କରି ମିଳୁଥିବା ଅର୍ଥକୁ ଲୋକଙ୍କ ବିକାଶ ଏବଂ ଦୀର୍ଘସ୍ଥାୟୀ ଭିତ୍ତିଭୂମି ନିର୍ମାଣରେ ବିନିଯୋଗ କରିବା ହେଉଛି ରାଜ୍ୟ ସରକାରଙ୍କ ଦାୟିତ୍ୱ। କିନ୍ତୁ ଏହି ସଂଶୋଧନ ଆଇନ ପ୍ରଣୟନ ହେବା ଫଳରେ ଓଡ଼ିଶାବାସୀ ଲକ୍ଷ ଲକ୍ଷ କୋଟି ଟଙ୍କା ବକେୟା ଲେଭି ଆଦାୟ କରିବାର ଅଧିକାର ହରାଇଛନ୍ତି। ଏହାସହିତ ଓଡ଼ିଶା ପ୍ରତିବର୍ଷ ପ୍ରାୟ ୧୨ ହଜାର କୋଟି ଟଙ୍କାର ଟିକସ ଆଦାୟରୁ ମଧ୍ୟ ବଞ୍ଚିତ ହେବ।

ତେବେ, ପ୍ରକୃତ କ୍ଷତି ହେଉଛି - ଏହି ଅର୍ଥରେ ଓଡ଼ିଶାର ଲୋକମାନଙ୍କ ପାଇଁ କେତେ କିଛି କରାଯାଇପାରିଥା'ନ୍ତା। ଉଦାହରଣସ୍ୱରୂପ -

- ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ପ୍ରାୟ ୫,୦୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି।
- ସମସ୍ତ ସରକାରୀ ବିଦ୍ୟାଳୟର ରୂପାନ୍ତରଣ ପାଇଁ ପ୍ରାୟ ୧୦,୦୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି।
- ଗଙ୍ଗାଧର ମେହେର ସିଚାଇ ପ୍ରକଳ୍ପ ପଶ୍ଚିମ ଓଡ଼ିଶାର ହଜାର ହଜାର ଚାଷୀଙ୍କୁ ଉପକୃତ କରିବା ସହ ପ୍ରାୟ ୨୫,୦୦୦ ହେକ୍ଟର ମରୁଡ଼ିପ୍ରବଣ ଜମିକୁ ଜଳସେଚନ ସୁବିଧା ଯୋଗାଇଛି। ଏହି ପ୍ରକଳ୍ପର ଖର୍ଚ୍ଚ ପ୍ରାୟ ୧,୦୦୦ କୋଟି ଟଙ୍କା।
- ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ ଚିକିତ୍ସା ପ୍ରତିଷ୍ଠାନରେ ରୂପାନ୍ତରଣ ପାଇଁ ପ୍ରାୟ ୪,୦୦୦ କୋଟି ଟଙ୍କାର ଖର୍ଚ୍ଚ ହୋଇଛି।
- ପାରାଦୀପର IOCL ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ, ଯାହା ଓଡ଼ିଶାର ଅନେକ ଯୁବକଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବ, ତାହା ପାଇଁ ପ୍ରତିବର୍ଷ ପ୍ରାୟ ୩,୦୦୦ କୋଟି ଟଙ୍କାର ସବସିଡି ରାଜ୍ୟ ସରକାର ବହନ କରିବେ।
- ଲକ୍ଷ ଲକ୍ଷ ପରିବାରକୁ ସ୍ୱାସ୍ଥ୍ୟ ସୁରକ୍ଷା ଦେଉଥିବା BSKY ପାଇଁ ପ୍ରତିବର୍ଷ ପ୍ରାୟ ୫,୦୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିଲା।
- ଓଡ଼ିଶାର ପ୍ରାୟ ୬୦ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନରେ ପ୍ରାତଃଭୋଜନ ଯୋଡ଼ିବାକୁ ପ୍ରତିବର୍ଷ ପ୍ରାୟ ୧,୦୦୦ କୋଟି ଟଙ୍କା ଆବଶ୍ୟକ ହେବ।

ଏହି କ୍ଷତି ସତ୍ତ୍ୱେ ଓଡ଼ିଶାର ୨୦ ଜଣ ବିଜେପି ସାଂସଦ ନୀରବ ରହିଲେ। ଏହାଠାରୁ ଅଧିକ ଦୁର୍ଭାଗ୍ୟଜନକ ହେଉଛି ଏହି ସଂଶୋଧନ ବିରୋଧରେ ସ୍ୱର ଉଠାଇବା ବଦଳରେ ସେମାନେ ଖୋଲାଖୋଲି ଭାବେ ଏହାର ସମର୍ଥନ କରୁଛନ୍ତି। କେନ୍ଦ୍ରରେ ଯେଉଁ ଦଳର ସରକାର ଥିଲେ ମଧ୍ୟ ଦୀର୍ଘ ୨୪ ବର୍ଷ ଧରି ଶ୍ରୀନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ଏହି ଅଧିକାରକୁ ସୁରକ୍ଷା ଦେଇ ଆସିଥିଲେ। କିନ୍ତୁ ମାତ୍ର ୨୪ ମାସ ମଧ୍ୟରେ ବିଜେପି ସରକାର ଓଡ଼ିଶାର ଅଧିକାରକୁ ସମର୍ପଣ କରିଦେଇଛନ୍ତି। ଏହି ଗୁରୁତର ପ୍ରସଙ୍ଗରେ ଆଲୋଚନା ପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଶ୍ରୀନବୀନ ପଟ୍ଟନାୟକ ଦେଇଥିବା ପତ୍ରର ଉତ୍ତର ମଧ୍ୟ ମୁଖ୍ୟମନ୍ତ୍ରୀ ଏପର୍ଯ୍ୟନ୍ତ ଦେଇନାହାନ୍ତି। ବିଜେପିର ସାଂସଦମାନଙ୍କ ପରି ବିଜେପିର ରାଜ୍ୟ ସରକାର ମଧ୍ୟ ଏ ପ୍ରସଙ୍ଗରେ ନୀରବ।

ରାଜ୍ୟର ଖଣି ଓ ଖଣିଜ ସମ୍ପଦ ଉପରେ ଟିକସ ଲାଗୁ କରିବାର ସାମ୍ବିଧାନିକ ଅଧିକାରକୁ କେନ୍ଦ୍ର ହାତକୁ ନେବା ଫଳରେ ଓଡ଼ିଶା ନିଜ ସମ୍ପଦ ପାଇଁ କେନ୍ଦ୍ରର ଅନୁଗ୍ରହ ଉପରେ ନିର୍ଭରଶୀଳ ହୋଇପଡ଼ିବ। ଖଣି ଖୋଳାଯିବ ଓଡ଼ିଶାର ମାଟିରେ। ଧୂଳି ଓ ଧୂଆଁ ସହିବେ ଓଡ଼ିଶାର ଲୋକ। ବିସ୍ଥାପିତ ହେବେ ଆମ ଲୋକ। ପ୍ରଭାବିତ ହେବ ଆମ ପରିବେଶ ଓ ସ୍ଥାନୀୟ ସମୁଦାୟ। ଖଣି ଓଡ଼ିଶାର, କ୍ଷତି ଓଡ଼ିଶାର; କିନ୍ତୁ ଟିକସ ଓ ଲେଭି ଉପରେ ଅଧିକାର ଓଡ଼ିଶାର ରହିବ ନାହିଁ। କୋଇଲା ଉପରେ କେନ୍ଦ୍ର ସରକାର ଆଦାୟ କରୁଥିବା 'ସ୍ୱଚ୍ଛ ଶକ୍ତି ସେସ୍'ର ଉଦାହରଣ ନିଅନ୍ତୁ। ଏହି ସେସ୍ ବାବଦରେ ଓଡ଼ିଶାରୁ ହଜାର ହଜାର କୋଟି ଟଙ୍କା ଆଦାୟ ହେଉଛି, କିନ୍ତୁ ସେହି ଅର୍ଥ ଦେଶର ଅନ୍ୟ ଅଞ୍ଚଳରେ ଖର୍ଚ୍ଚ ହେଉଛି। ଏହି ସେସ୍‌ରୁ ଓଡ଼ିଶାକୁ ତା'ର ନ୍ୟାୟସଙ୍ଗତ ଭାଗ ଦେବା ପାଇଁ ବିଜେଡି କେନ୍ଦ୍ରରେ ଥିବା ଉଭୟ କଂଗ୍ରେସ ଓ ବିଜେପି ସରକାରଙ୍କ ନିକଟରେ ବାରମ୍ବାର ଦାବି କରିଆସିଛି। କିନ୍ତୁ ଆଜିପର୍ଯ୍ୟନ୍ତ ଓଡ଼ିଶା ଏ ବାବଦରେ କୌଣସି ଅର୍ଥ ପାଇନାହିଁ।

ବିଜେପି ଦଳ ଦାବି କରୁଛି ଯେ, ଏହି ସଂଶୋଧନର ଉଦ୍ଦେଶ୍ୟ ସମଗ୍ର ଦେଶରେ ଟିକସ ହାରରେ ସମାନତା ଆଣିବା। ତେବେ ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶା ଭଳି ଏକ ରାଜ୍ୟ ପାଖରେ ଶିଳ୍ପକୁ ଆକର୍ଷିତ କରିବା ପାଇଁ ଆଉ କେଉଁ ପ୍ରୋତ୍ସାହନ ରହିବ? ରାଜ୍ୟର ନିଜର ଟିକସ ଲାଗୁ କରିବାର କ୍ଷମତା ଥିଲେ, ତାହାକୁ ବ୍ୟବହାର କରି ରାଜ୍ୟ ବାହାରକୁ ଯାଉଥିବା ଖଣିଜ ଉପରେ ଟିକସ ଲାଗୁ କରିପାରେ। ଆଉ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରୁଥିବା ଉଦ୍ୟୋଗଗୁଡ଼ିକୁ ଆବଶ୍ୟକ ଟିକସ ରିହାତି ମଧ୍ୟ ଦେଇପାରେ। ଏହା ଓଡ଼ିଶାକୁ ନୂଆ ପୁଞ୍ଜିନିବେଶ ଆଣିବା ସହିତ ଶିଳ୍ପ ସ୍ଥାପନ ଏବଂ ରାଜ୍ୟ ମଧ୍ୟରେ ମୂଲ୍ୟଯୋଗକୁ ବଢ଼ାଇଥା'ନ୍ତା। ଅଧିକ ନିଯୁକ୍ତି ସୃଷ୍ଟି ହୋଇଥା'ନ୍ତା ଏବଂ ରାଜ୍ୟର ରାଜସ୍ୱ ମଧ୍ୟ ବହୁଗୁଣିତ ହୋଇପାରିଥା'ନ୍ତା। ତେଣୁ ନିଜ ଖଣିଜ ସମ୍ପଦ ଉପରେ ଟିକସ ଲାଗୁ କରିବାର ଅଧିକାର ହରାଇବା ମାନେ- ପୁଞ୍ଜିନିବେଶ, ଶିଳ୍ପ ବିକାଶ, ମୂଲ୍ୟଯୋଗ ଓ ନିଯୁକ୍ତିର ସୁଯୋଗ ଏକାଥରେ ହରାଇବା।

୧୯୩୬ ମସିହାରେ ଦୀର୍ଘ ଓ ଐତିହାସିକ ସଂଗ୍ରାମ ପରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠିତ ହୋଇଥିଲା - ରାଜ୍ୟ ଗୌରବ ଏବଂ ନିଜ ଭାଗ୍ୟ ନିଜେ ଗଢ଼ିବାର ଦୃଢ଼ ସଂକଳ୍ପରୁ ପ୍ରେରିତ ହୋଇ। ସେହିଦିନଠାରୁ ଗତ ୯୦ ବର୍ଷ ମଧ୍ୟରେ ଓଡ଼ିଶା ଅନେକ ଆହ୍ୱାନ ଓ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇଛି। କିନ୍ତୁ କେବେ ନିଜକୁ ଅସହାୟ ମନେ କରିନାହିଁ। ପ୍ରତ୍ୟେକ ଆହ୍ୱାନକୁ ସାହସର ସହିତ ସାମ୍ନା କରି ଓଡ଼ିଶା ଆଗକୁ ବଢ଼ିଚାଲିଛି ଏବଂ ନିଜ ଲୋକଙ୍କୁ ସଶକ୍ତ କରିଆସିଛି। କିନ୍ତୁ ଏହି ସଂଶୋଧନ ଚିନ୍ତାଜନକ। ଶ୍ରୀନବୀନ ପଟ୍ଟନାୟକ ଠିକ୍ କହିଛନ୍ତି - ଏହା ଓଡ଼ିଶାର ଭାଗ୍ୟରେ ଏକ ନିର୍ଣ୍ଣାୟକ ମୋଡ଼। ଓଡ଼ିଶାର ଦୀର୍ଘଯାତ୍ରାରେ ଏହା ଏକ କଳା ଦିନ।

ଆମ ମଧ୍ୟରେ ମତଭେଦ ଥାଇପାରେ, ରାଜନୈତିକ ମତପାର୍ଥକ୍ୟ ଥାଇପାରେ। କିନ୍ତୁ ଆଜି ଓଡ଼ିଶାର ଅଧିକାର, ସ୍ୱାଭିମାନ ଏବଂ ଆମ ଭବିଷ୍ୟତ ପିଢ଼ିର ହକ୍ ପାଇଁ ଆମେ ସମସ୍ତେ ଏକାଠି ଠିଆ ହୋଇ ଲଢ଼ିବା ଆମର ଦାୟିତ୍ୱ।

(ବିଜେଡି ନେତ୍ରୀ ତଥା ଓଡ଼ିଶାର ପୂର୍ବତନ ପ୍ରଶାସିକା)

## ପ୍ରାକୃତିକ ପ୍ରାଚୁର୍ଯ୍ୟ, ଗଠନାତ୍ମକ ଦୁର୍ବଳତା

ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ

ଭାରତର ଖୁବ୍ କମ୍ ରାଜ୍ୟରେ ଓଡ଼ିଶା ପରି ବିକାଶର ଏପରି ବଡ଼ ବିରୋଧାଭାସ ଦେଖାଯାଏ। ପ୍ରଚୁର ବର୍ଷା, ବଡ଼ ବଡ଼ ନଦୀ, ଉର୍ବର ମାଟି ଏବଂ ବିବିଧ କୃଷି-ଜଳବାୟୁ ପରିବେଶ ଥିବାରୁ ଓଡ଼ିଶା ଦେଶର ଅଧିକ ଜଳବାୟୁ-ସହନଶୀଳ କୃଷି ଅର୍ଥନୀତି ମଧ୍ୟରେ ରହିବା କଥା। କିନ୍ତୁ ଏଠାର ଚାଷୀ ବାରମ୍ବାର ମରୁଡ଼ି, ଦୀର୍ଘ ଶୁଖିଲା ସମୟ, ବନ୍ୟା ଓ ବାତ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରାକୃତିକ ସମ୍ପଦରେ ଏତେ ସମୃଦ୍ଧ ରାଜ୍ୟ ଜଳବାୟୁଜନିତ ବିପଦ ପ୍ରତି ଏତେ ଦୁର୍ବଳ କାହିଁକି?

୨୦୨୬ର ମୌସୁମୀ ଋତୁ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଉତ୍ତର ଓଡ଼ିଶାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ପରେ ବାରମ୍ବାର ବନ୍ୟା ହୋଇଥିବା ବେଳେ ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳ, ବିଶେଷକରି ଗଞ୍ଜାମରେ, ଅଗଷ୍ଟ ତୃତୀୟ ସପ୍ତାହ ସୁଦ୍ଧା ନିଅଣ୍ଟିଆ ବର୍ଷା ଯୋଗୁଁ ଖରିଫ ଚାଷ ବାଧାପ୍ରାପ୍ତ ହୋଇଥିଲା। ଏହି ବିରୋଧାଭାସ ସବୁବେଳେ କେବଳ ଭିନ୍ନ ଅଞ୍ଚଳ ମଧ୍ୟରେ ହୁଏ ନାହିଁ। କେତେକ ବର୍ଷରେ ସେହି ଏକା ଅଞ୍ଚଳ ମୌସୁମୀର ଗୋଟିଏ ସମୟରେ ମରୁଡ଼ି ଭଳି ଅବସ୍ଥା ଏବଂ ପରେ ବନ୍ୟାର ସମ୍ମୁଖୀନ ହୋଇପାରେ। ତେଣୁ ଓଡ଼ିଶାର ଜଳ ସମସ୍ୟା କେବଳ କମ୍ ବା ଅଧିକ ବର୍ଷାର ସମସ୍ୟା ନୁହେଁ। ମୂଳ ପ୍ରଶ୍ନ ହେଉଛି ସ୍ଥାନ ଓ ସମୟ ଅନୁସାରେ ବର୍ଷା କିପରି ବଣ୍ଟିତ ହେଉଛି ଏବଂ ଜଳାଭାବ ଓ ଜଳାଧିକ୍ୟ ମଧ୍ୟରେ ଆମେ ଜଳକୁ କେତେ ଭଲ ଭାବେ ପରିଚାଳନା କରୁଛୁ।

ବାତ୍ୟା ଏଥିରେ ଆଉ ଏକ ଦିଗ ଯୋଡ଼ିଛି। ଆଗୁଆ ସତର୍କ ସୂଚନା, ଲୋକଙ୍କୁ ନିରାପଦ ସ୍ଥାନକୁ ନେବା ଏବଂ ବିପର୍ଯ୍ୟୟ ମୁକାବିଲାରେ ଉଲ୍ଲେଖନୀୟ ଉନ୍ନତି ପାଇଁ ଓଡ଼ିଶା ଅନ୍ତର୍ଜାତୀୟ ପ୍ରଶଂସା ପାଇଛି। ଏହା ଦେଖାଇଛି ଯେ ଶକ୍ତିଶାଳୀ ବ୍ୟବସ୍ଥା କ'ଣ କରିପାରେ। ଏବେ ବଡ଼ ଆହ୍ୱାନ ହେଉଛି - ଏହି ସାମର୍ଥ୍ୟକୁ ବିପର୍ଯ୍ୟୟ ପରେ ସଫଳ ମୁକାବିଲାରେ ସୀମିତ ନ ରଖି, ବିପର୍ଯ୍ୟୟ ପୂର୍ବରୁ କୃଷି, ଭିତ୍ତିଭୂମି ଓ ଜୀବିକାର ଦୁର୍ବଳତା କମାଇବାରେ ବ୍ୟବହାର କରିବା। ଜୀବନ ବଞ୍ଚାଇବା ଏବଂ ଲୋକଙ୍କ ଜୀବିକାକୁ ଆର୍ଥିକ କ୍ଷତିରୁ ରକ୍ଷା କରିବା ପରସ୍ପର ସମ୍ପର୍କିତ, କିନ୍ତୁ ଅଲଗା ସଫଳତା। ଏହାର ବ୍ୟାପକ ବ୍ୟାଖ୍ୟା ଏକ ସରଳ କଥାରେ ରହିଛି ଭୂଗୋଳ ସୁଯୋଗ ସୃଷ୍ଟି କରେ; ଅନୁଷ୍ଠାନ ଫଳାଫଳ ସୃଷ୍ଟି କରେ। ପ୍ରକୃତି ବିକାଶର ଭିତ୍ତି ଦିଏ, କିନ୍ତୁ ସମୃଦ୍ଧିର ନିଶ୍ଚୟତା ଦିଏ ନାହିଁ। ପ୍ରାକୃତିକ ସମ୍ପଦ ସ୍ଥାୟୀ କୃଷି ବିକାଶରେ ପରିଣତ ହେବ କି ନାହିଁ, ତାହା ସରକାରୀ ନିବେଶ, ବୈଜ୍ଞାନିକ ନେତୃତ୍ୱ, କାର୍ଯ୍ୟକ୍ଷମ ଅନୁଷ୍ଠାନ ଏବଂ ସୁଯୋଗକୁ ଉତ୍ପାଦନ କ୍ଷମତାରେ ପରିଣତ କରିବାର ସାମାଜିକ ସାମର୍ଥ୍ୟ ଉପରେ ନିର୍ଭର କରେ।

ଓଡ଼ିଶାର ପ୍ରାକୃତିକ ସମ୍ପଦ ଉଲ୍ଲେଖନୀୟ। ରାଜ୍ୟରେ ବାର୍ଷିକ ପ୍ରାୟ ୧,୪୫୦ ମିଲିମିଟର ବର୍ଷା ହୁଏ। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ପରି ବଡ଼ ନଦୀ ରହିଛି। ଭୂତଳ ଜଳ ଓ ବିଭିନ୍ନ ଫସଲ ପାଇଁ ଉପଯୁକ୍ତ ମାଟି ମଧ୍ୟ ରହିଛି। କିନ୍ତୁ ବାର୍ଷିକ ବର୍ଷାର ପ୍ରାୟ ୮୦ ପ୍ରତିଶତ ଦକ୍ଷିଣ-ପଶ୍ଚିମ ମୌସୁମୀର ଚାରିମାସରେ ହୁଏ। ଏହି ସମୟରେ ମଧ୍ୟ ପ୍ରବଳ ବର୍ଷା ମଝିରେ ଦୀର୍ଘ ଶୁଖିଲା ସମୟ ରହିପାରେ। ବର୍ଷାର ଏହି ଅସମ ବଣ୍ଟନ ହିଁ ବନ୍ୟା ଓ ମରୁଡ଼ିର ବିରୋଧାଭାସ ସୃଷ୍ଟି କରେ। ପ୍ରବଳ ବର୍ଷାରୁ ଅଧିକ ଜଳ ପ୍ରବାହ, ନଦୀ ବନ୍ୟା, ଜଳବନ୍ଦୀ ଓ ଫସଲ କ୍ଷତି ହୁଏ। କିଛିଦିନ ପରେ ଶୁଖିଲା ସମୟ ଆସିଲେ ସେହି ଫସଲ ଜଳାଭାବରେ ପଡ଼ିପାରେ। ଗୋଟିଏ ସମୟରେ କ୍ଷତି କରୁଥିବା ଜଳ କିଛି ସପ୍ତାହ ପରେ ଆବଶ୍ୟକ ସମୟରେ ଉପଲବ୍ଧ ନ ହୋଇପାରେ। ତେଣୁ ପ୍ରକୃତ ଆହ୍ୱାନ କେତେ ବର୍ଷା ହେଉଛି ତାହା ନୁହେଁ; ଜଳକୁ କେତେ ଦକ୍ଷତାର ସହ ନିଷ୍କାସନ, ସଂରକ୍ଷଣ, ସଞ୍ଚୟ, ନିୟନ୍ତ୍ରଣ ଓ ଯୋଗାଣ କରାଯାଉଛି, ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଶାର ନିଟ୍ ଚାଷ ଅଞ୍ଚଳ ପ୍ରାୟ ୫୬ ଲକ୍ଷ ହେକ୍ଟର ଏବଂ ଫସଲ ସଘନତା ପ୍ରାୟ ୧୬୫ ପ୍ରତିଶତ। ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜଳସେଚନ ସମ୍ଭାବନାକୁ ବହୁ ପରିମାଣରେ ବଢ଼ାଇଛି। କିନ୍ତୁ ଜଳସେଚନ ସମ୍ଭାବନା ଓ ନିଶ୍ଚିତ ଜଳସେଚନ ଏକ କଥା ନୁହେଁ। ଠିକ୍ ସମୟରେ ଖରିଫ ଚାଷ ଏବଂ ରବି ଚାଷ ପାଇଁ ଏବେ ମଧ୍ୟ ବହୁ ଅଞ୍ଚଳ ମୌସୁମୀ ବର୍ଷାର ଗତିପ୍ରକୃତି ଉପରେ ନିର୍ଭରଶୀଳ। ଅନ୍ୟରାଜ୍ୟର ଅନୁଭବ ଶିକ୍ଷଣୀୟ। ପଞ୍ଜାବରେ ଓଡ଼ିଶାଠାରୁ ବହୁତ କମ୍ ବର୍ଷା ହୁଏ। କିନ୍ତୁ ଦଶନ୍ଧି ଧରି ଜଳସେଚନ, ଗ୍ରାମୀଣ ବିଦ୍ୟୁତୀକରଣ, କୃଷି ଗବେଷଣା ଓ ନିଶ୍ଚିତ କ୍ରୟ ବ୍ୟବସ୍ଥାରେ ନିବେଶ ଏହାର କୃଷିକୁ ସାଧାରଣ ବର୍ଷାର ଅସ୍ଥିରତାରୁ ବହୁ ପରିମାଣରେ ସୁରକ୍ଷିତ କରିଛି। ପ୍ରାୟ ସମାନ ମୌସୁମୀ ଜଳବାୟୁ ଥିବା ପଶ୍ଚିମବଙ୍ଗ ମଧ୍ୟ ନିରନ୍ତର ଆନୁଷ୍ଠାନିକ ସହାୟତାରେ ବିକେନ୍ଦ୍ରୀକୃତ ଜଳସେଚନ ଓ ବହୁଫସଲୀ ଚାଷର ବିସ୍ତାର କରିଛି। ଜଳବାୟୁ କୃଷିର ସମ୍ଭାବନାକୁ ପ୍ରଭାବିତ କରେ; ଅନୁଷ୍ଠାନ କୃଷିର ସହନଶୀଳତା ନିର୍ଣ୍ଣୟ କରେ। ବିକାଶ ଅର୍ଥନୀତି ମଧ୍ୟ ଏହି ନିଷ୍କର୍ଷକୁ ସମର୍ଥନ କରେ।

ଥିଓଡୋର ଡବ୍ଲ୍ୟୁ. ସୁଲ୍ଜ ଦେଖାଇଥିଲେ ଯେ ସହାୟକ ନିବେଶ ବିପଦ କମାଇ ଆଶାଜନକ ଲାଭ ବଢ଼ାଇଲେ ଚାଷୀ ଉନ୍ନତ ପ୍ରଯୁକ୍ତି ଗ୍ରହଣ କରନ୍ତି। ଡଗ୍ଲାସ ସି. ନର୍ଥ ଦେଖାଇଥିଲେ ଯେ କାର୍ଯ୍ୟକ୍ଷମ ଅନୁଷ୍ଠାନ ଅନିଶ୍ଚିତତା କମାଏ ଏବଂ ଉତ୍ପାଦନମୂଳକ ନିବେଶକୁ ଉତ୍ସାହିତ କରେ। ଏଥିରୁ ବୁଝାଯାଏ, ସମାନ ପ୍ରାକୃତିକ ସମ୍ପଦ ଥାଇ ମଧ୍ୟ ଭିନ୍ନ ଅଞ୍ଚଳର ବିକାଶ ଫଳ କାହିଁକି ଭିନ୍ନ ହୁଏ। ଓଡ଼ିଶାର ନିଜ ଅଭିଜ୍ଞତା ମଧ୍ୟ ଏହି କଥାକୁ ସମର୍ଥନ କରେ। ଜଳସେଚନ, କୃଷି ଗବେଷଣା, ସଡ଼କ ଓ କୃଷି ସମ୍ପ୍ରସାରଣରେ ରାଜ୍ୟ ବହୁ ନିବେଶ କରିଛି। କିନ୍ତୁ କେବଳ ଭିତ୍ତିଭୂମି ସହନଶୀଳତାର ନିଶ୍ଚୟତା ଦିଏ ନାହିଁ। ଅର୍ଥନୀତିଜ୍ଞ ନୀଳକଣ୍ଠ ରଥ ଗୁରୁତ୍ୱ ଦେଇଥିଲେ ଯେ ଜଳସେଚନର ସଫଳତା କେତେ ବନ୍ଧ ହେଲା ବା କେତେ ଜଳସେଚିତ ଅଞ୍ଚଳ ସୃଷ୍ଟି ହେଲା, ସେଥିରେ ନୁହେଁ; ଜଳ ନିର୍ଭରଯୋଗ୍ୟ ଭାବେ ଚାଷୀଙ୍କ ଜମିରେ, ବିଶେଷକରି କେନାଲର ଶେଷ ମୁଣ୍ଡରେ ପହଞ୍ଚୁଛି କି ନାହିଁ ତାହା ଉପରେ ନିର୍ଭର କରେ। ଅଶୋକ ଗୁଲାଟି ଓ ତାଙ୍କ ସହଯୋଗୀମାନେ ମଧ୍ୟ ଜଳ, ଶକ୍ତି, ବଜାର ଓ ଅନୁଷ୍ଠାନ ମଧ୍ୟରେ ଥିବା ସମ୍ପର୍କକୁ ଗୁରୁତ୍ୱ ଦେଇଛନ୍ତି। ତେଣୁ ଆମ ଦୃଷ୍ଟିକୋଣ କେବଳ ଜଳସେଚନରେ ସୀମିତ ରହିପାରିବ ନାହିଁ। ଅଧିକ ବର୍ଷା ସମୟରେ ଜଳ ନିଷ୍କାସନ, ଜଳାଧାର ପରିଚାଳନା, ବନ୍ୟାର ପ୍ରଭାବ କମାଇବା ଏବଂ ଅତିରିକ୍ତ ଜଳର ନିରାପଦ ସଞ୍ଚୟ ବା ନିଷ୍କାସନ ଆବଶ୍ୟକ। ଶୁଖିଲା ସମୟ ଓ ମୌସୁମୀ ପରେ ସଞ୍ଚିତ ଭୂପୃଷ୍ଠ ଜଳ, ଭୂତଳ ଜଳ ଓ ନିର୍ଭରଯୋଗ୍ୟ ଜଳସେଚନ ଫସଲକୁ ସହାୟତା କରିବା ଦରକାର। ଓଡ଼ିଶାକୁ ଏପରି ଜଳ ପରିଚାଳନା ବ୍ୟବସ୍ଥା ଦରକାର, ଯାହା ଜଳବାୟୁର ଅସ୍ଥିରତାକୁ ପରିଚାଳନାଯୋଗ୍ୟ କୃଷି ବିପଦରେ ପରିଣତ କରିପାରିବ।

ଏହା ଆମକୁ କ୍ରମିକ ପୁଞ୍ଜି ଗଠନ ଶୃଙ୍ଖଳ ଧାରଣାକୁ ନେଇଯାଏ। ପ୍ରାକୃତିକ ପୁଞ୍ଜିବର୍ଷା, ନଦୀ, ଭୂତଳ ଜଳ ଓ ଉର୍ବର ମାଟି ସୁଯୋଗ ସୃଷ୍ଟି କରେ। ସରକାରୀ ନିବେଶ ଜଳ ବ୍ୟବସ୍ଥା, ବିଦ୍ୟୁତ୍, ଗବେଷଣା, ପାଣିପାଗ ଓ ଜଳବାୟୁସେବା, ସଡ଼କ, ସଂରକ୍ଷଣ ଓ ବଜାର ମାଧ୍ୟମରେ ଏହାକୁ ସାର୍ବଜନୀନ ପୁଞ୍ଜିରେ ପରିଣତ କରେ। ବିପଦ କମିଲେ ଚାଷୀ ଉନ୍ନତ ବିହନ, ଜଳସେଚନ ଉପକରଣ, ଯାନ୍ତ୍ରିକୀକରଣ, ମୃତ୍ତିକା ଉନ୍ନତି ଓ ବିବିଧ ଚାଷରେ ନିବେଶ କରନ୍ତି। କାର୍ଯ୍ୟକ୍ଷମ ଶାସନ, ସମ୍ପ୍ରସାରଣ, ଋଣ ଓ ଆର୍ଥିକ ସେବା, କୃଷକ ସଂଗଠନ ଏବଂ କାର୍ଯ୍ୟକ୍ଷମ ବଜାରର ସମର୍ଥନ ମିଳିଲେ ଏହି ନିବେଶ ସ୍ଥାୟୀ ସମୃଦ୍ଧି ଆଣେ। ଗୋଟିଏ କଡ଼ି ଦୁର୍ବଳ ହେଲେ ସମଗ୍ର ଶୃଙ୍ଖଳର ଲାଭ କମିଯାଏ।

ସହନଶୀଳତାକୁ ମାପିବା ଢଙ୍ଗ ମଧ୍ୟ ବଦଳିବା ଦରକାର। କେତେ କିଲୋମିଟର କେନାଲ ହେଲା, କେତେ ଜଳସେଚନ ସମ୍ଭାବନା ସୃଷ୍ଟି ହେଲା, କେତେ ଜଳଭଣ୍ଡାର ନିର୍ମାଣ ହେଲା ବା କେତେ ଅର୍ଥ ବ୍ୟୟ ହେଲା - ଏସବୁ ଗୁରୁତ୍ୱପୂର୍ଣ୍ଣ ସାଧନ, କିନ୍ତୁ ଚୂଡ଼ାନ୍ତ ଫଳ ନୁହେଁ। ପ୍ରକୃତ ପ୍ରଶ୍ନ ହେଉଛି, ଏଗୁଡ଼ିକ ଚାଷୀଙ୍କ ଜଳବାୟୁଜନିତ ଅନିଶ୍ଚିତତା କେତେ କମାଇଛି। ବର୍ଷାର ନିଅଣ୍ଟିଆ ସମୟ ଅବଶ୍ୟ କୃଷି ମରୁଡ଼ିରେ ପରିଣତ ହେବା ଦରକାର ନାହିଁ; ସେହିପରି ପ୍ରବଳ ବର୍ଷା ଅବଶ୍ୟ ଧ୍ୱଂସକାରୀ ବନ୍ୟାରେ ପରିଣତ ହେବା ଦରକାର ନାହିଁ।

ତାପମାତ୍ରା ବୃଦ୍ଧିକୁ ମଧ୍ୟ ଏବେ ଏହି ହିସାବରେ ନେବା ଦରକାର। ଅଧିକ ତାପମାତ୍ରା ଫସଲର ଜଳ ଆବଶ୍ୟକତା ଓ ବାଷ୍ପୀଭବନ-ଉତ୍ସର୍ଜନ ବଢ଼ାଏ। ମରୁଡ଼ି ନ ଥିଲେ ମଧ୍ୟ ଏହା ଫସଲ, ପଶୁସମ୍ପଦ ଓ ବାହାରେ କାମ କରୁଥିବା ଶ୍ରମିକଙ୍କୁ ପ୍ରଭାବିତ କରିପାରେ। ତେଣୁ ଜଳବାୟୁ ସହନଶୀଳତାକୁ କେବଳ ଗୋଟିଏ ବିପଦ ଭିତ୍ତିରେ ନୁହେଁ, ବର୍ଷା, ତାପମାତ୍ରା ଓ ଚରମ ପାଣିପାଗର ମିଳିତ ପ୍ରଭାବ ଭାବେ ଦେଖିବାକୁ ହେବ। ଓଡ଼ିଶାର ଆଗାମୀ କାର୍ଯ୍ୟ କେବଳ ତାହାର ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟକୁ ନେଇ ଗର୍ବ କରିବା ନୁହେଁ; ବରଂ ସେହି ସମ୍ପଦକୁ ନିର୍ଭରଯୋଗ୍ୟ ଉତ୍ପାଦନ, ସୁରକ୍ଷିତ ଜୀବିକା ଓ କମ୍ ଜଳବାୟୁ ବିପଦରେ ପରିଣତ କରିବା। ଏଥିପାଇଁ ନୀତି, ବିଜ୍ଞାନ, ପ୍ରଶାସନ ଓ ସ୍ଥାନୀୟ କାର୍ଯ୍ୟକୁ ଏକାସାଙ୍ଗରେ କାମ କରିବାକୁ ହେବ। ଅଧିକ ବର୍ଷାପ୍ରାପ୍ତ ଏକ ମୌସୁମୀ ରାଜ୍ୟ ପାଇଁ ସହନଶୀଳତାର ଅର୍ଥ ହେଉଛି ଜଳାଭାବ ଓ ଜଳାଧିକ୍ୟ - ଉଭୟକୁ ପରିଚାଳନା କରିବା ଏବଂ ଅନ୍ୟ ଜଳବାୟୁଜନିତ ବିପଦ ପ୍ରତି ଦୁର୍ବଳତା କମାଇବା। ଭୂଗୋଳ ଆମକୁ ସୁଯୋଗ ଦେଇଛି; ଏହାକୁ ସାକାର କରିବା କାର୍ଯ୍ୟକ୍ଷମ ଅନୁଷ୍ଠାନ ଓ ସମନ୍ୱିତ କାର୍ଯ୍ୟ ଉପରେ ନିର୍ଭର କରେ। ପ୍ରାକୃତିକ ସମ୍ପଦ ସମ୍ଭାବନା ସୃଷ୍ଟି କରେ। ଅନୁଷ୍ଠାନ ସେହି ସମ୍ଭାବନାକୁ ସମୃଦ୍ଧିରେ ପରିଣତ କରେ।

ଭୁବନେଶ୍ୱର, ମୋ: ୭୭୩୫୩୭୪୯୭



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କର୍ମଚାରୀଙ୍କ ଧର୍ମଘଟ...

ଗୋଟିଏ ଦିନ ପାଇଁ ହେବ। ଏହା ପରେ ସେପ୍ଟେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ ତିନି ଦିନିଆ ଧର୍ମଘଟ ହେବ। ଯଦି ସେତେବେଳେ ମଧ୍ୟ ଦାବିଗୁଡ଼ିକର ସମାଧାନ ନ ହୁଏ, ତେବେ ସେମାନେ ଅକ୍ଟୋବର ୨୬ ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରିବାକୁ କର୍ମଚାରୀମାନେ ଧମକ ଦେଇଛନ୍ତି। ଧର୍ମଘଟରେ ଆଉ ଏକ ପ୍ରମୁଖ ପ୍ରସଙ୍ଗ ହେଉଛି ସରକାରଙ୍କ ପ୍ରଦର୍ଶନ ଲିଙ୍କ୍ଡ଼ ଇନସେଣ୍ଟିଭ୍ (ପିଏଲ୍‌ଆଇ) ଯୋଜନା।

### ବଢ଼ିଲା ବାଣିଜ୍ୟିକ...

ହୋଇଯାଇଛି। ସେହିପରି ଦେଶରେ ବିମାନ ଇନ୍ଧନ ମୂଲ୍ୟ ଲଗାତାର ଦ୍ୱିତୀୟ ମାସ ପାଇଁ ବୃଦ୍ଧି ପାଇଛି। ଏଟିଏଫ୍ ମୂଲ୍ୟ ପ୍ରତି ଲିଟର ୬.୨୮ ଟଙ୍କା ବୃଦ୍ଧି ପାଇଛି। ବିମାନ କମ୍ପାନୀଗୁଡ଼ିକ ଏହି ବର୍ଦ୍ଧିତ ଖର୍ଚ୍ଚକୁ ଯାତ୍ରୀଙ୍କ ଉପରେ ଲଦିଦେଇପାରନ୍ତି, ଯାହା ଫଳରେ ଆଗାମୀ ଦିନରେ ବିମାନ ଭଡ଼ା ବୃଦ୍ଧି ଘଟିବାର ସମ୍ଭାବନା ରହିଛି।

### ଉତ୍ତର ଓଡ଼ିଶାରେ...

ଆଦି ଜିଲ୍ଲାରେ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୮.୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ବ୍ଲକ୍‌ରେ ସର୍ବାଧିକ ୩୦୯.୨ ମିଲିମିଟର ବର୍ଷା ହୋଇଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବେ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ସଂଲଗ୍ନ ଉତ୍ତର ଉପକୂଳ ଓଡ଼ିଶା ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ସଦୃଶ ଲଘୁଚାପ ରୂପରେ ସକ୍ରିୟ ରହିଛି। ଆଗାମୀ ୨୪ ଘଣ୍ଟାରେ ଏହା ଉତ୍ତର ଓଡ଼ିଶା-ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ କମିବାର ଥିଲେ ମଧ୍ୟ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ବଢ଼ିବ ବୋଲି ଆଶଙ୍କା କରାଯାଇଛି। ଏହି କ୍ରମରେ ବୁଧବାର ପାଇଁ ବରଗଡ଼ରେ ପ୍ରବଳ ବର୍ଷା ଆଶଙ୍କା କରି ଏହି ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍‌ର ୧୯ଟି ଗ୍ରାମ ପଞ୍ଚାୟତ ଓ ୬୨ଟି ଗାଁ ବନ୍ୟା ଦ୍ୱାରା ଏବେ ପ୍ରଭାବିତ ହୋଇଛି। ଆଜି ସୁଦ୍ଧା ମୋଟ ୭,୭୪୫ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୨ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର ୧୮ଟି ବ୍ଲକ୍, ୪୮ଟି ଗ୍ରାମ ପଞ୍ଚାୟତ ଓ ୮୪ଟି ଗାଁ ପ୍ରଭାବିତ ହୋଇଛି। ବାରିପଦା ପୌରପାଳିକାର ୨ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ଜିଲ୍ଲାରେ ୨,୭୬୩ ଜଣ ପ୍ରଭାବିତ ହୋଇଥିବା ବେଳେ ୨,୦୭୬ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୧୧ଟି ରିଲିଫ୍ କ୍ୟାମ୍ପରେ ୨,୦୭୬ ଜଣଙ୍କୁ ଆଶ୍ରୟ ଦିଆଯାଇଛି। ବନ୍ୟା ମୁକାବିଲା ପାଇଁ ଯାଜପୁର, ବାଲେଶ୍ୱର ଓ ମୟୂରଭଞ୍ଜରେ ମୋଟ ୨୨ଟି ରେସ୍କ୍ୟୁ ଟିମ୍ ନିୟୋଜିତ ହୋଇଛନ୍ତି। ଏଥିରେ ଯାଜପୁରରେ ୩ଟି ଓଡ୍ରାଫ୍ ଟିମ୍, ବାଲେଶ୍ୱରରେ ୩ଟି ଓଡ୍ରାଫ୍ ଟିମ୍ ଏବଂ ମୟୂରଭଞ୍ଜରେ ୩ଟି ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଟିମ୍ ନିୟୋଜିତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ମୋଟ ୧୫୭ଟି ରେସ୍କ୍ୟୁ ଟିମ୍ ନିୟୋଜିତ କରାଯାଇଛି।

### ନିଟ୍ ଆନ୍ଦୋଳନକାରୀଙ୍କ...

ସରକାର ଓ କିଛି ରାଜ୍ୟଙ୍କ ପ୍ରତିଶ୍ରୁତି ଆଧାରରେ ସମ୍ବିଧାନର ଧାରା ୧୪୨ର ପ୍ରୟୋଗ କରାଯାଇଛି। ଅଦାଲତ କ୍ଷତିପୂରଣ ପ୍ରଦାନ ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ପରାମର୍ଶ କରି ଏକ ସର୍ବଭାରତୀୟ ସ୍ତରର ସ୍ଥାୟୀ ନିୟମାବଳୀ ପ୍ରସ୍ତୁତ କରିବାକୁ କହିଛନ୍ତି। ଏଥିସହିତ, ନିଟ୍ ୨୦୨୬ ପରୀକ୍ଷା ସମ୍ବନ୍ଧୀୟ ଆତ୍ମହତ୍ୟା ଜନିତ ଘଟଣାଗୁଡ଼ିକରେ ପୀଡ଼ିତ ପରିବାରବର୍ଗଙ୍କୁ ୩ ମାସ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରିବା ପାଇଁ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ନୂଆଦିଲ୍ଲୀରେ ଆସନ୍ତା ସେପ୍ଟେମ୍ବର ୫ରେ ହେବାକୁ ଥିବା ପ୍ରତିବାଦ ଶୋଭାଯାତ୍ରାକୁ ପ୍ରତ୍ୟାହାର କରିବାକୁ ଘୋଷଣା କରିଛି କକ୍ରୋଚ୍ ପାର୍ଟି। ବିକ୍ଷୋଭକାରୀଙ୍କ ବିରୋଧରେ ରୁଜୁ ମାମଲା ରଦ୍ଦ ହେବା ସହିତ ଅନ୍ୟାନ୍ୟ ଦାବି ପୂରଣ କରିବା ନେଇ କେନ୍ଦ୍ର ସରକାର କୋର୍ଟରେ ପ୍ରତିଶ୍ରୁତି ଦେବା ପରେ ସିଜେପି ଏହି ନିଷ୍ପତ୍ତି ନେଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ରାୟକୁ ସ୍ୱାଗତ କରି ସିଜେପି ମୁଖପାତ୍ର ସୌରଭ ଦାସ କହିଛନ୍ତି ।।ଯେ ସରକାରଙ୍କ ଆଶ୍ୱାସନା ଏବଂ କୋର୍ଟଙ୍କ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ସିଜେପି ଏହି ପ୍ରତିବାଦ ଶୋଭାଯାତ୍ରା ପ୍ରତ୍ୟାହାର କରିଛି। ଏହାର ପ୍ରତିକ୍ରିୟାରେ ପ୍ରଧାନ ବିଚାରପତି କହିଛନ୍ତି, 'ଯଦି ଉଭୟ ପକ୍ଷ ଭଲ ମନୋଭାବ ପ୍ରଦର୍ଶନ କରନ୍ତି, ତେବେ ସବୁ ସମସ୍ୟାର ସମାଧାନ ହୋଇପାରିବ'।

ସୂଚନାଯୋଗ୍ୟ, ଗତ ଜୁଲାଇ ୨୦ରେ ଯନ୍ତରମନ୍ତର ଆନ୍ଦୋଳନ ସମୟରେ ରୁଜୁ ହୋଇଥିବା ମାମଲାଗୁଡ଼ିକୁ ପ୍ରତ୍ୟାହାର ସହିତ କ୍ଷତିପୂରଣ ସଂପର୍କରେ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଳମ୍ବ କରୁଥିବାରୁ ଏହାର ପ୍ରତିବାଦରେ ସିଜେପି ସେପ୍ଟେମ୍ବର ୫ରେ ଇଣ୍ଡିଆ ଗେଟ୍‌ରୁ ଦିଲ୍ଲୀ ପୁଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରିବାକୁ ଘୋଷଣା କରିଥିଲା।

### ସମୂହ ଛୁଟିରେ...

ସେବା ଏବଂ ଅଭିଜ୍ଞତା ସତ୍ତ୍ୱେ ସେମାନେ ଏପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ କାର୍ଯ୍ୟରତ ଅଛନ୍ତି ଏବଂ ମାତ୍ର ୮ ହଜାର ଟଙ୍କା ମାସିକ ପାରିଶ୍ରମିକ ପାଉଛନ୍ତି। ବର୍ତ୍ତମାନର ଦ୍ରବ୍ୟମୂଲ୍ୟ ବୃଦ୍ଧି ପରିସ୍ଥିତିରେ ଏହି ପାରିଶ୍ରମିକରେ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହୋଇପଡ଼ିଛି ବୋଲି ମହାସଂଘ କହିଛି। ତେଣୁ ମହାସଂଘ ସଭାପତି ସଞ୍ଜୀବ ଦାଶଙ୍କ ନେତୃତ୍ୱରେ ପ୍ରାୟ ୩୫୦୦ ଯୋଗାଣ ସହାୟକ ଆସନ୍ତା ସେପ୍ଟେମ୍ବର ୭ ତାରିଖରୁ ପୁଣି ଆନ୍ଦୋଳନ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ଦାବି ଅନୁଯାୟୀ, ଗ୍ରାମ ରୋଜଗାର ସେବକ ବା ଜିଆର୍‌ଏସ୍‌ମାନଙ୍କୁ ପୂର୍ବରୁ ସ୍ଥାୟୀକରଣ କରି ଏଡିଇଓ ପଦବୀ ପ୍ରଦାନ କରାଯାଇଥିବା ବେଳେ, ଯୋଗାଣ ସହାୟକମାନଙ୍କ ପ୍ରତି ମଧ୍ୟ ସମାନ ନ୍ୟାୟ ଦିଆଯିବା ଆବଶ୍ୟକ ରହିଛି। ଏପଟେ ସଂଘ ସରକାରଙ୍କ ନୂତନ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାକୁ ସମର୍ଥନ କରି କାର୍ଯ୍ୟ କରି ଆସୁଛନ୍ତି। ପୂର୍ବରୁ ଜୁଲାଇ ୧୭ ରେ ଆନ୍ଦୋଳନକୁ ଓହ୍ଲାଇ ରାଜରାସ୍ତା ରେ ୧୧ ଦିନ ରହିବା ପରେ ସରକାର ଦାବି ପୂରଣ ନେଇ ମାସେ ସମୟ ନେଇଥିଲେ ମଧ୍ୟ କିଛି ଦାବି ଶୁଣି ନାହାନ୍ତି। ସେଥିପାଇଁ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ମହାସଂଘ ନିଷ୍ପତ୍ତି ନେଇଛି।

### ଜେଲ୍‌ରୁ ବାହାରିଲେ...

ହାତଯୋଡ଼ି କୃତଜ୍ଞତା ଜଣାଇଥିଲେ। ପରେ ବିକ୍ରମ ଗଜପତି ନଗର ସ୍ଥିତ ନିଜ ବାସଭବନରେ ପହଞ୍ଚିବା ପରେ ପରିବାର ପକ୍ଷରୁ ତାଙ୍କୁ ବନ୍ଦାପନା କରାଯାଇଥିଲା। ଭାବବିହ୍ୱଳ ପରିବେଶରେ ତାଙ୍କୁ ଘର ଭିତରକୁ ପାଛୋଟି ନିଆଯାଇଥିଲା। ପରେ ବିକ୍ରମ ବାପା ଓ ମା'ଙ୍କ ଆଶୀର୍ବାଦ ନେଇଥିଲେ। ଏହି ଦୃଶ୍ୟ ଉପସ୍ଥିତ ସମର୍ଥକଙ୍କ ମଧ୍ୟରେ ଭାବନାର ପରିବେଶ ସୃଷ୍ଟି କରିଥିଲା। ବିକ୍ରମଙ୍କ ଦୁଇ ଭଉଣୀ ଜାମିନଦାର ଭାବେ କୋର୍ଟରେ ହାଜର ହୋଇଥିଲେ। ପରେ ପରିବାର ସଦସ୍ୟମାନେ ଜେଲ୍‌କୁ ଯାଇ ତାଙ୍କୁ ପାଛୋଟି ଆଣିଥିଲେ। ଘରକୁ ଫେରିବା ପରେ ବିକ୍ରମ କହିଥିଲେ, ଧର୍ମର ଜୟ ହୋଇଛି। ପ୍ରଭୁ ଜଗନ୍ନାଥଙ୍କ ଅଶେଷ କୃପାରୁ ଆଜି ନ୍ୟାୟ ପାଇଛି। ନ୍ୟାୟିକ ବ୍ୟବସ୍ଥା ଉପରେ ମୋର ବିଶ୍ୱାସ ରହିଛି। ଏହି ଲଢ଼େଇରେ ସାଥ୍ ଦେଇଥିବା ଅଗଣିତ ଜନସାଧାରଣ ଓ ଗଞ୍ଜାମବାସୀଙ୍କୁ ସେ ସାଧୁବାଦ ଜଣାଇଥିଲେ। ଏଥିସହ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଜଣାଇ ବିକ୍ରମ କହିଥିଲେ ଯେ, ଏହି ଲଢ଼େଇରେ ନବୀନ ତାଙ୍କ ସାଥିରେ ଥିଲେ। ତାଙ୍କୁ ଆକ୍ରୋଶମୂଳକ ଭାବେ ଜେଲ୍‌ରେ ରଖାଯାଇଥିବା ଅଭିଯୋଗ କରି ଶେଷରେ ନ୍ୟାୟର ଜିତ୍ ହୋଇଛି ବୋଲି ସେ କହିଥିଲେ। ବିକ୍ରମଙ୍କ ମୁକ୍ତି ପରେ ବିଜେଡିର ବରିଷ୍ଠ ନେତାମାନେ ମଧ୍ୟ ଏହାକୁ ନେଇ ନିଜ ନିଜ ପ୍ରତିକ୍ରିୟା ରଖିଥିଲେ। ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଥିଲେ, ଏକ ମିଥ୍ୟା ମାମଲାରେ ବିକ୍ରମଙ୍କୁ ଜେଲ୍ ପଠାଯାଇଥିଲା। ତାଙ୍କୁ ଷଡ଼ଯନ୍ତ୍ରକାରୀ ଭାବେ ଯୋଡ଼ି ଦିଆଯାଇଥିଲା। ଶେଷରେ ମାନ୍ୟବର ହାଇକୋର୍ଟ ନ୍ୟାୟ ପ୍ରଦାନ କରିଛନ୍ତି ବୋଲି ସେ କହିଥିଲେ।

ଗଣତନ୍ତ୍ରରେ ସମସ୍ତେ ରାଜନୀତି କରିବା ଉଚିତ, କିନ୍ତୁ ଆକ୍ରୋଶର ରାଜନୀତିରୁ ଦୂରେଇ ରହିବା ଗଣତନ୍ତ୍ରର ସୁସ୍ଥ ପରମ୍ପରା ବୋଲି ମଙ୍ଗରାଜ କହିଥିଲେ। ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମଧ୍ୟ ବିକ୍ରମଙ୍କ ସପକ୍ଷରେ ମତ ରଖିଥିଲେ। ତାଙ୍କୁ ମିଥ୍ୟା ମାମଲାରେ ଫସାଇ ଦିଆଯାଇଥିଲା ବୋଲି କହିବା ସହ ନ୍ୟାୟିକ ବ୍ୟବସ୍ଥା ଉପରେ ଥିବା ବିଶ୍ୱାସର ବିଜୟ ହୋଇଛି ବୋଲି ସେ କହିଥିଲେ। ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ କହିଥିଲେ, ବିକ୍ରମଙ୍କ ଉପରେ ସମସ୍ତଙ୍କ ବିଶ୍ୱାସ ରହିଛି। ସେ କେବେ ମଧ୍ୟ ଏଭଳି କାର୍ଯ୍ୟ କରିବେନି। ନ୍ୟାୟିକ ବ୍ୟବସ୍ଥା ଉପରେ ବିଶ୍ୱାସ ରଖିବାରୁ ସତ୍ୟର ଜୟ ହୋଇଛି ବୋଲି ସେ କହିଥିଲେ। ବିକ୍ରମଙ୍କ ମୁକ୍ତି ସମୟରେ ବିଜେଡିର ଏକାଧିକ ବରିଷ୍ଠ ଓ ଯୁବ ନେତାଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ। ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସଞ୍ଜୟ ଦାଶବର୍ମା, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ, ଯୁବ ନେତା ମନ୍ମଥ କୁମାର ରାଉତରାୟ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଡଃ ଭଗବାନ ଗନ୍ତାୟତ, ପୂର୍ବତନ ବିଧାୟକ ସୁବାଷ ବେହେରା, ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ମୁଖପାତ୍ର ତୃମ୍ବନାଥ ପଣ୍ଡା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ପୂର୍ବତନ ବିଇଡିଏ ଅଧ୍ୟକ୍ଷ ସୁବାଷ ମହାରଣାଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଗଞ୍ଜାମ ବାର୍ ଆସୋସିଏସନ ସମ୍ପାଦକ ଜଗନ୍ନାଥ ମିଶ୍ରଙ୍କ ସମେତ ଶତାଧିକ ଆଇନଜୀବୀ ମଧ୍ୟ ସାମିଲ ହୋଇଥିଲେ। ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମଙ୍କୁ ଜେଲ୍ ପଠାଯାଇଥିଲା। ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ୍ ପାଇବା ପରେ ଆଜି ସେ ବ୍ରହ୍ମପୁର ଜେଲରୁ ମୁକୁଳିଛନ୍ତି। ତାଙ୍କ ମୁକ୍ତି ପରେ ଗଞ୍ଜାମର ବିଜେଡି ଶିବିରରେ ନୂଆ ଉତ୍ସାହ ଦେଖାଦେଇଛି। ଦୀର୍ଘ ସମୟ ଧରି ନିରବ ଥିବା ଦଳୀୟ ଯୁବ ଶିବିରରେ ମଧ୍ୟ ପୁଣିଥରେ ଚଞ୍ଚଳତା ଫେରିଥିବା ଦେଖାଯାଇଛି। ବିକ୍ରମଙ୍କ ଘରଫେରା କେବଳ ତାଙ୍କ ପରିବାର ପାଇଁ ନୁହେଁ, ତାଙ୍କ ସମର୍ଥକ ଓ ଦଳୀୟ କର୍ମୀଙ୍କ ପାଇଁ ମଧ୍ୟ ଏକ ଭାବପ୍ରବଣ ମୁହୂର୍ତ୍ତ ପାଲଟିଛି।

### ଦିଲ୍ଲୀ ଗଲେ...

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାରେ ବିଭିନ୍ନ କେନ୍ଦ୍ର ପ୍ରାୟୋଜିତ ଯୋଜନାର କାର୍ଯ୍ୟାନ୍ୱୟନର ସ୍ଥିତି ଓ ରାଜ୍ୟର ସଫଳତା ସମ୍ପର୍କରେ ଅବଗତ କରାଇବେ। ବିଶେଷକରି ପାନୀୟଜଳ ଯୋଗାଣ ଏବଂ ସୃଷ୍ଟି ହୋଇଥିବା ଜଳସେଚନ କ୍ଷମତା ସମ୍ପର୍କିତ ତଥ୍ୟ ସେ ଉପସ୍ଥାପନ କରିବେ। ଜଳ ଭଳି ଗୁରୁତ୍ୱପୂର୍ଣ୍ଣ ଓ ଜୀବନଧାରଣ ସହ ଜଡ଼ିତ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଅଧିକ ସମନ୍ୱୟ ଏବଂ ମିଳିତ ପ୍ରୟାସ ଉପରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବ। ଜଳ ଭିତ୍ତିଭୂମିର ଦ୍ରୁତ ବିକାଶ ସହ ଜଳସମ୍ପଦର ଦୀର୍ଘମିଆଦୀ ସୁରକ୍ଷା ଓ ସୁପରିଚାଳନା ପାଇଁ ଏକ ସମନ୍ୱିତ ରଣନୀତି ପ୍ରସ୍ତୁତି ଉପରେ ମଧ୍ୟ ମତବିନିମୟ ହେବ। ଆସନ୍ତାକାଲି ସମାପନୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଜଳସମ୍ପଦ ମନ୍ତ୍ରୀମାନେ ଯୋଗଦେବେ ବୋଲି ଜଣାପଡ଼ିଛି।

## ଓସିଏ ନିର୍ବାଚନ ମାମଲା ଶୁଣାଣି ୯ରେ

କଟକ,୧।୯(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ନିର୍ବାଚନ ପ୍ରସଂଗ ନେଇ ଦାୟର ମାମଲାର ଶୁଣାଣି ଅସଂପୂର୍ଣ୍ଣ ରହିଥିବା ବେଳେ ସେପ୍‌ଟେମ୍ବର ୯ ତାରିଖ ୨ଟା ୪୫ମିନିଟରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ଓ ସନରାଇଜ କ୍ଲବ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟରେ ଆଜି ପ୍ରତିପକ୍ଷ ଓସିଏ ସଂପାଦକ ଓ ଯୁଗ୍ମ ସଂପାଦକଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଛି। ଓସିଏ ପକ୍ଷରୁ ନିର୍ବାଚନ ସ୍ଥଗିତ ରଖିବା ନିଷ୍ପତ୍ତି ସାଧାରଣ ପରିଷଦ (ଜେନେରାଲ ବଡି) ଦ୍ୱାରା ଅନୁମୋଦିତ ଥିଲା ବୋଲି ଦର୍ଶାଯିବା ସହିତ ଆବେଦନର ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ଓସିଏ ସଂପାଦକଙ୍କ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ବର୍ତ୍ତମାନର କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟକାଳ ଜାରି ରହିବା ପ୍ରସଂଗକୁ ସାଧାରଣ ପରିଷଦ ଅନୁମୋଦନ କରିଥିଲା।


### Divisional Forest Officer, Brahmapur Forest Division

8001/287/2627

**TENDER CALL NOTICE: 05/2026-27**

**TENDER CALL NOTICE FOR CONSTRUCTION OF VSS BUILDINGS IN DIFFERENT LOCATIONS UNDER BERHAMPUR FOREST DIVISION**

The Divisional Forest Officer, Brahmapur Forest Division on behalf of Governor of Odisha invites percentage rate bid in OFF-LINE mode from eligible contractors with valid licenses for execution of Building & other work as detailed in DTCN https://odishaforest.in or https://forest.odisha.gov.in & https://ganjam.odisha.gov.in

The bid calendars under the end-to-end process are:

| | |
|---|---|
| 1. No. of Work (08 No.): | Construction of VSS buildings at different sites. |
| 2. Tender Form Cost: | Rs. 10000/- |
| 3. Class of Contractor | "C & D" Class Contractor |
| 4. Tender Document available from: | 01.09.2026, from 10:00 AM |
| 5. Last Date for Submission of Bid: | 21.09.2026, up to 05:00 PM |
| 6. Date of Opening of Technical Bid: | 22.09.2026, at 11:00 AM |
| 7. Opening of Financial Bid: | Will intimate after opening of technical bid. |

Sd/-
Divisional Forest Officer
Brahmapur Division

OIPR-8001/8038/1/26-27/0006

### LOST

Notice is hereby given that the original physical share certificates detailed below are reported lost/untraceable: Company: Jaiprakash Hospital & Research Centre Total Shares: 5,39,960 Equity Shares Certificate Nos.: 1 to 8 (8 Certificates) Folio & Distinctive Nos.: Records A police report/FIR has been requested to record the loss for statutory compliance and the issuance of duplicate certificates.

### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: ETCECONIVBBS 2026030, ତା.25.08.2026ରିଖ

**କାର୍ଯ୍ୟର ନାମ :** ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ/ଭୁବନେଶ୍ୱର ଅଧୀନସ୍ଥ ବିଭିନ୍ନ ଫିଲ୍ଡ କାର୍ଯ୍ୟାଳୟ/ମୁଖ୍ୟ କାର୍ଯ୍ୟାଳୟ ଏବଂ ଚାଲୁ ପ୍ରକଳ୍ପଗୁଡ଼ିକ ନିମନ୍ତେ ପୂର୍ବ ତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ ଅନ୍ତର୍ଗତ ନିର୍ମାଣ ସଙ୍ଗଠନରେ ନୂଆ ଲାଇନ, ଦୋହରୀକରଣ, ମଲ୍ଟିଟ୍ରାକିଙ୍ଗ୍ ଏବଂ ଅନ୍ୟ ପ୍ରକଳ୍ପଗୁଡ଼ିକ ନିମନ୍ତେ ପ୍ରକଳ୍ପ ସାଧାରଣ ପ୍ରବନ୍ଧକ ସେବା ପ୍ରଦାନ ପାଇଁ ପ୍ରସ୍ତାବ ନିମନ୍ତେ ଅନୁରୋଧ (RFP)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 49137.00 ଲକ୍ଷ, EMD (ଟଙ୍କାରେ): 9,82,74,000.00, କାର୍ଯ୍ୟ ଶେଷ ହେବା ଅବଧି : 60(ଷାଠିଏ)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.10.2026 ରିଖ 1200 ଘଣ୍ଟାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ୍ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-182/CJ/26-27

### AFFIDAVIT

By virtue of an affidavit sworn before Executive Magistrate, Uditnagar, Rourkela (A/70), dated 01.09.2026, I **Sami Akhtar**, Son of Late Sk Sirazuddin Address H-478 Sector-15, Rourkela, Sector-15, VTC: Raurkela(M), PO: Rourkela-3 Sub District: Raurkela (M) District: Sundergarh, Odisha: Pin Code: 769003 declare that I have changed the name of my son from **ARAIB AKHTAR** to **AREEB AKHTAR.** Henceforth, he shall be known as **AREEB AKHTAR** for all purposes.

**Sami Akhtar**

### ODISHA BRIDGE & CONSTRUCTION CORPORATION LIMITED

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

obcc

(A Government of Odisha Undertaking under Works Department)

ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର – ୭୫୧୦୧୨, ଦୂରଭାଷ – ୦୬୭୪ – ୨୩୯୦୦୪୩, CIN: U45203OR1983SGC001153

Vikash Bhavan, Nayapalli, Bhubaneshwar – 751012, Tel: 0674-2390043, Website: www.obcc.in, Email: md@obcc.in; info@obcc.in

NO. 6647 DATE : 01.09.2026
FILE: OBCC-CIRIII-MISC-0110

34001/729/2627

**NOTICE INVITING TENDER**

| Sl. No. | Name of work | Bid Identification No. | Date of availability of the bid document in e-procurement portal | Last date and time of receipt of the online bid | Bid Processing Fee (through online mode only) |
|---|---|---|---|---|---|
| 1 | Expression of Interest (EoI) for Shortlisting of Consulting Firm for Master Planning & Design Services for "Development of the Mahanadi Island Nature Park and Promenade (MINPP) at Sambalpur". | 36/Tender / OBCC/ 2026-27 | From 02.09.2026 | On or before 5:00 PM of 23.09.2026 | ₹11,800/- (Including GST) |

2. Further details with any addendum, corrigendum, or cancellation can be seen from the e-procurement portal https://www.tendersodisha.gov.in.

3. OBCC has the right to accept or reject the Notice / EOI without assigning any reasons thereof.

Chief Engineer-III
OB&CC Ltd.

OIPR-34001/34161/1/26-27/0022

### PUBLIC NOTICE

This is to inform the general public that **STUDIO 3 SIXTY 5 FILMS, owned by Dr. K. Tamanna**, claims copyright and intellectual property ownership over the following three audio songs of the proposed Odia film **"LOVE DIARY"** recorded in **2021**, featuring vocals by **Humane Sagar & Asima Panda** and music directed by **Mr. Baidyanath Dash.**

The full agreed payment for production and recording of the **LOVE DIARY** project was made to Mr. Baidyanath Dash.

**The songs are:**

1. **"E Hrudaya Ra Pratiti Prustha Re – Love Love Love Diary"**
2. **"Monday Ru Sunday Jaye, Kali Intezar"**
3. **"To Bhiatre Kichi Alaga Achi"**

No individual, company, label, platform, or other entity is authorised to use, reproduce, copy, publish, distribute, license, upload, sell, broadcast, or commercially exploit the above songs, in whole or in part, without the prior written permission of **STUDIO 3 SIXTY 5 FILMS / KANCHANA MUSIC.**

Any unauthorised use shall be treated as an infringement of our copyright and intellectual property rights, and appropriate legal action may be initiated.

**Dr. K. Tamanna**
**Producer & Owner**
**STUDIO 3 SIXTY 5 FILMS & KANCHANA MUSIC**
**Bargarh / Bhubaneswar**

### NOTICE

It is hereby intimated that with effect from 03.09.2026 Branch operations of **ASIRVAD MICRO FINANCE LIMITED** - Sohela Branch, At- Masterpada, Sohela, Near Punjab National Bank, Post - Sohela, District - Bargarh, Odisha, Pin code - 768033 will be shifted Ground floor, At– Chandra Tikira, Near Mahaveer Mandir, Post - Sohela, District - Bargarh, Odisha, Pin Code - 768033 for the better convenience in infrastructure. Customers may kindly note that all efforts have been taken to avoid inconvenience to the customers and still any difficulties are faced, all are requested to contact in the following numbers for further guidance.

**Call: Branch Head No: 7328847570/ 8018911574**
**AREA Head No: 9178964506**

**Or write to:**

**Asirvad Micro Finance Ltd**
**(Subsidiary of Manappuram Finance Limited)**
**Registered Office: No: 9, 9th Floor, Club House Road, Anna Salai, Chennai 600 002. Tamilnadu, India**
**Asirvad Micro Finance Ltd**
**(Subsidiary of Manappuram Finance Limited)**
**Corporate Office: Building NO:4/85 B, C & D, Chanthappadi, Valapad, Thrissur, Kerala, India-680567**

### OHPC

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com

**ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)**
Regd. Office OSPH & WC. Building, Vanivihar Chhak, Janpath, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102,
E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

32001/780/2627

**NOTICE INVITING TENDER No. UIHEP- 22/2026-27 DATED 31.08.2026**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the **Reputed Manufacturers or its Channel Partners/ Authorized dealer** for supply of the following materials / providing services as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply of 01 (One) No. of new Thermal Imaging Camera with all its accessories (Mako: FLIR, Model: E76 Dual FOV 14° + 24°) for 11KV/33KV/220KV/ 400KV Switchyard, UIHEP, Mukhiguda. | 4,720/- (inclusive of GST) | 8,250/- | From 06.09.2026 to 19.09.2026 upto 12:00 Hrs. | 19.09.2026 (upto 13:00 Hrs.) | 19.09.2026 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com

C&P Head
UIHEP, Mukhiguda

OIPR-32001/32136/1/26-27/0018

24001/432/2627 REGD. NO.D.L-33004/99

भारत का राजपत्र
The Gazette of India

CG-DL-E-17072026-274582
EXTRAORDINARY
II - Section 3 - Sub-section (ii)
PUBLISHED BY AUTHORITY

No. 3674
No. 3674] NEW DELHI, MONDAY, JULY 13, 2026/ASHADHA 22, 1948

MINISTRY OF ROAD TRANSPORT AND HIGHWAYS
Notification
New Delhi, the 10 July 202

S.O. 3836(E) (E).—Whereas by the notification of the Government of India in the Ministry of Road Transport and Highway, S.O. 1964(E) Dated:20 April 2026 published in Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening /four-laning, etc.), maintenance, management and operation of NH55 in the stretch of land from Km. 279.44 to Km. 292.62 in the village(s) namely- Taluk- ERSAMA and in the village(s) namely- Taluk- Tirtol and in the village(s) namely- Taluk- JAGATSINGHPUR and in the village(s) namely- Anakhia, Anantabrahmapur, Budhapara, Chandpur, Dandilo, Gopinathpur, Hajipur, Kulakaijanga, Madhyasesan, Nuadhana, Nuapari, Pandia, sarheisasan, Tanchanabrahmapur, Uttarasasan Mahajansahi Taluk- Biridi and in the village(s) namely- Taluk- Balikuda and in the village(s) namely- Taluk- Raghunathpur in the district of Jagatsinghpur in the state of ODISHA.

And whereas the substance of the said notification has been published in "SAMAJ AND SAKALA" dated 5 May 2026 under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately;

And whereas, in pursuance of sub-section (1) of section 3D of the said Act, the Competent Authority has submitted its report to the Central Government;

Now, therefore, upon receipt of the said report of the Competent Authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

SCHEDULE

Brief Description of the land to be acquired with or without structures falling NH55 in the stretch of land from Km. 279.44 to Km. 292.62 in the village(s) namely- Taluk-ERSAMA and in the village(s) namely- Taluk-Tirtol and in the village(s) namely- Taluk-JAGATSINGHPUR and in the village(s) namely- Anakhia, Anantabrahmapur, Budhapara, Chandpur, Dandilo, Gopinathpur, Hajipur, Kulakaijanga, Madhyasesan, Nuadhana, Nuapari, Pandia, sarheisasan, Tanchanabrahmapur, Uttarasasan Mahajansahi Taluk-Biridi and in the village(s) namely- Taluk-Balikuda and in the village(s) namely- Taluk-Raghunathpur in the district of Jagatsinghpur in the state of ODISHA.

5318 GI/2026

File Number: F. No. RO/BBSR/11011/NH/IAHE/39/Smbp-Nuagaon/2017/3D1
Shaikh Amin khan, Director.

District: Jagatsinghpur
https://egazette.gov.in
Publication Date: 10/07/2026
https://egazette.gov.in
https://bhoomirashi.gov.in
Note: The physical copy of this notification is also available at the office of CALA/PIU/PMU/RO/ED and Landowners may also see the notification there.

OIPR-24001/24039/3/26-27/0001

### AFFIDAVIT

By virtue of an affidavit sworn before the Executive Magistrate, Sohela vide CF No.- 01 dtd.01.09.2026, I, Rohita Sui, S/o- Purnachandra Sui, R/o- Vill./Po.- Sarkanda, Ps.- Sohela, Dist.- Bargarh, Pin- 768033 state that, I have changed my name from **Rahit Sui** to **Rohita Sui.** Henceforth I shall be known as **Rohita Sui** for all future purposes.

### AFFIDAVIT

By virtue of an affidavit sworn before the Addl. Tahasildar cum Executive Magistrate, Suliapada, Mayurbhanj, dated 24-08-2026 I, Puspanjali Das, w/o- Bishnu Kumar Das, Address AT- Mahuli, PO-Kostha, PS- Suliapada, Dist- Mayurbhanj, PIN-757084 declare that I have changed the name of my daughter from SENHA DAS to SNEHA DAS. Henceforth, she shall be known as **SNEHA DAS** for all purposes.

**Puspanjali Das**

### AFFIDAVIT

By virtue of an affidavit no.1156, before the Executive Magistrate, Nabarangpur, dt.31.08.2026, I, S. SANKAR RAO, Vill-Balarampalli, P.O.-Badakhandi, P.S.-Berhampur Sadar, Dist.-Ganjam-761101, Presently residing At- Ichhabatiguda, P.O./P.S./Dist.-Nabarangpur-764059, declare that the name of my minor son has been changed from S. SAI SWASTIK to SALA SAI SWASTIK. Henceforth, he shall be known as **SALA SAI SWASTIK** for all purposes.

**Sd/- S. SANKAR RAO**

### AFFIDAVIT

By virtue of an affidavit (SL No. 73, dtd- 18/07/2026) sworn before The Executive Magistrate, Bhubaneswar. I, **Pooja Acharya**, W/o Basudev Acharya, resident of AT: Simuli, PO: Baharana, PS: Gop, Dist: Puri, PIN: 752120, State: Odisha declare that I have corrected my name from **Sitarani Tripathy**, D/o Achyutananda Tripathy to **Pooja Acharya,** W/o Basudev Acharya in my LIC Policy Bond Vide Policy No: **585873712.** Henceforth, I shall be known as **Pooja Acharya,** W/o Basudev Acharya, D/o Achyutananda Tripathy for all purposes.

**Pooja Acharya**

### AFFIDAVIT

By virtue of an affidavit (Sl No. 6560, dtd-20/08/2026) sworn before The Executive Magistrate, Cuttack. I, **Pinky Acharya** (new name), W/o Samprit Acharya, resident of Vill: Nuapada, Balisahi, PO/PS: Madhupatna, Dist: Cuttack, PIN: 753010, State: Odisha declare that I want to correct my name from **Basani Behera** (old name) W/O Rajesh Patra resident of Darghapatna PO:- Nayabazar Dist:- Cuttack to **Pinky Acharya** (new name) in my Aadhaar Card (No. 7841 1785 6501). Henceforth, I shall be known as **Pinky Acharya,** aged 31 years, W/O Samprit Acharya, resident of Vill: Nuapada, Balisahi, Po/Ps- Madhupatna, Cuttack-753010, Odisha for correction of my Aadhar card and shall be produced before competent authority for Gazette notification and also for all purpose.

**Pinky Acharya**

### AFFIDAVIT

By virtue of an affidavit (CF No. 169, dtd- 25/05/2026) sworn before The Executive Magistrate, Bhubaneswar. I, **Bishnu Charan Mohanty** (new name), S/o Late Banambar Mohanty, permanent resident of AT/PO: Bilasuni, PS: Niali, Dist: Cuttack, PIN: 754004, State: Odisha declare that I have changed my name from **Bishnu Mohanty** (old name) to **Bishnu Charan Mohanty** (new name). Henceforth, I shall be known as **Bishnu Charan Mohanty** (new name) for all purposes.

**Bishnu Charan Mohanty**

### AFFIDAVIT

I, Premchander D, aged about 51 years, S/o- Dhingaran, resident of At- Weslian Block, Coromandel, KGF, PO- Coromandel, PS- Oorgaum, Sub District- Bangarapet, Dist- Kolar, Karnataka, PIN- 563118 and present residing At- Sarbahal, PO/PS/Tahasil: Jharsuguda, Dist- Jharsuguda, PIN- 768201, Odisha declared by this affidavit CF No. 11199, dtd- 31/08/2026 that now onwards I shall be known as **PREMCHANDER DHINAGARAN** for all future purposes.

### AFFIDAVIT

By virtue of an affidavit no. 6379 sworn before the Notary Public, Nabarangpur, dated 16.06.2026, I, PRABHUDAN BAGH, At: Daleiguda, PO/PS: Papadahandi, Dist. Nabarangpur, Odisha, declare that I have changed my family surname from "HARIJAN" to "BAGH". Accordingly, my name shall be PRABHUDAN BAGH instead of PRABHUDAN HARIJAN; my wife shall be known as LAXMI BAGH instead of LAXMI HARIJAN; my son as PRABIN BAGH instead of PRABIN HARIJAN; and my daughters as MANSI BAGH and PRIYANSHI BAGH instead of MANSI HARIJAN and PRIYANSHI HARIJAN, respectively. Henceforth, all of us shall be known by the surname "BAGH" for all purposes and records.

**Sd/- PRABHUDAN BAGH**

## ସୋଲାର ବାଡ଼ ଉପାଡ଼ିବାକୁ ନେଇ ଉତ୍ତେଜନା, ୨ ଗୋଷ୍ଠୀ ମୁହାଁମୁହିଁ

# ୨୦ରୁ ଉର୍ଦ୍ଧ୍ୱ ଆହତ, ୩ କଟକ ସ୍ଥାନାନ୍ତର

କାମାକ୍ଷାନଗର/ଭୁବନ,୧।୯ (ସମିସ): ଫସଲ ସୁରକ୍ଷା ପାଇଁ କରାଯାଇଥିବା ସୋଲାର ବାଡ଼ ଉପାଡ଼ିବାକୁ କେନ୍ଦ୍ରକରି କାମାକ୍ଷାନଗର ଥାନା ବେଡ଼ାପାଳ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ରରୂପ ନେଇଛି। ପରସ୍ପରକୁ ପଥର ମାଡ଼ରେ ଉଭୟ ଗୋଷ୍ଠୀର ୨୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିମାନେ ହେଲେ ସୁରେଶ ଜେନା, ଯୁଧିଷ୍ଠିର ରାଉତ, କୈଳାସ ଲେଙ୍କା, ଶେଷଦେବ ଜେନା, ଭୋଳା କୁମାର ଦାସ, ବିଘ୍ନେଶ୍ୱର ଜେନା, ନଳିନୀ ଜେନା, ଅନନ୍ତ ପରିଡ଼ା, କାଳନ୍ଦୀ ରାଉତ, କାହ୍ନୁଚରଣ ଜେନା, ମନୋହର ପରିଡ଼ା, ବୁଦ୍ଧିମନ୍ତ ଜେନା, ଜଗନ୍ନାଥ ମଲ୍ଲିକ, କୈଳାସ ଲେଙ୍କା, ସନ୍ତୋଷ ଲେଙ୍କା, ପୂର୍ବତନ ସଭାପତି ନିରଞ୍ଜନ ଲେଙ୍କା ପ୍ରମୁଖ। ଏମାନଙ୍କୁ ପ୍ରଥମେ ଜିରାଳ ଓ



ଦୁଇ ପ୍ଲାଟୁନ ଫୋର୍ସ ମୁତୟନ, ଉଭୟ ପକ୍ଷରୁ ୫୦ ଅଟକ

ପରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସନ୍ତୋଷ ଲେଙ୍କା, ନିରଞ୍ଜନ ଲେଙ୍କା ଓ କାଳନ୍ଦୀ ରାଉତଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ





ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ଗାଁରେ ତୀବ୍ର ଉତ୍ତେଜନା ଲାଗି ରହିଥିବାରୁ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। କାମାକ୍ଷାନଗର ଏସଡିପିଓ ଚିତ୍ତରଞ୍ଜନ ବେହେରା ଓ ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ଗ୍ରାମରେ ଉପସ୍ଥିତ ରହି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ପୁଲିସ ଉଭୟପକ୍ଷରୁ ୫୦ ଜଣଙ୍କୁ ଅଟକ ରଖିଥିବା ବେଳେ ଆପୋସ ଆଲୋଚନା ମାଧ୍ୟମରେ ପରିସ୍ଥିତି ଶାନ୍ତ କରିବାକୁ ଉଦ୍ୟମ ଜାରି ରଖିଛି।

ପ୍ରାୟ ବର୍ଷେ ତଳେ ଗୋଠଣିଆ ଜାଗାକୁ କେନ୍ଦ୍ର କରି ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା। ପରେ ଢେଙ୍କାନାଳ ଜିଲ୍ଲାପାଳ ଓ ଏସ୍‌ପିଙ୍କ ହସ୍ତକ୍ଷେପରେ ଉଭୟ ମାମଲା ସମାଧାନ ହୋଇଥିଲା। ତେବେ ପୁଣିଥରେ ସୋଲାର ବାଡ଼କୁ ନେଇ ବିବାଦ ଦେଖାଦେଇଛି। ଗୋଟିଏ ପକ୍ଷର ଅଭିଯୋଗ ହେଉଛି, ସେମାନେ ଲଗାଇଥିବା ସୋଲାର ବାଡ଼କୁ ଅନ୍ୟ ପକ୍ଷ ଭାଙ୍ଗି ଦେଇଛନ୍ତି। ଅନ୍ୟପକ୍ଷ ଏହି ଅଭିଯୋଗକୁ ଖଣ୍ଡନ କରିଛି। ବର୍ତ୍ତମାନ ଗାଁରେ ପୁଲିସ ଛାଉଣି କରାଯାଇଥିବା ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ଯେପରି ନ ଘଟେ, ସେଥିପ୍ରତି ପୁଲିସ କଡ଼ା ନଜର ରଖିଛି।

## ନାଳରେ ବୁଡ଼ି ଯୁବକ ମୃତ

କାମାକ୍ଷାନଗର,୧।୯ (ସମିସ): କଙ୍କଡ଼ାହାଡ଼ ଥାନା ସାହାଲା ଗାଁରେ ନାଳରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗାଁର ସମୀର ବେହେରା (୨୨)। ସୋମବାର ମଧ୍ୟାହ୍ନ ସମୟରେ ସମୀର ଗାଁ ପାଖ ନାଳକୁ ଶୌଚ ପାଇଁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ମଙ୍ଗଳବାର ନାଳରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲ। କଙ୍କଡ଼ାହାଡ଼ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ମେଡିକାଲ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୁଲିସ ତଦନ୍ତ ଚଳାଇଛି।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

କାମାକ୍ଷାନଗର,୧।୯ (ସମିସ): ଘର ନିକଟ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ କାମାକ୍ଷାନଗର ବ୍ଲକ କେରଜୁଳି ପଞ୍ଚାୟତ ରୋଡ଼ଙ୍ଗ ଗାଁର ମାୟାଧର ପ୍ରଧାନ (୬୨)। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଛନ୍ତି।

## ବ୍ରାହ୍ମଣୀରେ କୁମ୍ଭୀର; ଗ୍ରାମବାସୀ ଆତଙ୍କିତ

ଢେଙ୍କନାଳ,୧।୯ (ସମିସ): ସପ୍ତାହ ବ୍ୟାପୀ ଲଗାଣ ବର୍ଷାରେ ରେଙ୍ଗାଳି ଡ୍ୟାମର ୪ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରିବା ପରେ ବ୍ରାହ୍ମଣୀ ନଦୀରେ ବନ୍ୟା ଆସିଥିଲା। ବନ୍ୟା ଜଳରେ ଏକ କୁମ୍ଭୀର ଆସିଥିବା ଦେଖିବାକୁ ମିଳିଛି। ପ୍ରଥମେ କଣ୍ଟାବଣିଆ ଥାନା କମଳାଙ୍କଠାରେ ବ୍ରାହ୍ମଣୀ ନଦୀରେ କୁମ୍ଭୀର ଦେଖାଦେଇଥିଲା। ପୁନଶ୍ଚ ଦୁଇ ଦିନ ତଳେ କୁରୁଣ୍ଟି ଗ୍ରାମ ଓ କୁସୁପଙ୍ଗାଠାରେ ଥିବା ଟାଟା ଷ୍ଟିଲ ପମ୍ପ ହାଉସ୍ ନିକଟରେ କୁମ୍ଭୀର ଦେଖା ଦେଇଥିଲା। ନଦୀକୂଳରେ ବିଭିନ୍ନ ଜାଗାରେ କୁମ୍ଭୀର ଦେଖା ଦେଉଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପ୍ରଶାସନ ଏଥିପ୍ରତି ନଜର ଦେବାକୁ ଦାବି ହୋଇଛି।



## କୂଅରୁ ଆହତ ହାତୀ ଶାବକ ଉଦ୍ଧାର

ଢେଙ୍କାନାଳ,୧।୯ (ସମିସ): ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକ୍ସନ କାଉଁରିଆପାଳ ନିକଟରେ ଥିବା ଏକ ଖୋଲା କୂଅରୁ ବନ ବିଭାଗ ଆହତ ହାତୀ ଶାବକକୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ସୋମବାର ରାତିରେ କାଉଁରିଆପାଳ ଗାଁ ନିକଟରେ ହାତୀପଲ ଚଳପ୍ରଚଳ କରୁଥିବା ବେଳେ ହାତୀ ଶାବକ କୂଅରେ ପଡ଼ିଯାଇଥିଲା। ଗ୍ରାମବାସୀ ଏ ନେଇ ବନବିଭାଗକୁ ଖବର ଦେଇଥିଲେ। ଗଦାଶିଳା ଫରେଷ୍ଟ କର୍ମଚାରୀଙ୍କ ସହ ବନବିଭାଗ ଅଧିକାରୀ, ରାପିଡ ରେସ୍ପନ୍ସ ଟିମ ଘଟଣାସ୍ଥଳରେ ପହଞ୍ଚି ମାଈ ହାତୀ ଶାବକକୁ ଉଦ୍ଧାର କରିଥିଲେ। ପରେ ପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା କରିଥିଲେ। ଶାବକଟି ସୁରକ୍ଷିତ ଥିବା ବେଳେ ଏବେ ତାକୁ ବନବିଭାଗ ନିରୀକ୍ଷଣରେ ରଖାଯାଇଛି। ଶାବକର ବୟସ ୩ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।



## ଖଙ୍କିରା ଓ ବ୍ରାହ୍ମଣ ତଇଲାରେ ହାତୀ ଉପଦ୍ରବ

ଗଁଦିଆ,୧।୯ (ସମିସ): ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ରେଞ୍ଜ ଖଙ୍କିରା ସଂରକ୍ଷିତ ଜଙ୍ଗଲରେ ହାତୀ ଉପଦ୍ରବ ଦେଖାଦେଇଛି। ବିଳମ୍ବିତ ରାତିରେ ହାତୀପଲ ଅଞ୍ଚଳରେ ପଶି ବ୍ୟାପକ ଧାନଫସଲ ନଷ୍ଟ କରିଛନ୍ତି। ଜଙ୍ଗଲ ଚାରିପାଖରେ ଟ୍ରେଞ୍ଚ ଖୋଳାଯାଇଥିଲେ ମଧ୍ୟ ବ୍ରାହ୍ମଣ ତଇଲା ନିକଟରେ ଥିବା ରାସ୍ତା ଦେଇ ହାତୀ ଏବଂ ଅନ୍ୟ ଜୀବଜନ୍ତୁ ସହଜରେ ଗାଁ ଭିତରକୁ ପଶି ଆସୁଛନ୍ତି। ଫଳରେ ପ୍ରତିବର୍ଷ ଏହି ଅଞ୍ଚଳରେ ହାତୀ ଉତ୍ପାତ ବୃଦ୍ଧି ପାଉଛି। ଚଳିତ ବର୍ଷ ବହୁ କଷ୍ଟରେ ଫଳିଥିବା ଧାନ ଫସଲ ଯଦି ଏପରି ହାତୀ ପାଦତଳେ ନଷ୍ଟ ହୁଏ ତେବେ ଚାଷୀମାନେ ଭୟଙ୍କର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ଲାଗି ରହିଥିବା ହାତୀ-ମଣିଷ ସଂଘର୍ଷ କେବେ ଶେଷ ହେବ ଏବଂ ଏଥିପାଇଁ ପ୍ରକୃତରେ ଦାୟୀ କିଏ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ରାହ୍ମଣ ତଇଲା ଅଞ୍ଚଳରେ ଟ୍ରେଞ୍ଚ ଖୋଳିବା ପାଇଁ ଚାଷୀମାନେ ଦୀର୍ଘଦିନ ଧରି ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳ ଏବଂ ବନଖଣ୍ଡ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀ ତଥା ବୁଦ୍ଧିଜୀବୀ ମହଲରୁ ଦୃଢ଼ ଦାବି ହେଉଛି।

## ବିଜେଡି ଏସ୍‌ସି ସେଲ ସଭାପତିଙ୍କୁ ସମ୍ବର୍ଦ୍ଧନା



ଖଜୁରିଆକଟା,୧।୯ (ସମିସ): ହିନ୍ଦୋଳ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ରାଜ୍ୟ ଅନୁସୂଚିତ ଜାତି ସେଲର ନବନିଯୁକ୍ତ ସଭାପତି ମହେଶ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକଙ୍କ ସଭାପତିତ୍ୱ ଓ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକଙ୍କ ସଂଯୋଜନାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ମହେଶଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ମାମତାଞ୍ଜଳି ନାଏକ, ବିଜେଡି ନେତା ଅଶୋକ ନାଏକ, ହିନ୍ଦୋଳ ଏନଏସି ସଭାପତି ପ୍ରଦ୍ୟୁମ୍ନ କୁମାର ବେହେରା, ଓଡ଼ାପଡ଼ା ବ୍ଲକ୍ ସଭାପତି ଯତି ନାଏକ, ବିଜେଡି ରାଜ୍ୟ ମହିଳା ସମ୍ପାଦକ ମମତା ସାହୁ, ହିନ୍ଦୋଳ ବ୍ଲକ୍ ମହିଳା ସଭାପତି ଯୋଗମାୟା ଗଡ଼ନାୟକ, ଏନ୍‌ଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, ଏନ୍‌ଏସି ମହିଳା ସଭାପତି ଅନୁପମା ସାହୁ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ, ହାପି ଗଡ଼ନାୟକ, ସୁଶାନ୍ତ ବେହେରା, ସମସ୍ତ ସରପଞ୍ଚ, ସମିତି ସଭ୍ୟ, କାଉନସିଲର ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଉଦଯାପିତ

ଯୋରନ୍ଦା,୧।୯ (ସମିସ): ମହିମା ମହାବିଦ୍ୟାଳୟରେ +୩ କଳା, ବିଜ୍ଞାନ ଏବଂ ବାଣିଜ୍ୟ ତୃତୀୟବର୍ଷର ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଶକ୍ତିଶ୍ରୀ' ଉଦଯାପିତ ହୋଇଛି। ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀମାନେ ଗ୍ରହଣ କରିଥିବା ତାଲିମକୁ ଅଭ୍ୟାସରେ ପରିଣତ କରି ନିଜକୁ ସୁରକ୍ଷିତ ରଖିବା ଏବଂ ମାନସିକ ସ୍ତରରେ ସୁଦୃଢ଼ ହୋଇ ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଧୈର୍ଯ୍ୟଶୀଳ ହେବାକୁ ଅଧ୍ୟକ୍ଷ ସ୍ୱାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଡ. ଶକୁନ୍ତଳା ଭୂୟାଁ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ରୂପେ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ଗୀତାଞ୍ଜଳି ମହାରଣା, ଶ୍ରୀଚନ୍ଦନ ସାସମଲ, ଯୁବ ରେଡକ୍ରସ ଉପଦେଷ୍ଟା ରଞ୍ଜନ କୁମାର ମହାପାତ୍ର, ଅଧ୍ୟାପିକା ବିଷ୍ଣୁପ୍ରିୟା ମହାପାତ୍ର, ଡ. ଗୀତାଞ୍ଜଳି ସାହୁ, ଜୟଶ୍ରୀ ମହାନ୍ତି ଯୋଗଦେଇଥିଲେ। ସସ୍ମିତା ମହାରଣା ଓ ଲିଟିଲରାଣୀ ଜେନା ପ୍ରଶିକ୍ଷିକା ଭାବେ ୬ ଦିନ ଧରି ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ



ଢେଙ୍କାନାଳ,୧।୯ (ସମିସ): ଢେଙ୍କାନାଳର ବରିଷ୍ଠ ନାଗରିକମାନେ ଆସନ୍ତା ୨ ତାରିଖ ଭୁବନେଶ୍ୱର ରେଳ ଷ୍ଟେସନରୁ ତୀର୍ଥଯାତ୍ରାରେ ବାରଣାସୀ-ଅଯୋଧ୍ୟା ଅଭିମୁଖେ ବାହାରିବେ। ଏହି ଉପଲକ୍ଷେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସମସ୍ତ ବରିଷ୍ଠ ନାଗରିକଙ୍କୁ ଗୋଲାପ ଫୁଲ ଦେଇ ସେମାନଙ୍କ ମଙ୍ଗଳମୟ ଯାତ୍ରା କାମନା କରିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁଦୀପ୍ତ କୁମାର ସାହୁ ପ୍ରମୁଖ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ୪୮ ଦମ୍ପତି ଓ ୩୯ ଜଣ ଏକକ ବ୍ୟକ୍ତିଙ୍କ ସହ ୨ ସହାୟକ ଏବଂ ୩ ଜଣ ଏସ୍କର୍ଟ ଅଫିସର ୨ଟି ବସ୍‌ରେ ଭୁବନେଶ୍ୱର ଯାତ୍ରା କରିଛନ୍ତି।

## ସୁପୋଷିତ ଓଡ଼ିଶା ମିଶନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଖଜୁରିଆକଟା,୧।୯ (ସମିସ): ଓଡ଼ାପଡ଼ା ବ୍ଲକ ଗୌଡ଼କାଟେଣୀସ୍ଥିତ ସତ୍ୟମ୍ ଶିବମ୍ ସୁନ୍ଦରମ୍ ଡିଗ୍ରୀ ମହାବିଦ୍ୟାଳୟରେ ଶିଶୁମାନଙ୍କ ପାଇଁ 'ସୁପୋଷିତ ଓଡ଼ିଶା ମିଶନ' ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏନଏସି ପକ୍ଷରୁ ଆୟୋଜିତ ହୋଇଛି। ଅଙ୍ଗନବାଡ଼ି ସୁପରଭାଇଜର ସୌଭାଗିନୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପୋଷଣ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଲଭ କୁମାର ସାହୁଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍ଭିଦ ବିଜ୍ଞାନ ବିଭାଗର ଜ୍ୟୋସ୍ନାରାଣୀ ମିଶ୍ର ଉପସ୍ଥିତ ଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ଜୟଶ୍ରୀ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ଡେମୋନଷ୍ଟ୍ରେଟର ସୁସ୍ମିତା ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।



## ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

# ୧୫୦ କିଲୋ ବାସି ଓ କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ନଷ୍ଟ

ଢେଙ୍କାନାଳ,୧।୯ (ସମିସ): ଢେଙ୍କାନାଳ ସହରରେ ଥିବା ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ମିଠା ଦୋକାନରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨ ଲକ୍ଷ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରାୟ ୧୫୦ କିଲୋ ବାସି ତଥା କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ନଷ୍ଟ କରାଯାଇଛି। ସହରରେ ଥିବା ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ମୋଟା ଅଙ୍କର ଅର୍ଥ ଉପାର୍ଜନ ପାଇଁ ଗ୍ରାହକଙ୍କୁ ନିୟମିତ ନିମ୍ନମାନର ଖାଦ୍ୟ ପରିବେଷଣ କରୁଥିବା ଅଭିଯୋଗ ହୋଇଆସୁଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ସହରରେ ଥିବା ଖାଦ୍ୟ ଦୋକାନଗୁଡ଼ିକରେ ଚଢ଼ଉ କରାଯାଇ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରାଯାଇଥିଲା। ସ୍ଥାନୀୟ ଦକ୍ଷିଣକାଳୀ ରୋଡ୍, ମେଡିକାଲ ବାଇପାସ୍ ରୋଡ୍, ମହାବୀର ବଜାର, ମୀନା ବଜାର, ଗଣେଶ ବଜାର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟ ଅଞ୍ଚଳ ଏବଂ ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ମୋଟ ୧୮ଟି ହୋଟେଲରେ ଚଢ଼ଉ କରାଯାଇଥିଲା। ନିୟମ ଉଲ୍ଲଂଘନ କରିଥିବା ୧୦ ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନକୁ ମୋଟ ୨ ଲକ୍ଷ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ବିଭିନ୍ନ



୨ ଲକ୍ଷ ୧୦ ହଜାର ଟଙ୍କା ଜରିମାନା

ଖାଦ୍ୟ ସାମଗ୍ରୀର ୨୭ଟି ସନ୍ଦିଗ୍ଧ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବୋରେଟୋରୀ ପଠାଯାଇଛି। ଏହାସହ ଖାଦ୍ୟ ବ୍ୟବସାୟୀ ଓ କର୍ମଚାରୀଙ୍କୁ ଖାଦ୍ୟ ସୁରକ୍ଷା ସମ୍ପର୍କରେ ସଚେତନ ମଧ୍ୟ କରାଯାଇଛି। ବିଶେଷକରି ଖାଦ୍ୟ ପ୍ରସ୍ତୁତି ଓ ପରିବେଷଣ ସମୟରେ ମୁଣ୍ଡରେ କ୍ୟାପ୍ ବ୍ୟବହାର କରିବା, ବୈଧ ଏଫଏସଏସଏଆଇ ଲାଇସେନ୍ସର ନକଲ ଗ୍ରାହକଙ୍କ ଦୃଷ୍ଟିରେ ପଡ଼ିବା ଭଳି ସ୍ଥାନରେ ପ୍ରଦର୍ଶନ କରିବା, ଖାଦ୍ୟ ପ୍ୟାକିଂ ପାଇଁ ଖବରକାଗଜ ବ୍ୟବହାର ନ କରିବା, ଖାଦ୍ୟରେ କୃତ୍ରିମ ବ୍ୟବହାର ନ କରିବାକୁ ସଚେତନ କରାଯାଇଥିଲା। ନିୟମ ଉଲ୍ଲଂଘନ ଯୋଗୁଁ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ହୋଟେଲ ମିଲନ ପ୍ଲାଜା ଏବଂ ଇସ୍କନ ମନ୍ଦିର ନିକଟ ହୋଟେଲ ରାଧାଗୋବିନ୍ଦକୁ ସିଲ୍ କରାଯାଇଥିଲା। ଚଢ଼ଉରେ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ, ପୁଲିସ ଟିମ୍, ପୌରପାଳିକାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଏବଂ ଖାଦ୍ୟ ସୁରକ୍ଷା ବିଭାଗ ଟିମ୍ ସାମିଲ ହୋଇଥିଲେ।

## ମଦ୍ୟପ ଶିକ୍ଷକଙ୍କୁ କାବୁକଲେ ଅଭିଭାବକ

ପରଜଙ୍ଗ,୧।୯ (ସମିସ): ଶିକ୍ଷାନୁଷ୍ଠାନ ଭିତରେ ମଦ୍ୟପାନ କରି ଶିକ୍ଷକ ଶୋଇପଡୁଥିବାରୁ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ ମହୁଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୮ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ପ୍ରଧାନଶିକ୍ଷକ ବିଜୟ ଭୋଇ, ସହକାରୀ ଶିକ୍ଷକ ସନ୍ତୋଷ ଭୋଇ ଦୀର୍ଘବର୍ଷ ଏଠାରେ କାର୍ଯ୍ୟ କରୁଛନ୍ତି। ସେହିପରି ଟାଟା କମ୍ପାନୀ ପକ୍ଷରୁ ଜଣେ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ତେବେ ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଦର୍ଶାଇ ମଧ୍ୟାହ୍ନ ଭୋଜନରେ ଅନିୟମିତତା ଅଭିଯୋଗ ନେଇ ଅଭିଭାବକମାନେ ଶୁକ୍ରବାର ଅପରାହ୍ନରେ ସ୍କୁଲକୁ ଅନୁଧ୍ୟାନ ପାଇଁ ପହଞ୍ଚିଥିଲେ। ଏହି ସମୟରେ ଜଣେ ଶିକ୍ଷକ ମଦ୍ୟପାନ କରି ଶୋଇଥିବା ଅଭିଭାବକମାନେ ଦେଖିବାକୁ ପାଇଥିଲେ। ଅଭିଭାବକଙ୍କୁ ଦେଖି ଶିକ୍ଷକ ଜଣକ ଦୌଡ଼ି ପଳାଇଥିଲେ। ଅଭିଭାବକମାନେ ତାଙ୍କୁ କାବୁକରି ସାଆନ୍ଦା ଫାଣ୍ଡି ପୁଲିସକୁ ଡକାଇ ତାଙ୍କ ବ୍ରେଥ୍ ଆନାଲାଇଜରରେ ତାଙ୍କ ଆଲକହଲ ପରୀକ୍ଷା କରାଇଥିଲେ। ଶିକ୍ଷକ ଜଣକ ମଦ୍ୟପାନ କରିଥିବା ପରୀକ୍ଷାରୁ ସ୍ପଷ୍ଟ ହୋଇଥିଲା। ଶିକ୍ଷକ ଜଣକ ମଦ୍ୟପାନ କରି ଆସୁଥିବାରୁ ପିଲାଙ୍କୁ ପଢ଼ାଉନାହାନ୍ତି। ପିଲାଙ୍କ ସୁରକ୍ଷା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପିଲାଙ୍କ ଭବିଷ୍ୟତ ନଷ୍ଟ ହେଉଥିବା ବେଳେ ଏ ନେଇ ଶିକ୍ଷକଙ୍କ ବଦଳି ଦାବି କରିଛନ୍ତି ଗ୍ରାମବାସୀ। ଶିକ୍ଷକଙ୍କ ବଦଳି ନ ହେଲେ ସେମାନେ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବେନାହିଁ ବୋଲି କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ଦୁଇ ଶିକ୍ଷକ କାର୍ଯ୍ୟ କରୁଥିବା ବେଳେ ଉଭୟ ସବୁ ସମୟରେ ନିଶାସକ୍ତ ଅବସ୍ଥାରେ ରହୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଇଓ ପ୍ରିୟଦର୍ଶିନୀ ନାୟକ କହିଛନ୍ତି ଯେ ଅଭିଭାବକଙ୍କ ଅଭିଯୋଗ ଆଧାରରେ ମଙ୍ଗଳବାର ଏବିଇଓ ଓ ସିଆରସିସିଙ୍କୁ ତଦନ୍ତ ପାଇଁ ବିଦ୍ୟାଳୟକୁ ପଠାଯାଇଛି। ମଦ୍ୟପ ଶିକ୍ଷକଙ୍କୁ ଅଭିଭାବକ ପୁଲିସକୁ ହସ୍ତାନ୍ତର କରିଥିଲେ। ତାଙ୍କ ଆଲକହଲ ପରୀକ୍ଷା ରିପୋର୍ଟ ନିମନ୍ତେ ପୁଲିସକୁ ପତ୍ର ଲେଖାଯାଇଛି। ରିପୋର୍ଟ ମିଳିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ନାୟକ କହିଛନ୍ତି।

### ବଦଳି ଦାବି କଲେ ଗ୍ରାମବାସୀ

■ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ମର୍ଣ୍ଣିଂ କ୍ଲବ୍



ଢେଙ୍କାନାଳ,୧।୯ (ସମିସ): ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ୧୭ତମ ଦିବସରେ ନେତାଜୀ ଫୁଟ୍‌ବଲ୍ କ୍ଲବ୍ ଓ ମର୍ଣ୍ଣିଂ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ମର୍ଣ୍ଣିଂ କ୍ଲବ୍ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରେଫରୀ ଅନିଲ ନନ୍ଦ, ବୋନସନ ବରାଳ, ଦେବରାଜ ସ୍ୱାଇଁ ଓ ସୁଜିତ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ କ୍ରୀଡ଼ାବିତ୍ ତଥା ପୂର୍ବତନ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ କ୍ରୀଡ଼ାବିତ୍ ତଥା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିଲେ। ଆସନ୍ତା ୩ ତାରିଖ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

## ଭୁବନ ଏନ୍‌ଏସିରେ ୧୦ଟି ହାଇମାଷ୍ଟ ଲାଇଟ୍‌ର ଶିଳାନ୍ୟାସ

ଭୁବନ,୧।୯ (ସମିସ): ଭୁବନ ଏନ୍‌ଏସିରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ୧୦ଟି ହାଇମାଷ୍ଟ ଲାଇଟ ସହିତ ୮୭୦ଟି ନୂଆ ବିଦ୍ୟୁତ୍ ଖୁଣ୍ଟ, ଲାଇଟ୍ ଓ କେବୁଲ୍ ସ୍ଥାପନ କାର୍ଯ୍ୟ ସକାଶେ ମଙ୍ଗଳବାର ଶିଳାନ୍ୟାସ କରାଯାଇଛି। ବାଇପାସ୍ କୋର୍ଟ ଛକରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ନଡ଼ିଆ ଭାଙ୍ଗି ଶିଳାନ୍ୟାସ କରିଥିଲେ। ଉପାଧ୍ୟକ୍ଷା ମାନିନୀ ସାହୁ, କାଉନସିଲର ଗିରିଧାରୀ ସାହୁ, ପପୁ କୁମାର ସାହୁଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କୋର୍ଟ ଛକ, ପେଟ୍ରୋଲ ପମ୍ପ ଛକ, ବାଇପାସ୍ ଛକ, ଥାନା ଛକ, ଜଗନ୍ନାଥ ମନ୍ଦିର, ବଡ଼ହାଟ, ରଗଡ଼ି ଛକ, ରଗଡ଼ି କ୍ରିମାଟୋରିଅମ, ଗୋଡ଼ି ପୋଖରୀ ଛକ, ଚିନରା ପୋଖରୀ ଛକ, ବାଉଁଶକଣ ଛକରେ ହାଇମାଷ୍ଟ ଲାଇଟ୍ ସ୍ଥାପନ ହେବ।

## ବ୍ରାହ୍ମଣୀ ନଦୀରେ ପ୍ରସ୍ତାବିତ ଟନେଲ ନିମନ୍ତେ ୧୫୫୦ କୋଟି ମଞ୍ଜୁର

# ଜିଲ୍ଲାପାଳଙ୍କୁ ଭେଟି ତଥ୍ୟ ମାଗିଲା ଆପ୍

ଢେଙ୍କାନାଳ,୧।୯ (ସମିସ)

ବ୍ରାହ୍ମଣୀ ନଦୀରେ ପ୍ରସ୍ତାବିତ ଟନେଲ ପାଇଁ ରାଜ୍ୟ ସରକାର ୧୫୫୦ କୋଟି ମଞ୍ଜୁର କରିଛନ୍ତି। ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସଙ୍କ ନେତୃତ୍ୱରେ ଆମ୍ ଆଦମୀ ପାର୍ଟି (ଆପ୍)ର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ତଥ୍ୟ ମାଗିଛନ୍ତି। ତେବେ ଜିଲ୍ଲାପାଳ ଏ ସମ୍ପର୍କରେ ଜାଣିନାହାନ୍ତି ଏବଂ ୭ ଦିନ ଭିତରେ ତଥ୍ୟ ସଂଗ୍ରହ କରି ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବରୁ ଧାମରା ବନ୍ଦରକୁ ସରକାର ଗୌତମ ଅଦାନୀଙ୍କୁ ଦେଇସାରିଛନ୍ତି ଏବଂ ରାଜ୍ୟରେ ବିଜେପି ସରକାର ଆସିବା କ୍ଷଣି ବ୍ରାହ୍ମଣୀ ନଦୀରେ କଂକ୍ରିଟ ଟନେଲ ତିଆରି କରିବା ପାଇଁ କେଉଁ ସ୍ୱାର୍ଥରେ ୧୫୫୦ କୋଟି ଟଙ୍କା ଅନୁଦାନ ଦେଇଛନ୍ତି ବୋଲି ଆପ୍ ପ୍ରଶ୍ନ କରିଛି। ଆଦାନୀ ବନ୍ଦର ଏବଂ ବ୍ୟବସାୟ ପାଇଁ ଜନତାଙ୍କ ଟ୍ୟାକ୍ସରୁ ଏତେ ଟଙ୍କା ଦିଆଗଲା କାହିଁକି ବୋଲି ପ୍ରଶ୍ନ କରିଛି। ଏବେ



କେନ୍ଦ୍ର ବିଜେପି ସରକାର ଖଣି ଆଇନକୁ ପରିବର୍ତ୍ତନ କରି ରାଜ୍ୟର ସମସ୍ତ ଖଣିଖାଦାନକୁ ନିଜ କ୍ଷମତାକୁ ମଧ୍ୟ ନେଇଗଲେଣି। ଧୀରେ ଧୀରେ ଦେଶର ସମ୍ପତ୍ତିକୁ ବିଜେପି ସରକାର ବିକ୍ରି କରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଆପ୍ ପ୍ରଶ୍ନ କରିଛି ଯେ ବ୍ରାହ୍ମଣୀ ନଦୀରେ ହେବାକୁଥିବା କଂକ୍ରିଟ ଟନେଲ ଭିତରେ କେବଳ ମାଲବୁହା ଜାହାଜ ଦ୍ୱାରା ଖଣିଜ ସମ୍ପଦ ପରିବହନ ହେବ ନା ଦୁଇ କୂଳରେ ଜେଟି ଘାଟ ତିଆରି କରାଯାଇ ସାଧାରଣ ଲୋକଙ୍କ ପାଇଁ ଯାତାୟାତ ସୁବିଧା କରାଯିବ। ଦ୍ୱିତୀୟତଃ, କେବଳ ଉକ୍ତ ଟନେଲରେ ପାଣି ଛଡ଼ାଯିବ ନା ଯେମିତି ପାଣି ଚାଲୁଛି ସେହିପରି ଚାଲିବ।

ଉକ୍ତ କଂକ୍ରିଟ ଟନେଲ ଦେଇ ପାଣି ଛଡ଼ା ଗଲେ ନଦୀର ଦୁଇ ପାର୍ଶ୍ୱ ଶୁଖିଯିବ। ଫଳରେ ନଦୀକୂଳିଆ ଚାଷୀମାନେ କୃଷିକାର୍ଯ୍ୟରୁ ବଞ୍ଚିତ ହେବେ ଏବଂ ଜନସାଧାରଣ ପିଇବା ପାଣି ମୁନ୍ଦେ ପାଇବେ ନାହିଁ। ତେଣୁ ବ୍ରାହ୍ମଣୀ ନଦୀରେ ହେବାକୁ ଥିବା ଟନେଲ ସମ୍ପର୍କରେ ସବିଶେଷ ତଥ୍ୟ ସାଧାରଣରେ ପରିପ୍ରକାଶ କରି ଲୋକଙ୍କ ମନରେ ଉଠିଥିବା ପ୍ରଶ୍ନର ସମାଧାନ କରିବାପାଇଁ ଆପ୍ ପକ୍ଷରୁ ଦାବି କରାଯାଇଛି। ୭ ଦିନ ମଧ୍ୟରେ ତଥ୍ୟ ପ୍ରଦାନ କରା ନ ଗଲେ ଆପ୍ ଲୋକଙ୍କୁ ସଚେତନ କରି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲ୍ଲା ସଭାପତି ପଙ୍କଜ ନାୟକ, ଉପସଭାପତି ପ୍ରସନ୍ନ ବରାଳ, ନଗର ଉପସଭାପତି ବିଜୟ କୁମାର ଦାସ, ବରିଷ୍ଠ ନେତା ଜୟନ୍ତ ଦାସ, ଯୁଧିଷ୍ଠିର ଦାସ, ଗୋବିନ୍ଦ ସାହୁ, ଚିନ୍ମୟ ସେନାପତି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ନୃତ୍ୟ ଶିକ୍ଷକ ଗୁରୁଶ୍ରୀ ନିରଞ୍ଜନ ଗାହାଣଙ୍କୁ ରତ୍ନ ମୋହିନୀ କଳାପ୍ରତିଭା ସମ୍ମାନ



ପାରାଦୀପ,୧।୯ (ସମିସ): ନୃତ୍ୟ, ଥିଏଟର ଓ ମଞ୍ଚ କଳା କ୍ଷେତ୍ରରେ ବହୁମୁଖୀ ଅବଦାନ ପାଇଁ ସମ୍ମାନିତ ହୋଇଛନ୍ତି ଗୁରୁଶ୍ରୀ ନିରଞ୍ଜନ ଗାହାଣ। ପୁରୀର ବହୁ ପୁରାତନ ଅନ୍ନପୂର୍ଣ୍ଣା ଥିଏଟର ପରିସରରେ ଆୟୋଜିତ ସାଂସ୍କୃତିକ ସମାରୋହରେ ପୋର୍ଟ ଟ୍ରଷ୍ଟ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ତଥା ବହୁମୁଖୀ କଳା ପ୍ରତିଭା ଗୁରୁଶ୍ରୀ ନିରଞ୍ଜନ ଗାହାଣଙ୍କୁ "ରତ୍ନ ମୋହିନୀ କଳାପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ନୃତ୍ୟ, ଥିଏଟର, ମୁକ୍ତମଞ୍ଚ ନାଟକ, ଅଭିନୟ, ମଞ୍ଚ ଉପସ୍ଥାପନା ଓ ଗୀତ ରଚନା କ୍ଷେତ୍ରରେ ତାଙ୍କର ଦୀର୍ଘଦିନର କଳା ସାଧନା ଓ ବହୁମୁଖୀ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ଗତ ୩୦ ଅଗଷ୍ଟ ସନ୍ଧ୍ୟାରେ ପୁରୀର ଅନ୍ନପୂର୍ଣ୍ଣା ଥିଏଟରଠାରେ ଗୁରୁଶ୍ରୀ ଗାହାଣଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଉକ୍ତ ସାଂସ୍କୃତିକ ଉତ୍ସବରେ ନୃତ୍ୟ ଓ କଳା କ୍ଷେତ୍ରର ବିଭିନ୍ନ ପ୍ରତିଭାଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୁରୁଶ୍ରୀ ନିରଞ୍ଜନ ଗାହାଣ ଜଣେ ନୃତ୍ୟ ଗୁରୁ ଭାବେ ଛାତ୍ରଛାତ୍ରୀଙ୍କୁ ନୃତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଆସୁଥିବା ବେଳେ ଥିଏଟର ଓ ମୁକ୍ତମଞ୍ଚ ନାଟକର ନିର୍ଦ୍ଦେଶକ, ମଞ୍ଚ ଉପସ୍ଥାପକ, ଅଭିନେତା ଏବଂ ଗୀତିକାର ଭାବେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ପୋର୍ଟ ଟ୍ରଷ୍ଟ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ଭାବେ ସେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, କଳା ଓ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ସେମାନଙ୍କ ପ୍ରତିଭା ବିକାଶରେ ଗୁରୁତ୍ୱ ଦେଇଆସୁଛନ୍ତି। ସମାରୋହରେ ଗୁରୁଶ୍ରୀ ନିରଞ୍ଜନ ଗାହାଣଙ୍କୁ ସମ୍ମାନପତ୍ର, ସ୍ମାରକ ଓ ସମ୍ମାନଚିହ୍ନ ପ୍ରଦାନ କରାଯାଇଥିଲା।

# ତୀର୍ଥଯାତ୍ରାରେ ଗଲେ ୮୫ ବରିଷ୍ଠ ନାଗରିକ

ଜଗତସିଂହପୁର,୧।୯ (ସମିସ)]



ମଙ୍ଗଳବାର ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସାମିଲ ହୋଇ ବାରଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛନ୍ତି। ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ ଗୋଟି ବସ୍ ଓ ଏକ ବୋଲେରୋ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ,ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦାନ ପୂର୍ବକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥି ସହିତ ତୀର୍ଥଯାତ୍ରୀଙ୍କୁ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ। ବରିଷ୍ଠ ନାଗରିକଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ଭାବେ ପ୍ରସନ୍ନ କୁମାର ବେହେରା, ଗୌତମ ପଣ୍ଡା ଓ ରାଧାମୋହନ ଜେନା ଗସ୍ତ କରିଛନ୍ତି। ଆସନ୍ତାକାଲି ପୂର୍ବାହ୍ନ ୧୧.୩୦ ସମୟରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ବାରଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ଆଜି ସକାଳେ ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମୀରାବାଈ ବେହେରା, ପର୍ଯ୍ୟଟନ ବିକାଶ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ସମସ୍ତ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ।

# ଏଲ୍ଆଇସି ପାରାଦୀପ ଶାଖା ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର




ପାରାଦୀପ,୧।୯ (ସମିସ): ଦେଶର ଅଗ୍ରଣୀ ଜୀବନ ବୀମା ସଂସ୍ଥା ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ୭୦ତମ ପ୍ରତିଷ୍ଠା ଦିବସ ପାରାଦୀପ ଶାଖା ପକ୍ଷରୁ ପାଳିତ ହୋଇଛି। ଏହି ଅବସରରେ ଏଲ୍ଆଇସି ପାରାଦୀପ ଶାଖା କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା। ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ଏଲ୍ଆଇସିର "ନିଗମ ଗୀତ' ପରିବେଷଣ କରାଯାଇଥିଲା। ଏହି ଅବସରରେ ବହୁ ସଂଖ୍ୟକ ଏଲ୍ଆଇସି ଅଧିକାରୀ, କର୍ମଚାରୀ, ବିକାଶ ଅଧିକାରୀ, ଏଜେଣ୍ଟ ଓ ପଲିସିଧାରୀ ଉପସ୍ଥିତ ଥିଲେ। ପ୍ରତିଷ୍ଠା ଦିବସ ପାଳନର ଅଂଶବିଶେଷ ଭାବେ ଅଗ୍ରୱାଲ ଚକ୍ଷୁ ହସ୍ପିଟାଲର ସହଯୋଗରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏହି ସାତଦିନିଆ ଉତ୍ସବ ଅବସରରେ ଛାତ୍ରଛାତ୍ରୀ ଓ ଏଲ୍ଆଇସି କର୍ମଚାରୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ଏଲ୍ଆଇସି ଏହାର ଚିରନ୍ତନ ମନ୍ତ୍ର 'ଯୋଗକ୍ଷେମଂ ବହାମ୍ୟହମ୍ ଆପଣଙ୍କ କଲ୍ୟାଣ ଆମର ଦାୟିତ୍ୱ' ଅନୁଯାୟୀ ପଲିସିଧାରୀ ଓ ହିତଧାରୀଙ୍କ ସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ପାରାଦୀପ ଶାଖା ପ୍ରବନ୍ଧକ ବିଶ୍ୱ ରଞ୍ଜନ କର ମୁଖ୍ୟ ଅତିଥି, ଏଲ୍ଆଇସି ଅଧିକାରୀ ଓ କର୍ମଚାରୀ, ବିକାଶ ଅଧିକାରୀ, ଏଜେଣ୍ଟ, ପଲିସିଧାରୀ ଏବଂ ସମସ୍ତ ଉପସ୍ଥିତ ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଇଥିଲେ। ତାଙ୍କର ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ପାରାଦୀପ ପୌରପାଳିକା ପକ୍ଷରୁ ଏଏମ୍/ଏନ୍ଏସ୍ ପୋର୍ଟସ୍‌କୁ ସିଏସ୍ଆର୍ ଉତ୍କର୍ଷ ସମ୍ମାନ



ପାରାଦୀପ,୧।୯ (ସମିସ) : ପୌରପାଳିକା ଅଞ୍ଚଳରେ ସିଏସ୍ଆର୍ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏଏମ୍/ଏନ୍ଏସ୍ ପୋର୍ଟସ୍‌କୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ପାରାଦୀପ ପୌରପାଳିକା ପକ୍ଷରୁ ସମ୍ମାନଜନକ ସିଏସ୍ଆର୍ ଉତ୍କର୍ଷ ସମ୍ମାନ -୨୦୨୬ ପୁରସ୍କାର ପ୍ରଦାନ କରାଯାଇଛି। ଆଜି ପାରାଦୀପ ଜୟଦେବ ସଦନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ଏହି ପୁରସ୍କାର ଏଏମ୍/ଏନ୍ଏସ୍ ପୋର୍ଟସ ମେକାନିକାଲ୍ ହେଡ୍ ଲକ୍ଷ୍ମୀକାନ୍ତ ସାହୁ, ଏବଂ ଏଏମ୍/ଏନ୍ଏସ୍ ପୋର୍ଟସ୍ର ଲିଡ୍ ସିଏସଆର ଯୁଗଜ୍ୟୋତି ମହାନ୍ତି, ଏଏମ୍/ଏନ୍ଏସ୍ ପୋର୍ଟସ୍ ଗ୍ରହଣ କରିଥିଲେ।

ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଧ, ପାରାଦୀପର ଏଡିଏମ୍ ନିରଞ୍ଜନ ବେହେରା, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା ଛବିଲତା ରାଉତ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ସ୍ଥାନୀୟ କାଉନସିଲର, ଏଏମ୍/ଏନ୍ଏସ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ, ପୌରପାଳିକାର ଅଧିକାରୀ ଏବଂ ବିଭିନ୍ନ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ। ପାରାଦୀପ ପୌରପାଳିକା ଅଞ୍ଚଳରେ ନିଜର ପ୍ରମୁଖ ସିଏସ୍ଆର୍ ପଦକ୍ଷେପ ମାଧ୍ୟମରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ୱାର୍ଡ ନମ୍ବର ୩ ର କଲ୍ୟାଣ ମଣ୍ଡପଠାରେ ଭୋକେସନାଲ୍ ଟେଲରିଂ ଟ୍ରେନିଂ ସେଣ୍ଟର, ବିଜୁ ମେମୋରିଆଲ୍ ହସ୍ପିଟାଲ୍‌ଠାରେ ଭିଜନ୍ ସେଣ୍ଟର, "ବେଟି ପଢ଼ାଓ' ବୃତ୍ତି କାର୍ଯ୍ୟକ୍ରମ ଏବଂ ପାରାଦୀପ ପୌରପାଳିକା ଓ କୁଜଙ୍ଗ ବ୍ଲକ୍‌ର ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀର ପ୍ୟାକେଟ୍ ବଣ୍ଟନ ଅନ୍ତର୍ଭୁକ୍ତ ଥିଲା। ଏହି ଅବସରରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସ ମୁଖ୍ୟ ୟୁ.ଏସ.ଆର. ରାଜୁ କହିଥିଲେ, ଏହି ସମ୍ମାନ ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ଏହାର କାର୍ଯ୍ୟ ପରିସରରେ ଥିବା ଗୋଷ୍ଠୀଗୁଡ଼ିକରେ ସାର୍ଥକ ପରିବର୍ତ୍ତନ ଆଣିବା ପାଇଁ ରହିଥିବା ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ। ପାରାଦୀପ ପୌରପାଳିକା ପକ୍ଷରୁ ମିଳିଥିବା ଏହି ସମ୍ମାନ କମ୍ପାନୀର ଦୃଢ଼ ସହଭାଗୀତା ଗଢ଼ିବା ସହ ଏହି ଅଞ୍ଚଳର ସାମଗ୍ରିକ ବିକାଶରେ ଅବଦାନ ରଖିବାର ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିଛି।

# ଅଳକା ଆଶ୍ରମରେ ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର,୧।୯ (ସମିସ): ଜଗତସିଂହପୁର ସହରର ଚାତ୍ରାସ୍ଥିତ ଅଳକା ଆଶ୍ରମ ପରିସରରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସ୍ୱର୍ଗତ ପ୍ରଣବ କିଶୋର ପଟ୍ଟନାୟକଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ କାର୍ଯ୍ୟକାରୀ କମିଟିର ସଦସ୍ୟ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ଭଜନ ସମ୍ରାଟ ସ୍ୱର୍ଗତ ଭିକାରି ବଳଙ୍କ ଛାତ୍ର ତଥା ଆକାଶବାଣୀ କଟକର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ଅଦ୍ୱୈତ ଚରଣ ପାତ୍ର, ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ହୋତା, ଚଳଚ୍ଚିତ୍ର ଅଭିନେତା ମାତୃପ୍ରସାଦ ଦାଶ ଏବଂ ନିର୍ମାଲ୍ୟ ପତ୍ରିକାର ମୁଖ୍ୟ ସମ୍ପାଦକ ରବୀନ୍ଦ୍ର ନାଥ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସଙ୍ଗୀତ ଜଗତକୁ ପ୍ରଣବ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। 'ରେ ଆତ୍ମନ ନିଦ୍ରା ପରିହରି..., 'କେଉଁନାମ ଧରି ଡାକିବି ତୁମକୁ...' ଏବଂ 'ଜୀବନ ଏକ ନାଟକ...' ପ୍ରଭୃତି ତାଙ୍କର ଗୀତ ଆଜି ମଧ୍ୟ ଶ୍ରୋତାଙ୍କ ହୃଦୟରେ ଭାବଭକ୍ତି ଏବଂ ଆବେଗ ସୃଷ୍ଟି କରୁଛି। ପ୍ରଣବଙ୍କ କଣ୍ଠର ଯାଦୁ ତାଙ୍କୁ ଓଡ଼ିଆ ସଙ୍ଗୀତ ଜଗତରେ ମୁକୁଟ ବିହୀନ ସମ୍ରାଟ ଭାବେ ପରିଚୟ ପ୍ରଦାନ କରିଥିଲା। ଏଭଳି ଜଣେ ସୁପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ବିୟୋଗ ଓଡ଼ିଆ ସଙ୍ଗୀତ ପାଇଁ ଅପୂରଣୀୟ କ୍ଷତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଓଡ଼ିଶାର ସୁପ୍ରତିଷ୍ଠିତ କଣ୍ଠଶିଳ୍ପୀ ବଦ୍ରି ନାରାୟଣ ମହାନ୍ତି, ପ୍ରଣବ କଣ୍ଠଦାନ କରିଥିବା ଗୀତ ପରିବେଷଣ କରି ତାଙ୍କର ସ୍ମୃତିକୁ ଉଜ୍ଜୀବିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଉତ୍କଳ ରଞ୍ଜନ ମହାନ୍ତି, ଚିତ୍ତ ରଞ୍ଜନ ମିଶ୍ର, ବିଜୟ କୁମାର ପତି, ଲାଲା ସଂଗ୍ରାମ କେଶରୀ ରାୟ, ନନ୍ଦ କିଶୋର ହୋତା,ଅଶୋକ କୁମାର ପାଲ, ନବ କିଶୋର ତ୍ରିପାଠୀ, ବିରଞ୍ଚି ନାରାୟଣ, ପ୍ରଣତି ତ୍ରିପାଠୀ ଏବଂ ସୁଶ୍ରୀ ସଗୁନ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ କାଳଜୟୀ ସଙ୍ଗୀତର ସ୍ମୃତିଚାରଣ କରିଥିଲେ। ସଭା ପ୍ରାରମ୍ଭରେ ଶ୍ରୀ ପଟ୍ଟନାୟକଙ୍କ ଆତ୍ମାର ସଦଗତି ନିମିତ୍ତ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଅଳକା ଆଶ୍ରମର ଉପ ସଭାପତି ଶିକ୍ଷାବିତ ଭଗବାନ ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ବିଜେଡି ନେତା ଉଲ୍ଲାସ ବିଶ୍ୱାଳଙ୍କ ସ୍ମୃତିସଭା

ପାରାଦୀପ,୧।୯ (ସମିସ): ପାରାଦୀପ ନଗର ବିଜୁ ଜନତା ଦଳର ବରିଷ୍ଠ ନେତା ଉଲ୍ଲାସ ଚନ୍ଦ୍ର ବିଶ୍ୱାଳଙ୍କ ବିୟୋଗରେ ଆଜି ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ନୂଆବଜାର ସ୍ଥିତ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ କାର୍ଯ୍ୟାଳୟ ଠାରେ ଆୟୋଜିତ ସ୍ମୃତିସଭା ରେ ନଗର ବିଜୁ ଜନତା ଦଳ ର ବହୁ ନେତୃବୃନ୍ଦ ଯୋଗଦେଇ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ। ସେ ଦାମ ବାବୁଙ୍କ ଜଣେ ଦୃଢ଼ ସମର୍ଥକ ଥିଲେ। ଏଭଳି ଜଣେ ସରଳ ନିଷ୍କପଟ ଓ ସଚ୍ଚୋଟ ବ୍ୟକ୍ତିତ୍ୱଙ୍କୁ ହରାଇ ପାରାଦୀପ ନଗର ବିଜେଡିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ମତପ୍ରକାଶ ପାଇଥିଲା। ସ୍ମୃତିସଭାରେ ପୌର ପରିଷଦର ଉପାଧ୍ୟକ୍ଷା ଛବି ଲତା ରାଉତଙ୍କ ସମେତ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ଅନୁପ କୁମାର ସହାଣୀ, ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଙ୍ଘର ସମ୍ପାଦକ ସମୀର କୁମାର ବିଶ୍ୱାଳ, ଦୀପକ ସ୍ୱାଇଁ, ପାରିଷଦ ମନୋଜ କୁମାର ନାୟକ, ଜିଲ୍ଲା ବିଜେଡି ସମ୍ପାଦକ ସୁଶୀଲ କୁମାର ମହାପାତ୍ର, ରମାକାନ୍ତ ସ୍ୱାଇଁ, ବାବାଜୀ ପ୍ରଧାନ, ଦିଲ୍ଲୀପ ରାଉତରାୟ, ନିରୁପମା ଦାସ, ପହଲି ସାହୁ, ଭାଗ୍ୟଲକ୍ଷ୍ମୀ ପଣ୍ଡା, ସ୍ମୃତିମୟୀ ଲେଙ୍କା ଓ କଲ୍ୟାଣି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ରାଜପଥ ସୁରକ୍ଷା ନେଇ ଟାସ୍କଫୋର୍ସ ବୈଠକ



ଜଗତସିଂହପୁର,୧।୯ (ସମିସ): ଜଗତସିଂହପୁର ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହରେ ସଡ଼କ ସୁରକ୍ଷା ଏବଂ ପ୍ରତିକାର ବିଷୟରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟମାନଙ୍କୁ ନେଇ ଆଲୋଚନାଚକ୍ର ଆୟୋଜନ ହୋଇଥିଲା। ପରେ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ପୌରୋହିତ୍ୟ କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାଶ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ପ୍ରବୋଧ କୁମାର ସେଠୀ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଡିଆଇବି ଉପସ୍ଥିତ ଥିଲେ। ଏହି ଅବସରରେ ଆର୍ ଆଣ୍ଡ ବି, ଆର୍ ଡି, ଏନ୍ଏଚ୍ ୫୫ର କର୍ମକର୍ତ୍ତା ଏବଂ ଏନ୍‌ଜିଓର କର୍ମକର୍ତ୍ତା ଯୋଗ ଦେଇଥିଲେ।

ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ ଯୋଗଦେଇ ଜିଲ୍ଲାରେ ଘଟୁଥିବା ଦୁର୍ଘଟଣାର କାରଣ ଓ ନିରାକରଣ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏଥିସହ ଏହି ଦୁର୍ଘଟଣା ହ୍ରାସ କରିବାକୁ ଗଠନମୂଳକ ଭାବରେ ମନ୍ତବ୍ୟ ଉତ୍ଥାପନ କରିଥିଲେ। ଏସ୍ଏଚ୍ ୧୨ ରାସ୍ତା କଡ଼ରେ ଭାରିଯାନ ବେନିୟମ ଭାବରେ ଛିଡ଼ା କରି ପଥ ଅବରୋଧ କରିଥିବା ହେତୁ ୮୨ ଗାଡ଼ିର ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ସାତ ଦିନ ଭିତରେ ତା'ର ପ୍ରତିକାର କରିବାକୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ଅବଗତ କରାଇଥିଲେ। ଜାତୀୟରାଜପଥ ୫୫ ରାସ୍ତା, ଆର୍ ଆଣ୍ଡ ବି ରାସ୍ତା ଏବଂ ଆର୍‌ଡି ରାସ୍ତାରେ ସଙ୍କେତ ସହ ରାସ୍ତାର ଦୁର୍ଘଟଣା ସ୍ଥଳର ରାସ୍ତାର ପ୍ରତିକାର ଏବଂ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ରାସ୍ତାର ମରାମତିକୁ ତ୍ୱରାନ୍ୱିତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଗୁଡ୍ ସମାରିଟାନ୍‌ଙ୍କୁ ପ୍ରମାଣପତ୍ର ସହ ସହାୟତା ରାଶି ପ୍ରଦାନ କରାଯାଇଥିଲା। ପରିବହନ ଅଧିକାରୀ ଶ୍ରୀ ସେଠୀ ସଡ଼କ ସୁରକ୍ଷା ସମିତିର ତତ୍ପରତା ପାଇଁ ଦୁର୍ଘଟଣା ପୂର୍ବ ଅପେକ୍ଷା ହ୍ରାସ ହେଇଥିବାରୁ ସମସ୍ତଙ୍କୁ ସାଧୁବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ଖଡ୍‌ଗେଙ୍କ ପ୍ରତି ଅପମାନ ବିରୋଧରେ କଂଗ୍ରେସର ପ୍ରତିବାଦ




ଜଗତସିଂହପୁର,୧।୯ (ସମିସ): ଉତ୍ତରାଖଣ୍ଡର ହିଲଦ୍ୱାନି ଠାରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଏବଂ ତାଙ୍କ ଜାତିକୁ ଆକ୍ଷେପ କରାଯାଇଥିବା ଅଭିଯୋଗ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଓ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଓଲଟା ରୁଜୁ ହୋଇଥିବ ମିଥ୍ୟା ମକଦ୍ଦମାର ପ୍ରତିବାଦ କରି ରାଜରାସ୍ତାକୁ ଓହ୍ଲାଇଛି ଜଗତସିଂହପୁର ଜିଲ୍ଲା କଂଗ୍ରେସ। ଆଜି ଅପରାହ୍ଣରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏକ ଅଭିନବ ଉପାୟରେ ହାତରେ ପ୍ରତିକାତ୍ମକ ହ୍ୟାଣ୍ଡକପ ଏବଂ ବେକରେ 'ଯଦି ରାହୁଲ ଗାନ୍ଧୀଙ୍କୁ ଗିରଫ କରିବ, ତେବେ ଆମକୁ ବି ଗିରଫ କର' ଜର୍ସି ପକାଇ ଟାଉନ ହଲ ଛକଠାରୁ ଶୋଭାଯାତ୍ରାରେ ବାହାରି ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ପାରାଦ୍ୱୀପ କଂଗ୍ରେସ ନେତା ନିରଞ୍ଜନ ନାୟକ, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ଦାସ, ମହମ୍ମଦ ଅବଦୁଲ ୱାହିଦ, ଅଶ୍ୱିନୀ ସ୍ୱାଇଁ, ସାଧାରଣ ସମ୍ପାଦକ ବିଦ୍ୟାଧର ବାରିକ, ଶୁଭ ନାରାୟଣ ନାୟକ, ଧନଞ୍ଜୟ ସୂତାର, ଆର୍ତ୍ତବନ୍ଧୁ ବିଶ୍ୱାଳ, ସମ୍ପାଦକ ବୃନ୍ଦାବନ ପ୍ରଧାନ, ଦିଲ୍ଲୀପ ମାହାର, ମନମୋହନ ଗୋଚ୍ଛାୟତ, ଜିତୁ ନାରାୟଣ ସାହୁ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଅଭିଜିତ ସାହୁ, ବାଲିକୁଦା ବ୍ଲକ କଂଗ୍ରେସ କମିଟି ସଭାପତି ମହନୀ ଚରଣ ରାଉତ, ରଘୁନାଥପୁର ବ୍ଲକ କଂଗ୍ରେସ କମିଟି ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ତିର୍ତ୍ତୋଲ ବ୍ଲକ୍ କଂଗ୍ରେସ କମିଟି ସଭାପତି ସଫି ଆଜମ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ପାରାଦୀପ ନଗର କଂଗ୍ରେସ କମିଟି ସଭାପତି କେଦାରନାଥ ବିଶ୍ୱାଳ , ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, ଅନୁସୂଚିତ ଜାତି ସଭାପତି ଲକ୍ଷ୍ମୀଧର ମଲ୍ଲିକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରୀତମ୍ ପରିଜା, ଜିଲ୍ଲା କିଷାନ ସେଲ ଅଧ୍ୟକ୍ଷ ବିଭୂତି ଭୂଷଣ ଲେଙ୍କା, ସତ୍ୟବ୍ରତ ଦାସ, ନିହାର ଦାସ, ନାରାୟଣ ନାୟକ, ପ୍ରଦୀପ୍ତ ଦାସ, ଡଃ ଜଗଦାନନ୍ଦ, ହିଫଜୁର ରେହମନ, ରଞ୍ଜନ କୁମାର ମହାପାତ୍ର, ପ୍ରଦ୍ୟୁମ୍ନ କିଶୋର ଚୟନୀ, ବିକ୍ରମ ଦାସ, ଜିତେନ୍ଦ୍ର ମହାନ୍ତି, ରଞ୍ଜନ ସାହୁ, ବିଭୁ ରଞ୍ଜନ ସ୍ୱାଇଁ, ସାରଦା ଜେନା, ଦେବ ପ୍ରସାଦ ମହାପାତ୍ର, ସେକ୍ ୟୁସୁଫ, ଦୋଳ ଗୋବିନ୍ଦ ପଟ୍ଟନାୟକ, ରାଜେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

**ଜିଲ୍ଲା ବାହାର ଠିକା ସଂସ୍ଥାକୁ ବିରୋଧ**

# ୩ ପଞ୍ଚାୟତ ଲୋକଙ୍କୁ କାମ ଦେବାକୁ ଦାବି

ପାରାଦୀପ,୧।୯ (ସମିସ)



ଆଗାମୀ ଦିନରେ ଭୟାବହ ହେବାକୁ ଯାଉଛି ଢିଙ୍କିଆ ଚାରିଦେଶ। ଶିଳ୍ପ ପାଇଁ ସର୍ବସ୍ୱ ହରାଇଥିବା ଜଗତସିଂହପୁର ଜିଲ୍ଲାର ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ତିନି ପଞ୍ଚାୟତର ମୁରବୀ ଓ ଯୁବବର୍ଗ ଙ୍କୁ ନେଇ ଗଠିତ 'ଆଞ୍ଚଳିକ ଉନ୍ନୟନ ପରିଷଦ ଢିଙ୍କିଆ ଚାରିଦେଶ' ତରଫରୁ କମ୍ପାନୀ କାର୍ଯ୍ୟରେ ନିୟୋଜିତ ଜିଲ୍ଲା ବାହାର ଠିକା ସଂସ୍ଥାକୁ ବିରୋଧ କରାଯାଇଛି। ୨୦୦୫ ମସିହାରୁ କମ୍ପାନୀ ପାଇଁ ବହୁ ବାଧାବିଘ୍ନ ସହି କ୍ଷତି ଗ୍ରସ୍ତ ହୋଇଥିବା ତିନି ପଞ୍ଚାୟତର ଲୋକେ ନିଜ ନିଜ ଭିତରେ ମତ ପାର୍ଥକ୍ୟ ହୋଇ ଭାଇଚାରା ହରାଇବା ସହ କମ୍ପାନୀକୁ ସ୍ୱାଗତ କରିଥିଲେ। ଆଶା ଥିଲା କମ୍ପାନୀ ହେଲେ ଅଞ୍ଚଳର ବିକାଶ ହେବ ଓ କମ୍ପାନୀ ପାଇଁ କ୍ଷତିଗ୍ରସ୍ତ ଲୋକେ ଠିକା କାର୍ଯ୍ୟ କରିବେ। ସ୍ଥାନୀୟ ଯୁବକମାନେ କମ୍ପାନୀରେ ନିଯୁକ୍ତିର ସୁଯୋଗ ପାଇବେ। ହେଲେ କମ୍ପାନୀ ସିଧାସଳଖ ବାହାର ଲୋକଙ୍କୁ ଠିକା କାମ ଦେଇ କମ୍ପାନୀ ପାଇଁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ପେଟକୁ ଲାତ ମାରିଛି। ଯାହାଫଳରେ ପରିବାର ଲୋକେ ଭୋକ ଉପାସରେ ରହିବାକୁ ପଡୁଛି। ଏପ୍ରକାର କାର୍ଯ୍ୟରୁ ନିବୃତ ରହିବା ପାଇଁ କମ୍ପାନୀକୁ ଚେତାବନୀ ଦେଇଛି ଆଞ୍ଚଳିକ ଉନ୍ନୟନ ପରିଷଦ ଢ଼ିଙ୍କିଆ ଚାରିଦେଶ। ତେଣୁ କମ୍ପାନୀକୁ ଆସୁଥିବା ସିଧା ଚିପ୍ସ, ପଥର, ପଥର ଗୁଣ୍ଡ ବିକ୍ରି ନକରି କ୍ଷତିଗ୍ରସ୍ତ ହୋଇଥିବା ତିନି ପଞ୍ଚାୟତ ଲୋକଙ୍କ ଦ୍ୱାରା ବିକ୍ରି କରିବା ପାଇଁ ଅନୁରୋଧ କରିଛି 'ଆଞ୍ଚଳିକ ଉନ୍ନୟନ ପରିଷଦ ଢ଼ିଙ୍କିଆ ଚାରିଦେଶ'। ତାହା ନ ହେଲେ ଆଗକୁ ଭୟାଭୟ ହେବ ବୋଲି କହିବା ସହିତ ଚିପ୍ସ, ପଥର ଓ ପଥର ଗୁଣ୍ଡ ଧରି ଆସୁଥିବା ହାଇୱା ଗୁଡ଼ିକୁ ତନ୍ନତନ୍ନ ଯାଞ୍ଚ କରିବା ସହିତ ବାହାରୁ ଆସୁଥିବା ଗାଡ଼ିଗୁଡ଼ିକୁ ଏଥିରୁ ନିବୃତ ରହିବା ପାଇଁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ଆଜିଠାରୁ ଆରମ୍ଭ ହୋଇଥିବା ଏହି ବିରୋଧ ଆଗକୁ ଜାରି ରହିବା ସହିତ ଜିଲ୍ଲା ବାହାରୁ ଆସୁଥିବା ଠିକା ସଂସ୍ଥାକୁ ଚେତାବନୀ ଦେଇଛି ପରିଷଦ। ନଚେତ ଆଗକୁ ଭୟା ବହ ହେବ ବୋଲି ତିନି ପଞ୍ଚାୟତ ଲୋକେ କହିଛନ୍ତି।

# ପାରାଦୀପ ବନ୍ଦର ଅଧ୍ୟକ୍ଷ ଭାବେ ସୁଶାନ୍ତ ପୁରୋହିତଙ୍କ ଦାୟିତ୍ୱ ଗ୍ରହଣ



ପାରାଦୀପ,୧।୯ (ସମିସ): ପାରାଦୀପ ବନ୍ଦରର ଅଧ୍ୟକ୍ଷ ଭାବେ ୧୯୯୬ ବ୍ୟାଚ୍‌ର ଆଇଆର୍ଏସ୍ଇଇ ଅଧିକାରୀ ସୁଶାନ୍ତ କୁମାର ପୁରୋହିତ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଭି.ଓ. ଚିଦାମ୍ବରମ୍ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଶ୍ରୀ ପୁରୋହିତ ପାରାଦୀପ ବନ୍ଦରର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବାକୁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ପକ୍ଷରୁ ନିଯୁକ୍ତ ପ୍ରଦାନ କରାଯାଇଛି। ଭାରତୀୟ ରେଳ ବୈଦ୍ୟୁତିକ ଯନ୍ତ୍ରୀ (ଆଇଆର୍ଏସ୍ଇଇ ) ଶ୍ରୀ ପୁରୋହିତ ପ୍ରଶାସକ, ଯନ୍ତ୍ରୀ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିପୁଳ ଅଭିଜ୍ଞତା ରହିଛି। ଏହା ପୂର୍ବରୁ ଶ୍ରୀ ପୁରୋହିତ ଭାରତ ସରକାରଙ୍କ କେମିକାଲ, ପେଟ୍ରୋକେମିକାଲ ବିଭାଗରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବା ସହିତ ଭାରତୀୟ ରେଳବାଇ, ଓଡିଶା ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହି ଭଳି ବିଭିନ୍ନ ବିଭାଗରେ ଦକ୍ଷତାର ସହିତ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଥିବା ଶ୍ରୀ ପୁରୋହିତଙ୍କ ନେତୃତ୍ୱରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଦାୟିତ୍ୱ ସହିତ ଭି.ଓ. ଚିଦାମ୍ବରମ୍ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ଏହି ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବା ପରେ ପାରାଦୀପ ବନ୍ଦରକୁ ଅଧିକ ଶକ୍ତିଶାଳୀ କରିବା ସହିତ ଯୋଗାଯୋଗ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦେବେ। ପାରାଦୀପ ବନ୍ଦର ଶ୍ରୀ ପୁରୋହିତଙ୍କ ଅଭିଜ୍ଞତା, ଅନୁଭୂତିକୁ ପାଥେୟ କରି ଭାରତୀୟ ନୌବାଣିଜ୍ୟର ବିକାଶ ସହିତ ବିକଶିତ ଭାରତ କାର୍ଯ୍ୟକ୍ରମରେ ସହାୟକ ହେବ। ପାରାଦୀପ ବନ୍ଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଶାସନିକ ଭବନରେ ସିଆଇଏସଏଫ ପକ୍ଷରୁ ଗାର୍ଡ୍ ଅଫ ଅନର ପ୍ରଦାନ କରାଯାଇଥିଲା। ପାରାଦୀପ ବନ୍ଦର ପ୍ରଶାସନିକ ଭବନ ବୋର୍ଡ ରୁମ୍ ପରିସରରେ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ, ସଚିବ ବାପି କ୍ରୀଷ୍ଣା ରାଜୁଙ୍କ ସମେତ ବିଭାଗୀୟ ମୁଖ୍ୟ ଏବଂ ଅଧିକାରୀମାନେ ଶ୍ରୀ ପୁରୋହିତଙ୍କୁ ଭବ୍ୟ ସ୍ୱାଗତ କରିଥିଲେ।

# ରାସ୍ତାରେ ବୁଲା ଗୋରୁଗାଈ; ବଢୁଛି ଦୁର୍ଘଟଣା, ଯାଉଛି ଜୀବନ

ଆନନ୍ଦପୁର/ହାଟଡ଼ିହୀ, ୧।୯ (ସମିସ)





ଆନନ୍ଦପୁର ଭଦ୍ରକକୁ ଲମ୍ବିଥିବା ୫୩ନଂ ରାଜ୍ୟ ରାଜପଥ ଉପରେ ଶୋଉଥିବା ଗୋରୁଗାଈ ଏବଂ ଓ ଷଣ୍ଢମାନଙ୍କ ପାଇଁ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ, ୨୦ ନମ୍ବର ଜାତୀୟ ରାଜପଥ ମଧ୍ୟ ଏନେଇ ଉଭୟ ପ୍ରାଣୀଧନ ଏବଂ ସାଧାରଣ ଯାତ୍ରୀଙ୍କ ପାଇଁ ବିପଦସଙ୍କୁଳ ହୋଇ ପଡ଼ିଛି। ଦୁର୍ଘଟଣା ପରେ, ବିଶେଷକରି ଗାଈଗୋରୁ ଉପଯୁକ୍ତ ଚିକିତ୍ସା ପାଉ ନଥିବାରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହାର ପ୍ରତିକାର ଦିଗରେ ପ୍ରଶାସନ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଗୋରକ୍ଷକ ସେବା ସମିତିର ସ୍ୱୟଂ ସେବକମାନେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସହିତ ସାକ୍ଷାତ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜାତୀୟ ରାଜପଥର କୋଳିମାଟିରୁ ଜର୍ଦ୍ଦା ରାସ୍ତାରେ ପ୍ରତିଦିନ ଗୋରୁଗାଈ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରି ଦୟନୀୟ ଅବସ୍ଥାରେ ସାଇଁକୁଳର ଡ଼ ସନତ ରଥ ଓ ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ସାହାଯ୍ୟର

## ପ୍ରଶାସନିକ ପଦକ୍ଷେପ ଶୂନ୍; ଉପଜିଲ୍ଲାପାଳଙ୍କୁ ଫେରାଦ

ହାତ ବଢ଼ାଇଛନ୍ତି। ଗୋମାତାଙ୍କ ଚିକିତ୍ସା ଏବଂ ଖାଦ୍ୟ ତଥା ଆବଶ୍ୟକ ଉପକରଣ ପାଇଁ ଅର୍ଥରାଶି ଏବଂ ଗୋଶାଳା କରିବା, ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରତିରୋଧ ଲଗାଇବା ପାଇଁ ଦାବିପତ୍ର ପ୍ରଦାନ କରିଥିବା ବେଳେ ଶ୍ରୀ ସ୍ୱାଇଁଙ୍କ ନେତୃତ୍ୱରେ ସଭାପତି ସରୋଜ ସାହୁ ଓ ଦେବପ୍ରସାଦ ମହାନ୍ତି. ପ୍ଲାବନ ପରିଡା, ରୁଦ୍ର ପାଢି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ଉପଜିଲ୍ଲାପାଳ ଖୁବଶୀଘ୍ର ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଥାଉ କି, ରାସ୍ତା ଉପରେ ବାଇକ୍ କିମ୍ବା ଚାରିଚକିଆ ନେଇ ଯା'ଆସ କରିବା ନିହାତି କଷ୍ଟକର ହୋଇପଡୁଛି। ଦିନବେଳା ଅପେକ୍ଷା ରାତିରେ ବିପଦ ଆଶଙ୍କା ବୃଦ୍ଧି ପାଉଛି। ମଝି ରାସ୍ତା ସହ ଫାଙ୍କା ଏବଂ ଅନ୍ଧାରିଆ ସ୍ଥାନରେ ଗୋରୁଗାଈ ଏବଂ ଷଣ୍ଢଗୁଡ଼ିକ ଶୋଇ ରହୁଥିବାରୁ ସାଧାରଣତଃ ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଯାହାଫଳରେ ଲୋକଙ୍କ ଧନଜୀବନ ହାନି ଘଟୁଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନ କରାଯାଉଥିଲା ବେଳେ ଏଭଳି ଦୁର୍ଘଟଣା ଏଡ଼ାଇବା ଲାଗି ଆବଶ୍ୟକ ପଦକ୍ଷେପ ନିଆଗଲେ ଦୁର୍ଘଟଣାକୁ ସହଜରେ ଏଡ଼ାଇ ହୁଅନ୍ତା ବୋଲି ବରିଷ୍ଠ ସମାଜସେବୀ ଗୌରାଙ୍ଗ ରଣା କହିଛନ୍ତି। ତେବେ, ପ୍ରଶାସନ ପକ୍ଷରୁ ବୁଲା ଗୋରୁଗାଈ ଓ ଷଣ୍ଢମାନଙ୍କ ବେକରେ ନାଲି ରେଡିୟମ୍ ଫିତା ବାନ୍ଧିବା ବ୍ୟବସ୍ଥା କରାଗଲେ, ରାତିରେ ସେମାନଙ୍କ ଉପରେ ସହଜରେ ନଜର ପଡିବା ସହିତ ଦୁର୍ଘଟଣାକୁ ମଧ୍ୟ ସହଜରେ ଏଡ଼ାଇ ହୁଅନ୍ତା ବୋଲି କୁହାଯାଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେଲେ ଆଗକୁ ଧନଜୀବନ ବର୍ତ୍ତିପାରନ୍ତା ବୋଲି ବିଭିନ୍ନ ମହଲରେ କୁହାଯାଇଛି। ବିଶେଷକରି ଆନନ୍ଦପୁର ଉପଜିଲ୍ଲାପାଳ ଏବଂ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଏହା ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଅସହାୟ ବୃଦ୍ଧା ଓ ନାତି ଉଦ୍ଧାର

ବଡ଼ସାହି,୧।୯ (ସମିସ): ମାଣଡା ପଞ୍ଚାୟତ ମାଳିହାଟୀ ଗ୍ରାମର ଅସହାୟ ବୃଦ୍ଧା ଓ ତାଙ୍କ ନାତିଙ୍କ ଶୋଚନୀୟ ପରିସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରାଯାଇ ବାରିପଦା ସ୍ଥାନାନ୍ତର କରାଯାଇଛି। ଲକ୍ଷ୍ମି ହାଁସଦାଙ୍କ ସ୍ୱାମୀ ୩୦ ବର୍ଷ ପୂର୍ବେ ଆରପାରିକୁ ଚାଲିଯାଇଥିଲେ। ସେବେଠାରୁ ସେ ତାଙ୍କ ପୁଅକୁ ଧରି ବହୁ ଦୁଃଖକଷ୍ଟରେ ଚଳି ଆସୁଥିଲେ। ୫ ବର୍ଷ ତଳେ ବଡ଼ପୁଅର ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ତ୍ରୀ (ବୋହୂ) ନିଜ ଶିଶୁ ସନ୍ତାନକୁ ଛାଡ଼ି ଅନ୍ୟତ୍ର ବିବାହ କରି ଚାଲିଯାଇଥିଲେ। ଲକ୍ଷ୍ମି ଦୁଇ ନାତିଙ୍କ ସହ ଏକ ମାଟି ଘରେ ରହୁଥିଲେ। ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଘରଟି ଭାଙ୍ଗିଯାଇଥିଲା। ସାନପୁଅ ଏବେ ହାଟ ପିଣ୍ଡିରେ ରହୁଥିବାବେଳେ ମା'ର କୌଣସି ଖବର ନେଉନାହାନ୍ତି। ବଡ଼ ନାତି ବେଙ୍ଗାଲୁରୁ ଅଞ୍ଚଳରେ କାମ କରୁଛି। ଏବେ ଲକ୍ଷ୍ମି ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ଲକ୍ଷ୍ମି ନିଜ ସାନ ନାତିକୁ ଧରି ସ୍ଥାନୀୟ ସାମ୍ବାଦିକ ତାପସ ନାୟକଙ୍କ ଅଫିସ ପିଣ୍ଡାରେ ୫ ଦିନ ଧରି ରହିଆସୁଥିଲେ। ଏ ଘଟଣା ଜାଣିବା ପରେ ବିଡିଓ ବନଜା ଦାସ ଓ ତହସିଲଦାର ବିଶ୍ୱନାଥ ବିଶ୍ୱାଳ ସାହାଯ୍ୟର ହାତ ବଢ଼ାଇଥିଲେ। ପ୍ରଶାସନ ପକ୍ଷରୁ ତମ୍ବୁ ଓ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଆଧାର କାର୍ଡ ନ ଥିବାରୁ ବୃଦ୍ଧା ଜଣକ ସରକାରୀ ସୁବିଧାରୁ ବଞ୍ଚିତଥିବା ଜଣାପଡ଼ିଥିଲା। ସ୍ଥାନୀୟ ସରପଞ୍ଚ ସାବିତ୍ରୀ ସିଂ ଓ ନାଏବ ସରପଞ୍ଚ ଅଜିତ୍ ପଣ୍ଡା ପକ୍କା ଘର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଏ ନେଇ ତହସିଲଦାର ଚିଠି ମାଧ୍ୟମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ଚିଠି ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ ଅସୁସ୍ଥ ବୃଦ୍ଧା ଓ ତାଙ୍କ ନାତିଙ୍କୁ ଉଦ୍ଧାର କରି ବାରିପଦା ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

## ଚିତ୍ରଡ଼ା ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

ମୋରଡା,୧।୯ (ସମିସ): ମୋରଡା ବ୍ଲକ୍ ଅଧୀନ ଚିତ୍ରଡ଼ା ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଉମେଶ ଚନ୍ଦ୍ର ଦାସଙ୍କ ପୁତ୍ରବଧୂ ସଂଯୁକ୍ତା ଦାସ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ରଣଜିତ ସାହୁ, ମୟୂରଭଞ୍ଜ ସାଂସଦଙ୍କ ପ୍ରତିନିଧି ନିରଞ୍ଜନ ମହାନ୍ତ, ଆଲୁମିନି ସଦସ୍ୟ କ୍ଷିତୀଶ ମହାନ୍ତ, ପୂର୍ବତନ ପରିଚାଳନା କମିଟି ସଭ୍ୟ ଅମ୍ବୁଜ ମହାନ୍ତ ସମ୍ମାନିତ ଅତିଥି, ପରିଚାଳନା କମିଟି ଅଧ୍ୟକ୍ଷ ବରେନ୍ଦ୍ର ଦାସ ସ୍ୱତନ୍ତ୍ର ଅତିଥି, ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାତା ସ୍ୱର୍ଗତ ଉମେଶ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ଅତିଥିମାନେ ଦୀପ ଜାଳି ପ୍ରତିଷ୍ଠା ଦିବସକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ସମସ୍ୟାର ସମାଧାନ କିପରି ହୋଇପାରିବ ଓ ଛାତ୍ରୀଛାତ୍ର କିପରି ଶୃଙ୍ଖଳିତ ହୋଇ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବେ, ସେ ନେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ କାମଦେବ ପାଠୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ବୁଦ୍ଧିରାମ ସିଂ ଉତ୍ସବ ସଂଯୋଜନା କରିଥିଲେ। ଡିଗି ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ନିରାଡ଼ମ୍ବର ଭାବେ ଡ୍ରାଇଭର ଦିବସ ପାଳିତ

କରଞ୍ଜିଆ,୧।୯ (ସମିସ): ଓଡ଼ିଶା ଡ୍ରାଇଭର ମହାସଂଘ କରଞ୍ଜିଆ ଶାଖା ପକ୍ଷରୁ ଡ୍ରାଇଭର ଦିବସ ନିରାଡ଼ମ୍ବର ଭାବେ ପାଳିତ ହୋଇଛି। ସଂଘର ସଦସ୍ୟ ସାବନ ମହାନ୍ତଙ୍କ ରବିବାର ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାରୁ ତାଙ୍କ ପ୍ରତି ସମ୍ମାନ ଜଣାଇ ଡ୍ରାଇଭର ଦିବସ ଉତ୍ସବ କାର୍ଯ୍ୟକ୍ରମ ବାତିଲ କରାଯାଇଥିଲା। ପୂର୍ବତନ ସଭାପତି ରତିକାନ୍ତ ମହାନ୍ତଙ୍କ ପରାମର୍ଶକ୍ରମେ କରଞ୍ଜିଆ ବ୍ଲକ ସଂଘ ସଭାପତି ଶତ୍ରୁଘନ ମହାନ୍ତ, ଉପସଭାପତି ଗୁଣନିଧି ମହାନ୍ତ, ଉପଦେଷ୍ଟା ରତିକାନ୍ତ ଲୋହାର, କୋଷାଧ୍ୟକ୍ଷ ପୁଲକ ବିହାରୀ ମହାନ୍ତ, ସମ୍ପାଦକ ଆଶୀର୍ବାଦ ମହାନ୍ତଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଏକ ବୈଠକରେ ଯୋଗଦେଇ ବ୍ଲକ ସଂଘର ବିଭିନ୍ନ ସମସ୍ୟା, ଡ୍ରାଇଭରଙ୍କ ସୁରକ୍ଷା, ସେମାନଙ୍କ ଅଧିକାର ଓ ସ୍ୱାର୍ଥ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ଦିବଂଗତ ସଦସ୍ୟ ସାବନ ମହାନ୍ତଙ୍କ ସ୍ମୃତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

## ସାହାଣୀ କପ୍ ଫୁଟ୍‌ବଲ ପାଇଁ ଖେଳାଳି ଚୟନ

କେନ୍ଦୁଝର, ୧।୯ (ସମିସ): କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ରାଜ୍ୟର ମର୍ଯ୍ୟାଦାପୂର୍ଣ୍ଣ ତଥା ସମ୍ମାନଜନକ ସାହାଣୀ କପ ସିନିଅର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ନାମେଣ୍ଟ ପାଇଁ ଜିଲ୍ଲା ଦଳ ଚୟନ ଆସନ୍ତା ୩ ସେପ୍ଟେମ୍ବର ଗୁରୁବାର ଷ୍ଟାଡିୟମ ପଡିଆଠାରେ ସ୍ଥିରୀକୃତ ହୋଇଛି। ଆଗ୍ରହୀ ପୁରୁଷ ଖେଳାଳି ନିଜର ପ୍ରମାଣପତ୍ର (ଜନ୍ମ ସାର୍ଟିଫିକେଟ/ହାଇସ୍କୁଲ ସାର୍ଟିଫିକେଟ/ଆଧାରକାର୍ଡ) ସହ ନିଜର ଖେଳ ଉପକରଣ ଧରି ଫୁଟବଲ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀଙ୍କ ନିକଟରେ ଜିଲ୍ଲା କ୍ରୀଡା ସଂସ୍ଥା କାର୍ଯ୍ୟାଳୟଠାରେ ସକାଳ ୯ଟା ସମୟରେ ନାମ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ସବିଶେଷ ବିବରଣୀ ପାଇଁ ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ ମୋବାଇଲ ନମ୍ବର ୯ ୯୩୭୧୨୮୨୦୦ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଠାକୁରମୁଣ୍ଡା,୧।୯ (ସମିସ): ୧୫ ଦିନ ପୂର୍ବରୁ ଚେନ୍ନାଇ ଯାଇ ଏକ ଘରୋଇ କମ୍ପାନୀରେ କାମ କରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଆର୍ଥିକ ସମ୍ବଳ ନ ଥିବାରୁ ମୃତ୍ୟୁର ୩ ଦିନ ପରେ ହ୍ୟୁମାନ ରାଇଟ ଡିଫେଣ୍ଡର ଫୋରମ ଓ ଜିଲ୍ଲା ଶ୍ରମ ବିଭାଗ ସହାୟତାରେ ଶବ ଗାଁକୁ ଫେରିଛି। ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣି ପଞ୍ଚାୟତ ଅନ୍ତର୍ଗତ ସାରୁବିଲ ଗ୍ରାମର ନନ୍ଦିଆ ହୋ ଶ୍ରମିକ ଭାବରେ କାମ କରିବାକୁ ଚେନ୍ନାଇ ଯାଇ ସେଠାରେ ଏକ ଘରୋଇ କମ୍ପାନୀ ରେ କାମ କରୁଥିଲେ। ସେଠାରେ ଦେହ ଖରାପ ହେବାରୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହିତ ସେ ଘରକୁ ଟ୍ରେନ ଯୋଗେ ଫେରୁଥିଲେ। ରାସ୍ତାରେ ଅବସ୍ଥା ଗୁରୁତର ହେବାରୁ ୨୮ ତାରିଖ ରାତିରେ ନେଲୋରୀ ଷ୍ଟେସନରେ ସମ୍ପର୍କୀୟ ଓହ୍ଲାଇ ନିକଟରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଶବକୁ ପରିବାର ଲୋକେ ଆର୍ଥିକ ଅଭାବ କାରଣରୁ ଘରକୁ ଆଣିପାରୁନଥିଲେ।

## ଖବରକାଗଜ ବିତରକଙ୍କ ମୃତଦେହ ଉଦ୍ଧାର

ବିଶୋଇ,୧।୯ (ସମିସ): ଲଗାଣ ବର୍ଷା ଯୋଗୁଁ ବିଜାତଳା ତହସିଲ ଅଞ୍ଚଳରେ ନାହିଁ ନଥିବା କ୍ଷତି ଘଟିଛି। ସୋମବାର ସକାଳେ ବନ୍ୟା ପାଣିରେ ଭାସିଯାଇଥିବା ଖବରକାଗଜ ବିତରକ ଶଶିଧର କରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଶଶିଧର ଆମଦାବେଡା-ନୂଆଗାଁ ନାଳ ପାର ହେଉଥିବା ସମୟରେ ନାଳରେ ବନ୍ୟା ଜଳ ସ୍ରୋତରେ ଭାସିଯାଇ ନିଖୋଜ ଥିବାବେଳେ ମଙ୍ଗଳବାର ତାଙ୍କର ମୃତଦେହ ଉଦ୍ଧାର ହୋଇଛି। ସେହିପରି ମାଣିକପୁର ପଞ୍ଚାୟତର ବନ୍ଧଗାଁର ବାଲେୟା ମୁଣ୍ଡା ଘର ସୋମବାର ରାତିରେ ଭୁଶୁଡିବା ସହ ଆସବାବ ପତ୍ର ନଷ୍ଟ ହୋଇଛି। ପରିବାରର ୭ ଜଣ ଓ ଗୃହପାଳିତ ପଶୁ ରକ୍ଷା ପାଇଛନ୍ତି। ବିଜାତଳା ତହସିଲଦାର ଓ ବିଡିଓ କ୍ଷତିଗ୍ରସ୍ତ ପରିବାରକୁ ସହାୟତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସୂଚନା ଫଳକ ଭାଙ୍ଗିବା ଅଭିଯୋଗରେ ୨ ଗିରଫ

କୁଆମରା,୧।୯, (ସମିସ): କୁଆମରା-ବଡ଼ସାହି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର କସିବଣୀଠାରେ ଲାଗିଥିବା ସୂଚନା ଫଳକକୁ ଗତ ରାତିରେ ଦୁଇଜଣ ଯୁବକ ଭାଙ୍ଗୁଥିବାବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଥିଲେ। କୁଆମରା ଫାଣ୍ଡି ପୁଲିସ ପହଞ୍ଚି ଦୁଇ ଅଭିଯୁକ୍ତ ନୀଳଗିରି ଥାନା ଗୋପିନାଥପୁର ଗ୍ରାମର ବବୁଲୁ ରାଉତ ଓ ବୁଧିଆ ନାୟକଙ୍କୁ ଗିରଫ କରି ପଚରାଉଚରା କରୁଛି। ଏ ନେଇ ଖୁଣ୍ଟା ଥାନାରେ ମାମଲା ରୁଜୁ ହୋଇଛି।

## ଖରିଫ ଧାନ ବିକ୍ରି ପାଇଁ ଫର୍ମ ପ୍ରଦାନ ଦାବି

ବାରିପଦା, ୧।୯ (ସମିସ): ଖରିଫ ଧାନ ବିକ୍ରି ନିମନ୍ତେ ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆଉ ୭ ଦିନ ସମୟସୀମା ବୃଦ୍ଧି କରାଯାଇଥିବାବେଳେ ବିଭିନ୍ନ ଧାନମଣ୍ଡିରେ ଏବେ ନୂଆ ସମସ୍ୟା ସୃଷ୍ଟି ହୋଇଛି। ସରକାର ସମୟସୀମା ବୃଦ୍ଧି କରିଥିଲେ ସୁଦ୍ଧା ମୟୂରଭଞ୍ଜର କେତେକ ମଣ୍ଡିରେ ମଣ୍ଡି ଅଧିକାରୀ ଓ କର୍ମଚାରୀ ଚାଷୀଙ୍କୁ ପଞ୍ଜୀକରଣ ନିମନ୍ତେ ଆବଶ୍ୟକ ଫର୍ମ ପ୍ରଦାନ କରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ବହୁ ଚାଷୀ ନିର୍ଦ୍ଧାରିତ ସମୟ ମଧ୍ୟରେ ପଞ୍ଜୀକରଣ କରିବାରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦେବା ଉଦ୍ଦେଶ୍ୟରେ ସରକାର ସମୟସୀମା ବୃଦ୍ଧି କରିଥିବାବେଳେ ମଣ୍ଡି ସ୍ତରରେ ଫର୍ମ ନ ମିଳିବା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ ବିଷୟ। ଫଳରେ ସରକାରଙ୍କ ସମୟସୀମା ବୃଦ୍ଧିର ସୁବିଧାରୁ ଚାଷୀ ବଞ୍ଚିତ ହୋଇପାରନ୍ତି। ତେଣୁ ଚାଷୀଙ୍କ ଏହି ସମସ୍ୟାକୁ ଜିଲ୍ଲା ପ୍ରଶାସନ ତୁରନ୍ତ ଗୁରୁତର ସହ ନେଇ ସମାଧାନ କରିବା ସହିତ ସମସ୍ତ ଧାନ ମଣ୍ଡିରେ ଆବଶ୍ୟକୀୟ ପଞ୍ଜିକରଣ ଫର୍ମ ତୁରନ୍ତ ଉପଲବ୍ଧ କରାଇବାକୁ ମାସାଆର୍ମୀ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଆଜି ମାସାଆର୍ମୀ ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ଜରିଆରେ ଓଡ଼ିଶା ସରକାରଙ୍କୁ ପଞ୍ଜୀକରଣ ପାଇଁ ଫର୍ମ ପ୍ରଦାନ କରିବାକୁ ନିବେଦନ କରିଛନ୍ତି।

## ଶୁଣିଲାନି ବିଦ୍ୟୁତ ବିଭାଗ; ନିଜେ ବିଦ୍ୟୁତ ସଂଯୋଗ କଲେ ଯୁବକ

ତୁରୁମୁଙ୍ଗା, ୧।୯ (ସମିସ): ଅଭିଯୋଗ କରିବାର ୪ ଦିନ ପରେ ବି ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କରା ନଯିବାରୁ ଶେଷରେ ବାଧ୍ୟହୋଇ ନିଜେ ବିଦ୍ୟୁତ ସଂଯୋଗ କଲେ ଜଣେ ଯୁବକ। ବିପଦକୁ ଖାତିର ନକରି ବିଦ୍ୟୁତ ଖୁଣ୍ଟରେ ଚଢ଼ି ପ୍ଲାସ୍ ସାହାଯ୍ୟରେ ତାର ସଂଯୋଗ କରୁଥିବା ଦୃଶ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କେନ୍ଦୁଝର ଜିଲ୍ଲା ପାଟଣା ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ପୁଟୁଳିଆ ଗ୍ରାମର ମୁଖ୍ୟ



ରାସ୍ତାପାର୍ଶ୍ୱରେ ଥିବା ଏକ ଘରର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ଏନେଇ ବିଦ୍ୟୁତ ବିଭାଗକୁ ଗତ ୪ ଦିନ ଧରି ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କର୍ମଚାରୀ ଆସି ମରାମତି କରି ନଥିବା ଅଭିଯୋଗ ହୋଇଛି। ଫଳରେ ମଙ୍ଗଳବାର ଗ୍ରାମର ଗହ୍ଣା ମୁଣ୍ଡାଙ୍କ ପୁଅ ପିପୁଲ ମୁଣ୍ଡା ବାଧ୍ୟହୋଇ ନିଜେ ବିଦ୍ୟୁତ ଖୁଣ୍ଟରେ ଚଢ଼ି ତାର ସଂଯୋଗ କରିଥିଲେ। ଏଭଳି ଭାବେ ଅଣତାଲିମପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ବିଦ୍ୟୁତ ଖୁଣ୍ଟରେ ଚଢ଼ି କାମ କରିବା ଅତ୍ୟନ୍ତ ବିପଜ୍ଜନକ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିବା ବେଳେ ପିପୁଲ ମୁଣ୍ଡା ୪ ଦିନ ହେଲା ବିଦ୍ୟୁତ ବିଭାଗ କୌଣସି ପଦକ୍ଷେପ ନେଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପାଟଣା ବିଦ୍ୟୁତ ବିଭାଗର ଯନ୍ତ୍ରୀ ଜ୍ୟୋତିରଞ୍ଜନ ମିଶ୍ର ଘଟଣାର ତଦନ୍ତ କରିବେ ବୋଲି ହାଲୁକା ଭାବରେ ପ୍ରତିକ୍ରିୟା ଦେଇଛନ୍ତି। ଅଭିଯୋଗ ପରେ ବି ଠିକ ସମୟରେ ପଦକ୍ଷେପ ନିଆନଯିବାରୁ ଜଣେ ଯୁବକଙ୍କୁ ଜୀବନକୁ ବିପଦରେ ପକାଇ ନିଜେ ବିଦ୍ୟୁତ ସଂଯୋଗ କରିବାକୁ ପଡ଼ିଥିବା ଘଟଣା ବିଦ୍ୟୁତ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି।

## ଅଚଳ ଷ୍ଟ୍ରିଟ୍‌ଲାଇଟ୍; ଅନ୍ଧାରରେ ଭଦ୍ରାସାହି ଛକ

ଯୋଡ଼ା, ୧।୯ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ଜାତୀୟ ରାଜପଥ-୫୨୦ର ଭଦ୍ରାସାହି ଛକ ଦୀର୍ଘ ୨୦ ଦିନରୁ ଅଧିକ ସମୟ ଧରି ଅନ୍ଧକାରରେ ରହିଛି। ଛକରେ



ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍ ଅଚଳ ହୋଇପଡ଼ିଥିବାରୁ ସନ୍ଧ୍ୟା ପରେ ସମଗ୍ର ଅଞ୍ଚଳ ଅନ୍ଧକାରମୟ ହୋଇଯାଉଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସହ ଚିନ୍ତା ବଢ଼ିଛି। ଭଦ୍ରାସାହି ଛକ ଦେଇ ଦିନରାତି ବହୁ ସଂଖ୍ୟାରେ ଭାରୀଯାନ, ଯାତ୍ରୀବାହୀ ଗାଡ଼ି ଓ ଦୁଇଚକିଆ ଯାନ ଚଳାଚଳ କରିଥାଏ। ଏଭଳି ଏକ ବ୍ୟସ୍ତ ଛକରେ ଦୀର୍ଘଦିନ ଧରି ଆଲୋକ ବ୍ୟବସ୍ଥା ଅଚଳ ରହିବା ଯୋଗୁଁ ରାତିରେ ଯାତାୟାତ କରୁଥିବା ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ଧକାରର ସୁଯୋଗ ନେଇ ଚୋରି, ଲୁଟ୍ ଭଳି ଅପରାଧ ଘଟିବାର ଆଶଙ୍କା ମଧ୍ୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ୨୦ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ଏହି ଗୁରୁତ୍ୱପୂର୍ଣ୍ଣ ଛକର ଆଲୋକ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ଏବଂ ଏତେଦିନ ଧରି ଲାଇଟ୍ ଅଚଳ ଥିବା ସତ୍ତ୍ୱେ ମରାମତି କାହିଁକି ହୋଇନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ସମ୍ପୃକ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଭଦ୍ରାସାହି ଛକ ପରିଦର୍ଶନ କରି ଯାଞ୍ଚ କରିବା ସହ ରକ୍ଷଣାବେକ୍ଷଣରେ ହେଉଥିବା ଅବହେଳା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି। ଭଦ୍ରାସାହି ଛକରେ ନିୟମିତ ରକ୍ଷଣାବେକ୍ଷଣ ଓ ନିରୀକ୍ଷଣ ବ୍ୟବସ୍ଥା କରାଯାଉ ବୋଲି ମଧ୍ୟ ଦାବି ଜୋର୍ ଧରିଛି।

## ଘରେ ପଶି ଚୋରି

ତୁରୁମୁଙ୍ଗା, ୧।୯ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନାଞ୍ଚଳରେ ମାତିଛନ୍ତି ନାବାଳକ ଚୋର। ଦିନ ଦ୍ୱିପ୍ରହରରେ ଗ୍ରୀଲ ପାଚେରି ଡେଇଁ ଦୋକାନ ଘରେ ପଶି ଚୋରି କରୁଥିବା। ଏହାର ଭିଡିଓ ସିସିଟିଭିରେ କଏଦ ପରେ ଭାଇରାଲ ହୋଇଛି। ତୁରୁମୁଙ୍ଗା ଥାନା କେନ୍ଦେଇପଶି ଗ୍ରାମର ଅଶୋକ ସାହୁଙ୍କ ଘରର ପାଚେରି ଡେଇଁ ଜଣେ ନାବାଳକ ନିଶାସକ୍ତ ଅବସ୍ଥାରେ ଘର ଭିତରେ ପଶି ଏପରି କାଣ୍ଡ ଭିଆଇଛି। ଦିନ ଦ୍ୱିପହରରେ ବିନା ଭୟରେ ଏପରି ଚୋରି ହେଉଥିବା ନେଇ ଅଞ୍ଚଳରେ ଏକପ୍ରକାର ଭୟର ବାତାବରଣ ଖେଳିଯାଇଛି।

## ଭାଲୁକଚୁଆ ଜଙ୍ଗଲରେ ଅବକାରୀ ଚଢ଼ଉ



ମୋରଡା,୧।୯ (ସମିସ): ମୋରଡା ଅବକାରୀ ବିଭାଗ ଆଜି ଭାଲୁକଚୁଆ ଜଙ୍ଗଲରେ ଚଢ଼ଉ କରି ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ କରିଛି। ଅବକାରୀ ଅଧିକାରୀ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ମୋରଡା ଅବକାରୀ ଅଧିକାରୀ ଦୀପକ ରାଉତ ଓ ଟିମ, ଏପିଆର ଫୋର୍ସ, ବାରିପଦା ଅବକାରୀ ଇନ୍ସପେକ୍ଟର, ଜିଲ୍ଲା ମୋବାଇଲ ଟିମ, ସଦର ଓଆଇସି, ଦେଉଳି, କୁଳିଅଣା ଅବକାରୀ ବିଭାଗ ମିଳିତ ଭାବେ ଭାଲୁକଚୁଆ ଜଙ୍ଗଲରେ ଚାଲିଥିବା ବେଆଇନ ଦେଶୀ ମଦଭାଟି ଉପରେ ଚଢ଼ଉ କରି ୮୩୦୦ କେଜି ମହୁଲ ପୋଚ ନଷ୍ଟ କରିବା ସହ ୮୬୦ ଲିଟର ଦେଶୀ ମଦ ଓ ସରଞ୍ଜାମ ଜବତ କରିଛନ୍ତି। ଏ ନେଇ ଅବକାରୀ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି।

## ପିକ୍‌ଅପ୍ ଅଟକାଇ ଡ୍ରାଇଭରଙ୍କୁ ଲୁଟ୍

ମହୁଲଡିହା,୧।୯ (ସମିସ): ୫୩ନଂ ରାଜ୍ୟ ରାଜପଥର ମହୁଲଡିହା-ସାତକୋଶିଆ ଜଙ୍ଗଲ ରାସ୍ତାରେ ବର୍ଷା ରାତିରେ ଲୁଟ୍ ହୋଇଛି। ଏକ ପିକ୍‌ଅପ୍ ଗାଡ଼ି ଠାକୁରମୁଣ୍ଡାରେ ମାଲ୍ ଦେଇ ଆନନ୍ଦପୁର ଫେରୁଥିଲା। ଏହି ସମୟରେ ୪ ଜଣ ଦୁର୍ବୃତ୍ତ କାର୍‌ରେ ଆସି ପିକ୍‌ଅପ୍‌କୁ ଅଟକାଇଥିଲେ। ଡ୍ରାଇଭରଙ୍କୁ ଆକ୍ରମଣ କରି ମୋବାଇଲ, ୨ ଲକ୍ଷ ୧୩ ହଜାର ଟଙ୍କା ଲୁଟି ନେଇଛନ୍ତି। ପରେ ଗାଡି ଚାବି ଡ୍ରାଇଭରକୁ ହସ୍ତାନ୍ତର କରି ଆନନ୍ଦପୁର ଅଭିମୁଖେ ଚାଲି ଯାଇଥିଲେ। ଡ୍ରାଇଭର ଗୋବିନ୍ଦ ଚନ୍ଦ୍ର ସେଠୀ ମହୁଲଡିହା ଥାନାରେ ଏତଲା ଦେଇଥିବାବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**ସ୍ତ୍ରୀଙ୍କୁ ହତ୍ୟା ଘଟଣାରେ ସ୍ୱାମୀ ଜେଲ୍‌ରେ**

## ୨ ଶିଶୁଙ୍କ ଭବିଷ୍ୟତ ଚିନ୍ତାରେ ଗ୍ରାମବାସୀ

ତୁରୁମୁଙ୍ଗା, ୧।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ମଲ୍ଲିପଶି ଭୂମିଜ ସାହିରେ ଦାମ୍ପତ୍ୟ କଳହକୁ ନେଇ ଶନିବାର ବିଳମ୍ବିତ ରାତିରେ ସ୍ୱାମୀ ହେମନ୍ତ ଭୂମିଜଙ୍କ କାଠଫାଳିଆ ଆକ୍ରମଣରେ ତାଙ୍କ ସ୍ତ୍ରୀ ସବିତା ଭୂମିଜଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପାଟଣା ପୁଲିସ ହେମନ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିବା ପରେ ସେ ଜେଲ ଯାଇଛନ୍ତି। ଏହାପରେ ତାଙ୍କର ୨ଶିଶୁଙ୍କ ସାହାଭରସା ପାଲଟିଛନ୍ତି ଜେଜେବାପା ଓ ଜେଜେମା। ଉଭୟ ଦିନ ମଜୁମରିଆ ଭାବେ କାମ କରୁଥିବା ବେଳେ ୨ ଶିଶୁଙ୍କୁ କିଭଳି ଲାଳନପାଳନ କରି ବଡ଼ କରିବେ ଚିନ୍ତାରେ ପଡିଛନ୍ତି। ଏହି ପରିବାର ପାଖରେ



କୌଣସି ସରକାରୀ ଯୋଜନା ପହଞ୍ଚିନଥିବା ବେଳେ ଆବାସ ଗୃହ କି ରେସନ୍ କାର୍ଡ ବି ମିଳି ପାରିନାହିଁ। ସବିତାଙ୍କ ମୃତ୍ୟୁ ଓ ହେମନ୍ତ ଜେଲ ଯିବା ପରେ ଦମ୍ପତିଙ୍କ ଦୁଇ ଶିଶୁ ଅସହାୟ ହୋଇପଡ଼ିଛନ୍ତି। ଉଭୟଙ୍କ ମଧ୍ୟରୁ ଜଣଙ୍କ ବୟସ ୪ ବର୍ଷ ଶିଶୁ କନ୍ୟା ହୋଇଥିବାବେଳେ ଅନ୍ୟ ଜଣଙ୍କ ପ୍ରାୟ ଦେଢ଼ ବର୍ଷର ଶିଶୁ ପୁତ୍ର। କଅଁଳ ବୟସରେ ମାଆଙ୍କୁ ହରାଇବା ସହ ବାପା ଜେଲ ଯିବାରୁ ଦୁଇ ଶିଶୁଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଚାଲିଯାଇଛି। ଏପର୍ଯ୍ୟନ୍ତ ସ୍ଥାନୀୟ ଲୋକପ୍ରତିନିଧି କିମ୍ବା ପ୍ରଶାସନ ପକ୍ଷରୁ ଶିଶୁ ଦୁଇଜଣ ଥଇଥାନ୍ ପାଇଁ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଦୁଇ ଶିଶୁଙ୍କ ଭବିଷ୍ୟତ ସାଙ୍ଗକୁ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

● ତ୍ରିଦିବସୀୟ ଗ୍ରାମାଞ୍ଚଳ ଫୁଟ୍‌ବଲ୍

## ରାଜୁ ଏକାଦଶ ଗୁମୁରିଆ ଚାମ୍ପିଅନ

ଚମ୍ପୁଆ, ୧।୯ (ସମିସ): ଆଦିବାସୀ ୟୁଥ୍ କ୍ଲବ୍ ରାମଲା ପକ୍ଷରୁ ଆୟୋଜିତ ତ୍ରି-ଦିବସୀୟ ୧୦ମ ନକ୍‌ଆଉଟ୍ ଗ୍ରାମାଞ୍ଚଳ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଆଜି ଅନ୍ତିମ ତଥା ଫାଇନାଲ୍ ମ୍ୟାଚ୍‌ରେ ରାଜୁ ଏକାଦଶ ଗୁମୁରିଆ ଓ ଏକାଦଶ ଷ୍ଟାର



ମଧ୍ୟରେ ରୋମାଞ୍ଚକର ମୁକାବିଲା ହୋଇଥିଲା। ଏଥିରେ ରାଜୁ ଏକାଦଶ ଗୁମୁରିଆ ୨-୦ ଗୋଲ୍‌ରେ ଏକାଦଶ ଷ୍ଟାରକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଚମ୍ପୁଆ ବ୍ଲକ୍ ଅଧ୍ୟକ୍ଷ ମୋତିଲାଲ ସିଂ ଲାଗୁରୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ୱାର୍ଡ କାଉନସିଲର ତପନ ଉଗୁରସାଣ୍ଡି, ପ୍ରଦୀପ ମହାକୁଡ଼ ଓ ସମାଜସେବୀ ମହେନ୍ଦ୍ର ନାଏକ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାର ଚାମ୍ପିଅନ୍ ରାଜୁ ଏକାଦଶ ଗୁମୁରିଆ ଦଳକୁ ୩୫,୦୦୦ ଟଙ୍କା ଓ ଟ୍ରଫି, ରନର୍ସଅପ୍ ଦଳକୁ ୨୫,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାରୀ କରିଥିବା ଦଳକୁ ୧୧,୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ଖେଳରେ ରେଫରି ଭାବେ ଟୁନୁ ସିଂ, ରଥୋ କୁମ୍ଭାର, କାହ୍ନୁ ତିଉ ଓ ଦଇତାରୀ କରୱା ପରିଚାଳନା କରିଥିବା ବେଳେ ଘନ ମହାନ୍ତ ଓ ରତ୍ନାକର ପୁର୍ତ୍ତି ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କ୍ଲବ୍‌ର ସଭାପତି ଗୋବିନ୍ଦ ସିଂ, ସମ୍ପାଦକ ଗୋଲକ ବିହାରୀ ଲାଗୁରୀ ଏବଂ ଉପଦେଷ୍ଟା ରଘୁନାଥ ଲାଗୁରୀ, ଚନ୍ଦ୍ରମୋହନ ମୁଣ୍ଡା, ଦିନେଶ ନାଏକ ଓ ଦିନେଶ ଲାଗୁରୀଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ତିନି ଦିନ ଧରି ଚାଲିଥିବା ଏହି ଫୁଟବଲ୍ ପ୍ରତିଯୋଗିତାକୁ ଦେଖିବା ପାଇଁ ବହୁ ସଂଖ୍ୟାରେ କ୍ରୀଡ଼ାପ୍ରେମୀଙ୍କ ସମାଗମ ହୋଇଥିଲା।

## ୯୦୦ କେଜି ମହୁଲ ପୋଚ ନଷ୍ଟ, ୨୦ ଲିଟର ଦେଶୀମଦ ଜବତ

କରଞ୍ଜିଆ/ଯଶିପୁର, ୧।୯ (ସମିସ): ଯଶିପୁର ଥାନା ଅଧୀନ କଳାପଥର ଜଙ୍ଗଲ ଅଞ୍ଚଳରେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ କରିବା ସହ ୨୦ ଲିଟର ଦେଶୀ ମଦ ଜବତ କରିଛି। ଏଠାରେ ଦେଶୀମଦ ପ୍ରସ୍ତୁତ କରାଯାଉଥିବା ନେଇ ଯଶିପୁର ପୁଲିସକୁ ସୂଚନା ମିଳିଥିଲା। ଯଶିପୁର ଥାନା ପୁଲିସର ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା। ପ୍ରାୟ ୯୦୦ କିଲୋଗ୍ରାମ ମହୁଲ ପୋଚ ଠାବ କରାଯାଇଥିଲା। ଏହାକୁ ପୁଲିସ ଘଟଣାସ୍ଥଳରେ ନଷ୍ଟ କରିଥିଲା। ସେହିପରି ଘଟଣାସ୍ଥଳରୁ ପ୍ରାୟ ୨୦ ଲିଟର ଦେଶୀ ମଦ ମଧ୍ୟ ଜବତ କରାଯାଇଥିଲା। ଚଢ଼ଉ ସମୟରେ କୌଣସି ଅଭିଯୁକ୍ତ ଧରାପଡ଼ିଛି କି ନାହିଁ, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଏହି ଘଟଣାକୁ ନେଇ ଯଶିପୁର ଥାନାରେ ୨୯୫/୨୬ରେ ମାମଲା ରୁଜୁ କରାଯାଇଛି।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
୦୨.୦୯.୨୦୨୬ (ବୁଧବାର)
ଶ୍ରଦ୍ଧାଞ୍ଜଳି



୰ ପ୍ରମିଳା ସୁବୁଦ୍ଧି
ସ୍ୱାମୀ: ମଧୁସୂଦନ ସୁବୁଦ୍ଧି
ପୂର୍ବତନ ସରପଂଚ (୨୦୦୨-୨୦୦୭),
ବାଘମାରୀ, ବେଗୁନିଆ, ଖୋର୍ଦ୍ଧା
ଆର୍ବିଭାବ: ୨୨.୦୬.୧୯୫୯ , ତିରୋଧାନ: ୨୪.୦୮.୨୦୨୪

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ତ୍ୟାଗ ତଥା ନୀତି ଆଦର୍ଶ ସଦାସର୍ବଦା ଚିରସ୍ମରଣୀୟ ହୋଇରହିବ। ଆପଣଙ୍କ ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପୁଅ- କୃଷ୍ଣପ୍ରସାଦ,
ଜ୍ୱାଇଁ- ସରୋଜ କୁମାର, ଯଜ୍ଞଦେବ, ସୁରେଶ କୁମାର,
ପୁତ୍ରବଧୂ- ଧୃତିଦ୍ୱିପା, କନ୍ୟା- କମଳା, ବିମଳା,
ବୈଜୟନ୍ତୀମାଳା, ନାତି ନାତୁଣୀ- ତୁଗୁଲା,
ଅତୁ, ଆଶୁ ଓ ଟିଙ୍କୁ



## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ରଖି ଚାଲନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ପୁରୁଣା ନିବେଶରୁ ଲାଭ ମିଳିପାରେ।

## ଆଜିର ଇତିହାସ

- ୧୭୮୯- ଆମେରିକା ତା'ର ରାଜସ୍ୱ ବିଭାଗ ଗଠନ କଲା।
- ୧୮୦୬- ସୁଇଜରଲ୍ୟାଣ୍ଡରେ ଭୂସ୍ଖଳନ ଯୋଗୁଁ ୪୫୭ ଜଣଙ୍କ ମୃତ୍ୟୁ।
- ୧୯୧୯- ଇଟାଲୀରେ ସର୍ବସାଧାରଣଙ୍କୁ ମତଦାନ ଅଧିକାର ଦିଆଗଲା।
- ୧୯୪୫- ଭିଏତନାମ ସ୍ୱାଧୀନ ହୋଇଥିଲା।
- ୧୯୭୦- କନ୍ୟାକୁମାରୀରେ ବିବେକାନନ୍ଦ ସ୍ମାରକୀର ଉଦ୍‌ଘାଟନ ହେଲା।



## ବିଶ୍ୱ ନାରିକେଳ ଦିବସ

ସେପ୍ଟେମ୍ବର ୨ ତାରିଖକୁ ସମଗ୍ର ବିଶ୍ୱରେ ବିଶ୍ୱ ନାରିକେଳ ଦିବସ ଭାବରେ ପାଳନ କରାଯାଏ। ନଡ଼ିଆ ବା ନାରିକେଳର ବହୁବିଧ ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହି ଦିବସ ଉତ୍ସର୍ଗୀକୃତ। ଏସିଆନ୍ ପାସିଫିକ୍ କୋକୋନଟ୍ କମ୍ୟୁନିଟି ଦ୍ୱାରା ପ୍ରଥମେ ୨୦୦୯ ମସିହା ସେପ୍ଟେମ୍ବର ୨ ତାରିଖରେ ଏହି ଦିବସ ପାଳନ କରାଯାଇଥିଲା। ଭାରତ ମଧ୍ୟ ଏହି ସଂଗଠନର ଏକ ପ୍ରମୁଖ ସଦସ୍ୟ। ନଡ଼ିଆରୁ ବିଭିନ୍ନ ପ୍ରକାର ଉତ୍ପାଦ ପ୍ରସ୍ତୁତି ସହିତ ଏହାର ନରମ ଶସ ଓ ପାଣିଠାରୁ ଆରମ୍ଭ କରି ଖୋଳପା ଓ କତା ପର୍ଯ୍ୟନ୍ତ ପ୍ରତ୍ୟେକ ଅଂଶର ବ୍ୟାପକ ବ୍ୟବହାର କରାଯାଇଥାଏ। ଅସାଧାରଣ ପୁଷ୍ଟିକର ଗୁଣ ପାଇଁ ଖ୍ୟାତ ନଡ଼ିଆର ଔଷଧୀୟ ଗୁଣ ମଧ୍ୟ ଅଦ୍ୱିତୀୟ। ନଡ଼ିଆ ସଂସ୍କୃତରେ 'କଳ୍ପବୃକ୍ଷ' ବା 'ସ୍ୱର୍ଗବୃକ୍ଷ' ଭାବେ ପରିଚିତ। ଏହି ଗଛ ଆମ ପାଇଁ ଖାଦ୍ୟ, ଇନ୍ଧନ, ଔଷଧ, ପ୍ରସାଧନ ଓ ନିର୍ମାଣ ସାମଗ୍ରୀ ସହିତ ଆବଶ୍ୟକ ସମ୍ବଳ ମଧ୍ୟ ଯୋଗାଇଥାଏ। ଓଡ଼ିଶାରେ ନଡ଼ିଆକୁ ଏକ ପବିତ୍ର ଫଳ ବା 'ଶ୍ରୀଫଳ' କୁହାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାଠାରୁ ଆରମ୍ଭ କରି ଯେକୌଣସି ଶୁଭ କାର୍ଯ୍ୟରେ ନଡ଼ିଆର ବ୍ୟବହାର ଅପରିହାର୍ଯ୍ୟ। ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବହୁ ପରିମାଣରେ ନଡ଼ିଆ ଚାଷ କରାଯାଇଥାଏ। ସମ୍ପ୍ରତି ବିଶ୍ୱର ୮୦ରୁ ଅଧିକ ଦେଶରେ ନଡ଼ିଆ ଚାଷ କରାଯାଉଥିବା ବେଳେ ଭାରତ ହେଉଛି ତୃତୀୟ ସର୍ବାଧିକ ନଡ଼ିଆ ଉତ୍ପାଦନକାରୀ ରାଷ୍ଟ୍ର। ଭାରତରେ ବିଶେଷ କରି କେରଳ, ତାମିଲନାଡୁ, କର୍ଣ୍ଣାଟକ, ଗୋଆ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ ଏହି ଦିବସ ଉତ୍ସାହର ସହ ପାଳନ କରାଯାଇଥାଏ। ଏହି ଦିବସ ପାଳନ ଅବସରରେ କୃଷି ବିଭାଗ ଏବଂ ନଡ଼ିଆ ବିକାଶ ବୋର୍ଡମିଳିତ ଭାବରେ ଚାଷୀମାନଙ୍କ ପାଇଁ ବିଭିନ୍ନ ସଚେତନତା ଶିବିର ଏବଂ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି।

## ରାକେଶଙ୍କ ସହ କାମ କରିବେ ବିକ୍ରାନ୍ତ



ରାକେଶ ଓମ୍‌ପ୍ରକାଶ ମେହେରା ଏକ୍ସେଲ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ 'କର୍ଣ୍ଣ' ଫିଲ୍ମର ନିର୍ମାଣରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମ ଉପରେ ବିଗତ ୫ ବର୍ଷ ହେବ କାମ ଚାଲିଛି ଏବଂ ପ୍ରଯୋଜକମାନେ ଶେଷରେ ୨୦୨୭ ରେ ଏହାର ସୁଟିଂ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ବଲିଉଡ୍ ସୁପରଷ୍ଟାର୍ ସଲମାନ୍ ଖାନ୍ ମହାଭାରତର ସବୁଠାରୁ ଜଟିଳ ଚରିତ୍ର ଉପରେ ଆଧାରିତ ଏହି ୱାର୍ ଡ୍ରାମାରେ ଲିଡ୍ ରୋଲରେ ନଜର ଆସିବେ। 'କର୍ଣ୍ଣ' ଫିଲ୍ମ ପାଇଁ କଳାକାର ଚୟନ ଏବଂ ପ୍ରି-ପ୍ରଡକ୍ସନ କାମ ଜାରି ରହିଛି। ରାକେଶ ଇତିମଧ୍ୟରେ ବିକ୍ରାନ୍ତ ମେସିଙ୍କ ସହ ଏକ ସର୍ଟ ଫିଲ୍ମ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏହି ଫିଲ୍ମଟି ୩୦ ଦିନ ମଧ୍ୟରେ ପ୍ରସ୍ତୁତ କରାଯିବ। ଏଥିରେ ଏକ ଛୋଟ ସହରର ପ୍ରେମ କାହାଣୀକୁ ଦେଖାଯିବ। ତେବେ ରାକେଶ 'କର୍ଣ୍ଣ' ପୂର୍ବରୁ ଏହି ଫିଲ୍ମର ନିର୍ମାଣ ଶେଷ କରିବାକୁ ଚାହୁଁଛନ୍ତି। 'ମୁସାଫିର କେଫେ' ସଫଳ ହେବା ପରେ ରାକେଶ ଏହି ସର୍ଟ ଫିଲ୍ମର ଅଫର୍ ବିକ୍ରାନ୍ତଙ୍କୁ ଦେଇଥିବା ଚର୍ଚ୍ଚା ହେଉଛି। ବିକ୍ରାନ୍ତଙ୍କ ଅଭିନୀତ ଏହି ରୋମାଣ୍ଟିକ୍ ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ରାକେଶ ଆଶାବାଦୀ ଅଛନ୍ତି।



## ଚକଲେଟ୍ ଭୋଗ

ସାଧାରଣତଃ ଦେବଦେବୀଙ୍କୁ ଫଳମୂଳ, ଲଡ୍ଡୁ, ପେଡ଼ା ଆଦି ପ୍ରସାଦ ଭାବେ ଚଢ଼ାଯାଏ। ହେଲେ ଆମ ଦେଶରେ ଏମିତି ଏକ ମନ୍ଦିର ଅଛି ଯେଉଁଠାରେ ଭଗବାନଙ୍କୁ କୌଣସି ପାରମ୍ପରିକ ମିଠା ନୁହେଁ, ବରଂ 'ମଞ୍ଚ୍' ଚକଲେଟ୍ ଭୋଗ ଲଗାଯାଏ। କେରଳର ଆଲାପୁଜା ଜିଲ୍ଲା ଅନ୍ତର୍ଗତ ଥାଲାଭାଡି ଗାଁରେ ଥିବା 'ଚେମ୍ପୋଥ୍ ଶ୍ରୀ ସୁବ୍ରମଣ୍ୟ ସ୍ୱାମୀ ମନ୍ଦିର' ଏହି ଅନନ୍ୟ ପରମ୍ପରା ପାଇଁ ସାରା ଦେଶରେ ପ୍ରସିଦ୍ଧି ଅର୍ଜନ କରିଛି। ଏଠାରେ ଆରାଧ୍ୟ ଦେବତା ଭଗବାନ କାର୍ତ୍ତିକେୟଙ୍କୁ ବାଲ୍ୟ ରୂପରେ ପୂଜା କରାଯାଏ, ଯାହାଙ୍କୁ ସ୍ଥାନୀୟ ଲୋକେ ଆଦରରେ 'ମଞ୍ଚ୍ ମୁରୁଗାନ୍' ବୋଲି ସମ୍ବୋଧନ କରନ୍ତି। ଏହି ଚକଲେଟ୍ ଚଢ଼ାଇବା ପଛରେ ଏକ ରୋଚକ କାହାଣୀ ରହିଛି। କୁହାଯାଏ ଯେ, ପ୍ରାୟ କିଛି ବର୍ଷ ତଳେ ଜଣେ ଛୋଟ ପିଲା ବହୁତ ଅସୁସ୍ଥ ହୋଇପଡ଼ିଥିଲା ଏବଂ ସେ ସବୁବେଳେ ଭଗବାନ ମୁରୁଗାନଙ୍କୁ ମନେ ପକାଉଥିଲା। ଯେତେବେଳେ ତାର ପିତାମାତା ତାକୁ ମନ୍ଦିରକୁ ଆଣିଲେ, ସେ ଫୁଲ ବା ମିଠା ବଦଳରେ ଭଗବାନଙ୍କୁ ନିଜର ପ୍ରିୟ 'ମଞ୍ଚ ଚକଲେଟ୍' ଖୁଆଇବାକୁ ଜିଦ୍ କରିଥିଲା। ପିଲାଟିର ସେହି ଚକଲେଟ୍ ଲାଗି ହେବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିଲା। ଏହି ଖବର ପ୍ରସାରିତ ହେବା ପରେ ଅନ୍ୟ ପିଲା ଏବଂ ଭକ୍ତମାନେ ମଧ୍ୟ ନିଜର ମାନସିକ ପୂରଣ ପାଇଁ ଭଗବାନଙ୍କୁ ଚକଲେଟ୍ ଚଢ଼ାଇବା ଆରମ୍ଭ କଲେ। ଆଜି ଏହି ମନ୍ଦିରର ସ୍ୱରୂପ ସମ୍ପୂର୍ଣ୍ଣ ବଦଳି ଯାଇଛି। ବର୍ତ୍ତମାନ ଭକ୍ତମାନେ ଏଠାକୁ ଆସିବା ସମୟରେ ଫୁଲମାଳ ବଦଳରେ ମଞ୍ଚ ଚକଲେଟ୍‌ର ବଡ଼ ବଡ଼ ହାର ନେଇ ଆସନ୍ତି। ଭଗବାନଙ୍କ ବିଗ୍ରହକୁ ଚକଲେଟ୍ ହାରରେ ସଜାଯାଏ। କେବଳ ଗୋଟିଏ କିମ୍ବା ଦୁଇଟି ନୁହେଁ, ଭକ୍ତମାନେ ବାକ୍ସ ବାକ୍ସ ଚକଲେଟ୍ ନେଇ ଭଗବାନଙ୍କ ଦରବାରରେ ପହଞ୍ଚନ୍ତି। ଏହି ମନ୍ଦିରରେ ଏକ ସ୍ୱତନ୍ତ୍ର ପୂଜା ହୁଏ, ଯାହାକୁ 'ତୁଲାଭାରମ୍' କୁହାଯାଏ। ଏଠାରେ ଭକ୍ତମାନେ ନିଜ ମାନସିକ ପୂରଣ ପାଇଁ ଦେବତାଙ୍କ ଆଗରେ ଥିବା ଏକ ବଡ଼ ନିକିତିର ଗୋଟିଏ ପଟେ ନିଜେ ବସନ୍ତି ଏବଂ ଅନ୍ୟପଟେ ନିଜ ଓଜନ ସମାନ ପରିମାଣର 'ମଞ୍ଚ୍ ଚକଲେଟ୍' ଓଜନ କରି ଭଗବାନଙ୍କୁ ଅର୍ପଣ କରନ୍ତି। ସେହିଭଳି ପରୀକ୍ଷା ସମୟ ଆସିଲେ ଏହି ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳେ। ବିଶେଷ କରି ସ୍କୁଲ ଓ କଲେଜ ପଢୁଆ ପିଲାମାନେ ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ 'ମଞ୍ଚ୍ ମୁରୁଗାନ୍'ଙ୍କ ଶରଣାପନ୍ନ ହୁଅନ୍ତି। ପିଲାମାନେ ପରୀକ୍ଷା ପୂର୍ବରୁ ଏଠାକୁ ଆସି ଚକଲେଟ୍ ଚଢ଼ାନ୍ତି ଏବଂ ପୂଜା ସରିବା ପରେ ପ୍ରସାଦ ସ୍ୱରୂପ ସେହି ଚକଲେଟ୍ ହିଁ ପାଇଥାନ୍ତି। ମନ୍ଦିର ପ୍ରଶାସନ ତରଫରୁ ବଳକା ଚକଲେଟ୍‌ଗୁଡ଼ିକୁ ସ୍ଥାନୀୟ ପିଲାମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ।

# ସମ୍ଭାବନା



## ନିଯୁକ୍ତି ସମୟରେ ପାରିଶ୍ରମିକ ଆଲୋଚନା



**ସାଧାରଣତଃ ସାକ୍ଷାତକାର ସମୟରେ ବେତନ ବା ପାରିଶ୍ରମିକ ଉପରେ ନିଯୁକ୍ତିଦାତା ବେଶି ଆଲୋଚନାକୁ ପ୍ରାଥମିକତା ଦେଇ ନ ଥାନ୍ତି। ତେବେ ନିଯୁକ୍ତି ସମୟରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଦିଗ। ତେଣୁ ନିଯୁକ୍ତି ସମୟରେ ନିଜର ପାରିଶ୍ରମିକ ସମ୍ପର୍କିତ ମତ ସ୍ପଷ୍ଟ ଭାବେ କହିବା ଉଚିତ।**

ମୁଖ୍ୟତଃ ପ୍ରଥମ ଚାକିରି ସାକ୍ଷାତକାରରେ ବେତନ ଉପରେ କଥା ହେବା ପାଇଁ ଅଧିକାଂଶ କମ୍ପାନି ପ୍ରସ୍ତୁତ ଥାନ୍ତି। ହେଲେ ଏଭଳି କ୍ଷେତ୍ରରେ ଅଧିକାଂଶ କର୍ମଚାରୀ ଏହାକୁ ନେଇ ଆଲୋଚନା କରିପାରନ୍ତି ନାହିଁ। ତେଣୁ ଏ ଲାଗି ପୂର୍ବରୁ ହିଁ କିଛି ପ୍ରସ୍ତୁତି କରି ରଖିବା ଦରକାର। ପୂର୍ବରୁ ଏକଥା ଜାଣନ୍ତୁ ଯେଉଁ ପଦ ପାଇଁ ଆବେଦନ କରିଛନ୍ତି, ତାହା ଲାଗି କେତେ ପାରିଶ୍ରମିକ ଦିଆଯାଉଛି।

ଏ ପ୍ରକାର ଆଲୋଚନାରେ ନିଯୁକ୍ତିଦାତା ତୁରନ୍ତ ସହମତି ପ୍ରକାଶ କରି ନ ଥାନ୍ତି। ତେଣୁ ସେମାନେ କିଛି ନ କହି ଚାକିରିରେ ଯୋଗ ଦେବାକୁ କହନ୍ତି। ତା'ସହ ସମ୍ପୃକ୍ତ ପଦ ପାଇଁ ଏକ ନିର୍ଦ୍ଦିଷ୍ଟ ବଜେଟ୍ ଥିବା କଥା କହି ଆଲୋଚନା ଶେଷ କରିବାକୁ ଚେଷ୍ଟା କରନ୍ତି।

ସାକ୍ଷାତକାର ସମୟରେ ଯଦି ଏଭଳି କିଛି କଥା କୁହାଯାଉଛି, ତେବେ ଏହାକୁ ଶୁଣି ପଛଘୁଞ୍ଚା ଦେବା ଅନୁଚିତ। ସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ଲାଗି ଉତ୍ସାହ ଦେଖାଇ ନିଜ ଭିତରେ ଆତ୍ମବିଶ୍ୱାସ ବଜାୟ ରଖିବା ଦରକାର।

ସେହିପରି ଯଦି ନିଯୁକ୍ତିଦାତା ପାରିଶ୍ରମିକକୁ ନେଇ କିଛି ପ୍ରଶ୍ନ କରନ୍ତି, ସଙ୍କୋଚ ନ କରି ଖୋଲାଖୋଲି ଏ ବିଷୟରେ ଆଲୋଚନା କରିବା ଉଚିତ। ଏହା ହିଁ ପାରିଶ୍ରମିକ ସମ୍ପର୍କରେ ଜଣାଇବାର ଅବସର ସୃଷ୍ଟି କରେ।

## କର୍ମକ୍ଷେତ୍ରରେ କିଭଳି ରହିବେ ଖୁସି

**କୌଣସି କାର୍ଯ୍ୟାଳୟରେ କାମ କରିବାକୁ ହେଲ ସୁଦକ୍ଷ କର୍ମଚାରୀ ଭାବେ ଅଫିସ୍ ପରିସ୍ଥିତି ସହିତ ଖାପଖୁଆଇ ଚଳିବାକୁ ହୁଏ। ଅଫିସ୍‌ରେ ବିଭିନ୍ନ ପରିସ୍ଥିତିରେ ଚିନ୍ତାରେ ନ ରହି ହସଖୁସିରେ କାମ କରିବା ଦ୍ୱାରା କାମ ସହଜ ଓ ଶୀଘ୍ର ହୋଇଥାଏ। କର୍ମକ୍ଷେତ୍ରରେ କିପରି ଖୁସି ରହିବେ ସେ ବିଷୟରେ ଜାଣନ୍ତୁ।**

- ନକାରାତ୍ମକ ଲୋକଙ୍କ ଯୋଗୁଁ ନକାରାତ୍ମକ ପ୍ରଭାବ ପଡ଼ିବା ସ୍ୱାଭାବିକ କଥା। ତେଣୁ ଏପରି ସ୍ଥିତିରେ ଏହି ଲୋକଙ୍କ ସହିତ ଅଧିକ ମିଳାମିଶା ନ କରି ସକାରାତ୍ମକ ଲୋକଙ୍କ ସହିତ ମିଶନ୍ତୁ।
- କର୍ମକ୍ଷେତ୍ରରେ ଯଦି କାହା କଥା ପସନ୍ଦ ଆସୁନି ସେହି ମାମଲାକୁ ସେଇଠି ଛାଡି ଦେବା ଭଲ। ସେହି କଥାକୁ ମନରେ ବାରମ୍ବାର ଭାବି ମାନସିକ ଚିନ୍ତାର ସମ୍ମୁଖୀନ ହୁଅନ୍ତୁନି।
- ଯଦି କାମରେ ମନ ଲାଗୁନି, ନିଜ ଡେସ୍କକୁ ସଜାଡ଼ନ୍ତୁ। ଏହାଦ୍ୱାରା ମାନସିକ ଶାନ୍ତି ମିଳେ।
- ଅଫିସ୍‌ରେ କାମ କରିବା ସମୟରେ ଗୀତ ଶୁଣିଲେ, ମନ ପ୍ରଫୁଲ୍ଲିତ ରୁହେ। ଲଗାତାର କମ୍ପ୍ୟୁଟରକୁ ଚାହିଁ କାମ କରିବା ଦ୍ୱାରା ଏହାର ପ୍ରଭାବ ଆଖି ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ତେଣୁ ମଝିରେ ମଝିରେ ୫ରୁ ୧୦ ମିନିଟ୍ ବ୍ରେକ୍ ନିଅନ୍ତୁ।
- ଯଦି ଅଧିକ କାମ ଚାପ ଯୋଗୁଁ ବିଚଳିତ ହେଉଛନ୍ତି, ତେବେ ନିଜ ପସନ୍ଦର ଖାଦ୍ୟ ଖାଆନ୍ତୁ।
- ଲଞ୍ଚ ବ୍ରେକ୍ ତଥା ଟି-ବ୍ରେକ୍‌ରେ ସହକର୍ମୀଙ୍କ ସହିତ ସମୟ ଅତିବାହିତ କରନ୍ତୁ।



## ବଢୁଛି ଫୁଡ୍ ଟେକ୍ନୋଲୋଜି କ୍ଷେତ୍ର



**ସମ୍ପ୍ରତି ଫାଷ୍ଟ ଫୁଡ୍, ଇନଷ୍ଟାଣ୍ଟ ଫୁଡ୍, ପ୍ରୋସେସ୍ ଫୁଡ୍ ଖାଦ୍ୟର ଚାହିଦା ଦିନକୁ ଦିନ ବଢୁଛି। ଏପରିକି କ୍ଷୀର, ମାଛ, ମାଂସ ଭଳି ଖାଦ୍ୟପଦାର୍ଥକୁ ପ୍ରୋସେସ୍ କରାଯାଇ ଏବେ ବିକ୍ରି କରାଯାଉଛି। ସେଥିପାଇଁ ଫୁଡ୍ ଟେକ୍ନୋଲୋଜି କ୍ଷେତ୍ର ମଧ୍ୟ ବୃଦ୍ଧି ପାଉଛି। ତେବେ ଏହି କ୍ଷେତ୍ର ଏବେ କୁଶଳୀ ଯୁବପିଢ଼ିଙ୍କ ପାଇଁ ସୁନ୍ଦର ଏକ କ୍ୟାରିୟର ବିକଳ୍ପ ଭାବେ ଉଭା ହୋଇଛି।**

ଯୁକ୍ତ ଦୁଇ ବିଜ୍ଞାନ (ଫିଜିକ୍ସ, କେମେଷ୍ଟ୍ରି, ଗଣିତ) ପାସ୍ କରିବା ଅନିବାର୍ଯ୍ୟ। ଏହାପରେ ବିଇ/ବିଟେକ୍ ଫୁଡ୍ ସାଇନ୍ସ, ଫୁଡ୍ ସାଇନ୍ସ ଏବଂ ଟେକ୍ନୋଲୋଜି, ଫୁଡ୍ ଟେକ୍ନୋଲୋଜି ଓ ମ୍ୟାନେଜମେଣ୍ଟ, ଫୁଡ୍ ଟେକ୍ନୋଲୋଜି, ଫୁଡ୍ ପ୍ରୋସେସ୍ ଇଞ୍ଜିନିୟରିଂ, ଫୁଡ୍ ଇଞ୍ଜିନିୟରିଂ, ଏଗ୍ରିକଲଚର୍ ଆଣ୍ଡ ଫୁଡ୍ ଇଞ୍ଜିନିୟରିଂ ଆଦି ଅନ୍ୟାନ୍ୟ କୋର୍ସକୁ କୌଣସି ମାନ୍ୟତାପ୍ରାପ୍ତ ସଂସ୍ଥାନରୁ କରିପାରିବେ। ସେହିପରି ଏନେଇ ପ୍ରବେଶିକା ପରୀକ୍ଷା ମଧ୍ୟ ରହିଛି। ଏହି କ୍ଷେତ୍ରରେ ନିଯୁକ୍ତିର ଯଥେଷ୍ଟ ଅବସର ରହିଛି। ଫୁଡ୍ ପ୍ରୋସେସିଂ ୟୁନିଟ୍, ରିଟେଲ କମ୍ପାନିରେ ଫୁଡ୍ ଟେକ୍ନୋଲୋଜିଷ୍ଟ, ନ୍ୟୁଟ୍ରିସନାଲ ଥେରାପିଷ୍ଟ, ପ୍ରୋସେସ୍ ଡେଭ୍‌ଲପ୍‌ମେଣ୍ଟ ସାଇଣ୍ଟିଷ୍ଟ, କ୍ୱାଲିଟି ମ୍ୟାନେଜର୍, ପ୍ରଡକ୍ସନ୍ ମ୍ୟାନେଜର ଆଦି ପଦରେ ନିଯୁକ୍ତି ମିଳିଥାଏ। ରୋଜଗାର: ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୨୦ରୁ ୨୫ ହଜାର ଟଙ୍କା ରୋଜଗାର କରିବା ସମ୍ଭବ।

## ବିଦେଶରେ ଡାକ୍ତରୀ ପଢ଼ା



**ଭାରତରେ ବହୁ ଉନ୍ନତମାନର ମେଡିକାଲ କଲେଜ ରହିଛି। ତଥାପି ବହୁ ସଂଖ୍ୟକ ଭାରତୀୟ ଛାତ୍ରଛାତ୍ରୀ ବିଦେଶରେ ମେଡିକାଲ ପଢୁଛନ୍ତି। ସବୁଠୁ ଅଧିକ ଛାତ୍ରଛାତ୍ରୀ ୟୁକ୍ରେନ୍, ରୁଷ ଓ ଚୀନ୍‌ରେ ପଢୁଛନ୍ତି। ହଜାର ଭାରତୀୟ ମେଡିକାଲ ଛାତ୍ରଛାତ୍ରୀ ଏଠାରେ ପଢ଼ିବାକୁ ବେଶି ଗୁରୁତ୍ୱ ଦେଇଥାନ୍ତି। ତେବେ ପ୍ରଶ୍ନ ଉଠୁଛି ଭାରତୀୟ କାହିଁକି ବିଦେଶ ଯାଇ ମେଡିକାଲ ପଢୁଛନ୍ତି।**

- ମେଡିକାଲ ପଢ଼ା ଲାଗି ବିଦେଶରେ ଅପେକ୍ଷାକୃତ କମ୍ ଫି' ଲାଗିଥାଏ। ଏଥିପାଇଁ ବର୍ଷକୁ ମାତ୍ର ୨ରୁ-୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ।
- ଏହା ବାଦ୍ ଅନ୍ୟ ଏକ କାରଣ ହେଉଛି ସେଠାରେ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଭାରତ ଭଳି କଷ୍ଟକର ପ୍ରତିଯୋଗିତା ନ ଥାଏ।
- ଅଧିକାଂଶ ଯୁବପିଢ଼ିଙ୍କ ସ୍ୱପ୍ନ ବିଦେଶରେ ରହି ଭଲ ରୋଜଗାର କରିବା। ସେଠାରେ ମିଳୁଥିବା ଡିଗ୍ରୀର ମାନ୍ୟତା ଭାରତ ସମେତ ବ୍ରିଟେନ୍ ଓ ୟୁରୋପରେ ଗ୍ରହଣୀୟ। ଏହା ସହ ଭାରତୀୟ ଛାତ୍ର ଛାତ୍ରୀଙ୍କୁ ୟୁରୋପର ନାଗରିକତା ସହଜରେ ମିଳିଥାଏ।
- ଅନ୍ୟପଟେ ସେଠାରେ ଉଚ୍ଚମାନର ପ୍ରାକ୍ଟିକାଲ ସୁବିଧା ରହିଛି। ମେଡିକାଲ କଲେଜରେ ବିଶ୍ୱସ୍ତରୀୟ ଭିତ୍ତିଭୂମି। ତା'ସହ ବିଦେଶରେ ମେଡିକାଲ ସିଟ୍ ସଂଖ୍ୟା ଅଧିକ।

### ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ଫେରିଲେ ବୁମ୍ରା ଓ ସାମସନ୍; ହାର୍ଦ୍ଦିକ ଅନ୍‌ଫିଟ୍

ନୂଆଦିଲ୍ଲୀ,୨।୯ (ଏଜେନ୍ସି)



ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳର ନାମ ଘୋଷଣା କରାଯାଇଛି। ଏହି ଦଳକୁ ଅନ୍‌ଫିଟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶୀର୍ଷ ଖେଳାଳି ଫେରିଛନ୍ତି। ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରା, ୱିକେଟକିପର ତଥା ଓପନର ସଞ୍ଜୁ ସାମସନଙ୍କ ସମେତ ଅନ୍ୟ ସମସ୍ତ ବରିଷ୍ଠ ତଥା ଅଭିଜ୍ଞ ଖେଳାଳି ଏହି ଦଳରେ ସାମିଲ କରାଯାଇଛି। ଶ୍ରେୟସ ଆୟର ପୂର୍ବପରି ଦଳର ଅଧିନାୟକ ରହିଛନ୍ତି ଓ ତିଳକ ବର୍ମା ଉପଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ସେହିପରି ଜିମ୍ବାୱେ ଟୁର୍‌ରେ ଦଳରେ ସ୍ଥାନ ପାଇଥିବା ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଏହି ଟିମ୍‌ରେ ସ୍ଥାନ ବଜାୟ ରଖିଛନ୍ତି। ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ନୂଆଦିଲ୍ଲୀର ଫିରୋଜ ଶାହ କୋଟଲାରେ ବା ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୧୩, ୧୫ ଓ ୧୭ରେ ଖେଳାଯିବ। ନୂଆଦିଲ୍ଲୀରେ ଏହା ଖେଳାଯାଉଥିଲେ ମଧ୍ୟ ଆଫଗାନିସ୍ତାନ ଏହି ସିରିଜ୍‌ର ଆୟୋଜକ ରହିଛି। ଘରୋଇ ମାଟିରେ ଭାରତ ଭ୍ରମଣକାରୀ ଦଳ ଭାବେ ଖେଳିବ।

ନିକଟରେ ଭାରତୀୟ ଦଳ ଆୟର୍ଲାଣ୍ଡ, ଇଂଲଣ୍ଡ ଓ ଜିମ୍ବାୱେ ଗସ୍ତରେ ଯାଇଥିଲେ ମଧ୍ୟ ଯଶପ୍ରୀତ୍ ବୁମ୍ରା ଏହି ଦଳରେ ସାମିଲ ନ ଥିଲେ। ତେବେ ଆଫଗାନିସ୍ତାନ ବିପକ୍ଷ ସିରିଜ୍ ଲାଗି ତାଙ୍କୁ ଦଳକୁ ଫେରାଇ ଅଣାଯାଇଛି। ସେହିପରି ଜିମ୍ବାୱେ ଗସ୍ତରୁ ବାଦ୍ ପଡ଼ିଥିବା ସଞ୍ଜୁ ସାମସନ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଦଳକୁ ଫେରିଛନ୍ତି। କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇନାହିଁ। ବେଙ୍ଗାଲୁରୁରେ ଫିଟ୍‌ନେସ ପ୍ରଶିକ୍ଷଣ ନେଉଥିବା ହାର୍ଦ୍ଦିକ ଏକପ୍ରକାର ଫିଟ୍ ହୋଇଯାଇଥିଲେ। କିନ୍ତୁ ବୋଲିଂ ପ୍ରାକ୍ଟିସ୍‌ବେଳେ ସେ ପୁଣିଥରେ ତାଙ୍କ ପାଦରେ ଆଘାତ ଲାଗିଥିଲା। ଫଳରେ ବୋଲିଂ କରିବା ନେଇ କଷ୍ଟ ହେବାରୁ ପୁଣିଥରେ ତାଙ୍କୁ ଚିକିତ୍ସା ଲାଗି ରଖାଯାଇଛି। ଶେଷଥର ଲାଗି ସେ ସେ ମେ ୨୪ ତାରିଖରେ ପ୍ରତିଯୋଗିତାମୂଳକ କ୍ରିକେଟ ଆଇପିଏଲ୍‌ରେ ଖେଳିଥିଲେ। ଏହା ପରେ ଫିଟ୍‌ନେସ ଫେରିପାଇବା ଲାଗି ସଂଘର୍ଷ ଜାରି ରଖିଛନ୍ତି। ମାର୍ଚ୍ଚ ୮ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଫାଇନାଲ ହେଉଛି ଭାରତୀୟ ଜର୍ସିରେ ତାଙ୍କର ଶେଷ ପଦାର୍ପଣ। ସେ ଖୁବ୍ ଶୀଘ୍ର ଫିଟ୍ ହୋଇଯିବେ ବୋଲି ଆଶା କରାଯାଉଛି।

ଏହି ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରେ ସଞ୍ଜୁ ସାମସନ ଓ ଇଶାନ କିଶାନ ଦୁଇଜଣ ୱିକେଟକିପର/ବ୍ୟାଟର ରହିଛନ୍ତି। ଏମାନଙ୍କ ବ୍ୟତୀତ ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର, ତିଳକ ବର୍ମା ଓ ଶିବମ ଦୁବେଙ୍କ ଉପରେ ଦଳର ବ୍ୟାଟିଂ ନିର୍ଭର କରୁଛି। ପେସ୍ ବୋଲିଂ ଅଲରାଉଣ୍ଡର ଭାବେ ଦୁବେଙ୍କ ସହ ନୀତୀଶ ଏବଂ ସ୍ପିନ୍ ବୋଲିଂ ଅଲରାଉଣ୍ଡର ଭାବେ ଅକ୍ଷର, ୱାଶିଂଟନ ରହିଛନ୍ତି। ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇ ଦୁଇଜଣ ସ୍ପେଶିଲିଷ୍ଟ ସ୍ପିନରଙ୍କୁ ଦଳରେ ସ୍ଥାନ ଦିଆଯାଇଛି। ବୁମ୍ରା, ଅର୍ଶଦୀପ, ହର୍ଷିତ ପେସ୍ ବୋଲିଂ ଗ୍ରୁପ୍‌ରେ ଅଛନ୍ତି। କିନ୍ତୁ ବୁମ୍ରା, ରେଡ୍ଡୀ, ସୁନ୍ଦର ଓ ରାଣାଙ୍କ ଫିଟ୍‌ନେସ ଟେଷ୍ଟ ପରେ ଖେଳିବାକୁ ଅନୁମତି ମିଳିବ। ଏହି ଦଳ ଘୋଷଣା ପରେ ଦଳରେ ଅଧିକ ଅଭିଜ୍ଞ ଖେଳାଳିଙ୍କୁ ସ୍ଥାନ ମିଳିଛି। ଜିମ୍ବାୱେ ସିରିଜ୍‌ରେ ଅନେକ ଯୁବ ଖେଳାଳିଙ୍କୁ ସ୍ଥାନ ମିଳିଥିଲା। ସେମାନଙ୍କ ମଧ୍ୟରୁ ସୂର୍ଯ୍ୟାଂଶ ଶେଦ୍‌ଗେ, ରିଙ୍କୁ ସିଂ, ହର୍ଷ ଦୁବେ, ପ୍ରିନ୍ସ ଯାଦବ, ଯଶ ଠାକୁର, ଅଶୋକ ଶର୍ମା, ମୟଙ୍କ ଯାଦବ ଓ ପ୍ରଭସିମରନ ସିଂହ ବାଦ୍ ପଡ଼ିଛନ୍ତି।

**ଭାରତୀୟ ଦଳ**

ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା (ଉପଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା।

**ଆଫଗାନିସ୍ତାନ ଦଳ**

ଇବ୍ରାହିମ୍ ଜଦ୍ରାନ (ଅଧିନାୟକ), ରହମନୁଲ୍ଲା ଗୁରବାଜ ଓ ନୁର ରହମାନ (ଉଭୟ ୱିକେଟରକ୍ଷକ), ସେଦିକୁଲା ଅଟଳ, ଡାରୱିସ୍ ରସୁଲି, ଆଜମତୁଲ୍ଲା ଓମରଜାଇ, ଗୁଲବଦିନ ନାଏବ୍, ମହମ୍ମଦ୍ ନବି, ରଶିଦ୍ ଖାନ୍, ନାଙ୍ଗ୍ୟାଲ ଖାରୋଟି, ନୁର ଅହମ୍ମଦ, ମୁଜୀବ-ଉର-ରହମନ, ଫଜଲ ହକ୍ ଫାରୁକି, ଅବ୍‌ଦୁଲ୍ଲା ଅହମ୍ମଦ୍‌ଜାଇ ଓ ନବୀନ ଉଲ ହକ୍।

**ସିରିଜ୍ କାର୍ଯ୍ୟସୂଚୀ**

| | | |
|---|---|---|
| ସେପ୍ଟେମ୍ବର ୧୩ | ପ୍ରଥମ ଟି-୨୦ | ନୂଆଦିଲ୍ଲୀ |
| ସେପ୍ଟେମ୍ବର ୧୫ | ଦ୍ୱିତୀୟ ଟି-୨୦ | ନୂଆଦିଲ୍ଲୀ |
| ସେପ୍ଟେମ୍ବର ୧୭ | ତୃତୀୟ ଟି-୨୦ | ନୂଆଦିଲ୍ଲୀ |

ଖେଳ ଆରମ୍ଭ : ରାତି ୭ଟା
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ : ଫ୍ୟାନ୍ କୋଡ୍ ଓ ଜିଓ ହଟ୍‌ଷ୍ଟାର

### ୟୁଏସ୍ ଓପନ୍

## ବିଦାୟୀ ଗ୍ରାଣ୍ଡସ୍ଲାମରେ ୱାରିଙ୍କା ନିରାଶ



ନ୍ୟୁୟର୍କ, ୨।୯ (ଏଜେନ୍ସି): ତିନିଥରର ଗ୍ରାଣ୍ଡସ୍ଲାମ ବିଜେତା ସୁଇଜରଲାଣ୍ଡର ଷ୍ଟାନ ୱାରିଙ୍କା ଏଠାରେ ଚାଲିଥିବା ୟୁଏସ୍ ଓପନ୍ ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ୱାରିଙ୍କା ୬-୭ (୪/୭), ୬-୭ (୩/୭), ୦-୬ ସେଟରେ ଇଟାଲୀର ମାଟେଓ ବେରେଟିନିଙ୍କଠାରୁ ହାରିଯାଇଥିଲେ। ୪୧ ବର୍ଷୀୟ ୱାରିଙ୍କା ଚଳିତ ସିଜନ ପରେ ପ୍ରଫେଶନାଲ ଟେନିସରୁ ଅବସର ନେବେ ବୋଲି ପୂର୍ବରୁ ଘୋଷଣା କରିଛନ୍ତି। ତେଣୁ ୱାରିଙ୍କା'ଙ୍କ କ୍ୟାରିୟରର ଏହା ଅନ୍ତିମ ଗ୍ରାଣ୍ଡସ୍ଲାମ ଥିଲା। ତେବେ ଅନ୍ତିମ ଗ୍ରାଣ୍ଡସ୍ଲାମରେ ୱାରିଙ୍କା ପ୍ରଭାବୀ ପ୍ରଦର୍ଶନ କରି ନ ପାରି ପ୍ରଥମ ରାଉଣ୍ଡରୁ ହାରି ଅଭିଯାନ ଶେଷ କରିଥିଲେ। ଫଳରେ ହାରିଯିବା ପରେ ଗ୍ରାଣ୍ଡଷ୍ଟାଣ୍ଡ କୋର୍ଟରେ ଉପସ୍ଥିତ ୮ ହଜାର ଦର୍ଶକ ଠିଆ ହୋଇ କରତାଳି ମାଧ୍ୟମରେ ୱାରିଙ୍କା'ଙ୍କୁ ବିଦାୟ ଜଣାଇଥିଲେ। ୨୦୧୬ ୟୁଏସ୍ ଓପନ୍‌ରେ ୱାରିଙ୍କା ଏଠାରେ ଚାମ୍ପିଅନ ହୋଇଥିଲେ। ସେହିଭଳି ଏହି ସୁଇସ୍ ତାରକା ତାଙ୍କ କ୍ୟାରିୟରରେ ଥରେ ଲେଖାଏ ଅଷ୍ଟ୍ରେଲିଆନ୍ ଓପନ୍ (୨୦୧୪) ଓ ଫ୍ରେଞ୍ଚ ଓପନ୍ (୨୦୧୫) ଟାଇଟଲ୍ ମଧ୍ୟ ହାସଲ କରିଛନ୍ତି। ଅପରପକ୍ଷରେ ଚଳିତ ୟୁଏସ୍ ଓପନରେ ମଙ୍ଗଳବାର ଅନୁଷ୍ଠିତ ପୁରୁଷ ବିଭାଗ ପ୍ରଥମ ରାଉଣ୍ଡ ମ୍ୟାଚଗୁଡ଼ିକରେ ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲ୍‌କାରାଜ, ତୃତୀୟ ସିଡ୍ କାନାଡାର ଫେଲିକ୍ସ ଆଗୁଏର, ଅଷ୍ଟମ ସିଡ୍ ବେନ୍ ସେଲଟନ୍, ୧୧ତମ ସିଡ୍ ଆମେରିକାର ଫ୍ରାନସିସ୍ ଟିଆଫୋଇ ପ୍ରମୁଖ ବିଜୟୀ ହୋଇଛନ୍ତି। ସେହିଭଳି ମହିଳା ସିଙ୍ଗଲ୍ସରେ ୮ମ ସିଡ୍ ଇଗା ସ୍ୱିଆଟେକ, ୧୩ତମ ସିଡ୍ ନାଓମି ଓସାକା, ଷଷ୍ଠ ସିଡ୍ ଲିଣ୍ଡା ନୋସ୍କୋଭା ବିଜୟରୁ ୟୁଏସ୍ ଓପନ୍ ଅଭିଯାନ ଆରମ୍ଭ କରିଛନ୍ତି।

## ଏସିଆ କପ୍:ବାଂଲାର ବୃହତ୍ ବିଜୟ

ଦୁବାଇ,୨।୯ (ଏଜେନ୍ସି): ନାହିଦା ଅକତର (୩/୧୫) ଓ ମାରୁଫା ଅକତର (୨/୬)ଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ସୋମବାର ଅନୁଷ୍ଠିତ ମହିଳା ଏସିଆ କପ୍ କ୍ରିକେଟର ଏକ ଲିଗ୍ ମ୍ୟାଚ୍‌ରେ ବାଂଲାଦେଶ ୭୧ ରନ୍‌ରେ ଇଣ୍ଡୋନେସିଆକୁ ହରାଇ ବୃହତ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୮ ୱିକେଟରେ ୧୨୯ ରନ୍ କରିଥିଲା। ଦଳ ପକ୍ଷରୁ ଶୋଭନା ସର୍ବାଧିକ ୪୦ ଓ ଶୋର୍ଣ୍ଣା ଅପରାଜିତ ୩୧ ରନ୍ କରିଥିଲେ। ଜବାବରେ ଇଣ୍ଡୋନେସିଆ ୫୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଆସନ୍ତାକାଲି ପାକିସ୍ତାନ ଓ ଥାଇଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଗତକାଲି ଥାଇଲାଣ୍ଡକୁ ୯୪ ରନ୍‌ରେ ହରାଇଥିବା ଭାରତ ତାହାର ଦ୍ୱିତୀୟ ଲିଗ୍ ମ୍ୟାଚ୍ ହଂକଂ ସହ ସେପ୍ଟେମ୍ବର ୩ରେ ଖେଳିବ। ସେପ୍ଟେମ୍ବର ୫ରେ ଭାରତ-ପାକିସ୍ତାନ ମଧ୍ୟରେ ହାଇଭୋଲ୍ଟେଜ୍ ମ୍ୟାଚ୍ ଖେଳାଯିବ। ସେପ୍ଟେମ୍ବର ୧୦ ଓ ୧୧ରେ ସେମିଫାଇନାଲ ଏବଂ ୧୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ସେମିରେ ଭାରତ ସହ ବାଂଲାଦେଶ କିମ୍ବା ଶ୍ରୀଲଙ୍କାର ମୁକାବିଲା ହେବ।

## ସିରିଜ୍ ଅଧାରୁ ମୁଖ୍ୟକୋଚଙ୍କୁ ବିଦାକଲା ପିସିବି

ଲଣ୍ଡନ, ୨।୯ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଯାଇଥିବା ପାକିସ୍ତାନ କ୍ରିକେଟ୍ ଦଳ ଟେଷ୍ଟ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ହାରିଯାଇଛି। ଫଳରେ ଅନ୍ତିମ ତଥା ତୃତୀୟ ଟେଷ୍ଟ ମ୍ୟାଚ ବାକିଥାଇ ପାକିସ୍ତାନ ଆଗୁଆ ସିରିଜ ପରାଜୟବରଣ କରିଛି। ଖେଳାଳି ଓ କୋଚ୍‌ଙ୍କ ଏହି ପ୍ରଦର୍ଶନରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) କ୍ଷୁବ୍ଧ ହୋଇଛି। ସିରିଜ ମଝିରେ ପାକିସ୍ତାନ ଦୁଇ ଜଣ ପ୍ରଶିକ୍ଷକଙ୍କୁ ବହିଷ୍କାର କରିବା ସହ ସାତ ଜଣ ଖେଳାଳିଙ୍କୁ ସ୍ୱଦେଶ ଫେରାଇ ଆଣିଛି। ମୁଖ୍ୟ କୋଚ୍ ସର୍ଫରାଜ ଅହମ୍ମଦ ଓ ବୋଲିଂ କୋଚ୍ ଉମର ଗୁଲ୍ ସେମାନଙ୍କ ପଦ ହରାଇଛନ୍ତି। ତିନି ବରିଷ୍ଠ ଖେଳାଳି ତଥା ଟି-୨୦ ଦଳର ଅଧିନାୟକ ସଲମାନ ଆଘା, ମହମ୍ମଦ ରିଜୱାନ, ଇମାମ-ଉଲ-ହକଙ୍କ ସମେତ ଖୁରମ ଶାହଜାଦ, ଅବୈସ ଜାଫର, ଆମିର ଜମାଲ ଏବଂ ଅଲି ଉସମାନଙ୍କୁ ପିସିବି ଘରକୁ ପଠାଇ ଦେଇଛି। ଫଳରେ ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ତୃତୀୟ ଟେଷ୍ଟ ଲାଗି ସାମିଲ ହୋଇଥିବା ୭ ଜଣ ଖେଳାଳିଙ୍କ ମଧ୍ୟରେ ଅଧିକାଂଶ ଯୁବ ଓ ନୂଆ ମୁହଁ ରହିଛନ୍ତି। ସେହିଭଳି ପାକିସ୍ତାନ ସୀମିତ ଓଭର ଦଳର ମୁଖ୍ୟ ପ୍ରଶିକ୍ଷକ ରହିଥିବା ମାଇକ ହେସନ ତୃତୀୟ ଟେଷ୍ଟ ପାଇଁ କୋଚ୍ ଦାୟିତ୍ୱ ତୁଲାଇବେ। ଅପରପକ୍ଷରେ ପିସିବି ୭ ଜଣ ଖେଳାଳିଙ୍କୁ ହଠାତ୍ ଘରକୁ ପଠାଇବା ନିଷ୍ପତ୍ତିରେ ଅସନ୍ତୋଷ ବ୍ୟକ୍ତ କରି ମିସବା-ଉଲ-ହକ୍ ପାକିସ୍ତାନ ଚୟନକର୍ତ୍ତା ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ପାକିସ୍ତାନ କ୍ରିକେଟରେ ବଡ଼ ବିପର୍ଯ୍ୟୟ ଆରମ୍ଭ ହୋଇଥିବା କୁହାଯାଉଛି।

## ସଂଖ୍ୟାରେ ମେସିଙ୍କ ରେକର୍ଡ



ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ବିଶ୍ୱ ଫୁଟବଲ୍‌ର ସୁପରଷ୍ଟାର ଲିଓନେଲ ମେସି ୨୧ ବର୍ଷର କ୍ୟାରିୟରର ଅନ୍ତ ଘଟାଇ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଛନ୍ତି। ୩୯ ବର୍ଷୀୟ ମେସି ତାଙ୍କର ଶେଷ ମ୍ୟାଚ୍ ଗତ ଜୁଲାଇ ୧୯ରେ ଫିଫା ବିଶ୍ୱକପ ଫାଇନାଲରେ ସ୍ପେନ ବିପକ୍ଷରେ ଖେଳିଥିଲେ। ଏହି ମ୍ୟାଚରେ ଆର୍ଜେଣ୍ଟିନା ହାରିଯିବା ଫଳରେ ମେସିଙ୍କ କ୍ରମାଗତ ବିଶ୍ୱ ଟାଇଟଲ୍ ଜିତିବା ସ୍ୱପ୍ନ ଅଧୁରା ରହିଯାଇଥିଲା। ମେସି ତାଙ୍କ କ୍ୟାରିୟରର ଏକମାତ୍ର ବିଶ୍ୱକପ୍ ୨୦୨୨ରେ ଜିତିଥିଲେ। ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଥିଲେ ମଧ୍ୟ ମେସି କ୍ଲବସ୍ତରୀୟ ପ୍ରତିଯୋଗିତାରେ ସକ୍ରିୟ ରହିବେ। ଏବେ ସେ ଇଣ୍ଟର ମିଆମି କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ମେସିଙ୍କ ଅନ୍ତର୍ଜାତୀୟ କ୍ୟାରିୟରର କିଛି ପ୍ରମୁଖ ରେକର୍ଡ ଉପରେ ନଜର ପକାଇବା।

୨୦୭: ମେସି କ୍ୟାରିୟରରେ ୨୦୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ବିଶ୍ୱରେ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ କ୍ରିଷ୍ଟିଆନୋ ରୋନାଲ୍ଡୋ (୨୩୩)ଙ୍କ ପଛକୁ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କିନ୍ତୁ ଆର୍ଜେଣ୍ଟିନା ପାଇଁ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ ମେସିଙ୍କ ନାମରେ ରହିଛି। ୧୪୭ ମ୍ୟାଚ୍ ଖେଳି ଜାଭିଅର ମାସ୍କାରେନୋ ମେସିଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରିହଛନ୍ତି।

୧୨୫: ଆର୍ଜେଣ୍ଟିନା ପାଇଁ ମେସି ମଧ୍ୟ ସର୍ବାଧିକ ୧୨୫ଟି ଗୋଲ୍ ଦେଇଛନ୍ତି। ଏହି ତାଲିକାରେ ୫୪ଟି ଗୋଲ୍ ଦେଇ ଗାବ୍ରିଏଲ ବତିସ୍ତୁତା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କିନ୍ତୁ ଅନ୍ତର୍ଜାତୀୟ ଫୁଟବଲରେ ସର୍ବାଧିକ ଗୋଲ୍‌ସ୍କୋର କରିବାରେ ରୋନାଲ୍ଡୋ (୧୪୬)ଙ୍କ ପଛକୁ ମେସି ଦ୍ୱିତୀୟରେ ରହିଛନ୍ତି।

୬: ମେସି ମଧ୍ୟ ତାଙ୍କ କ୍ୟାରିୟରରେ ୬ଟି ଫିଫା ବିଶ୍ୱକପ (୨୦୦୬, ୨୦୧୦, ୨୦୧୪, ୨୦୧୮, ୨୦୨୨ ଓ ୨୦୨୬) ଖେଳିଛନ୍ତି। ସର୍ବାଧିକ ବିଶ୍ୱକପ ଖେଳିବାରେ ସେ ରୋନାଲ୍ଡୋଙ୍କ ସହ ଯୁଗ୍ମ ଭାବରେ ଶୀର୍ଷରେ ରହିଛନ୍ତି।

୨୧: ଫିଫା ବିଶ୍ୱକପ୍ ଇତିହାସରେ ସର୍ବାଧିକ ଗୋଲ୍‌ସ୍କୋର କରିବାରେ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଛଅଟି ବିଶ୍ୱକପ୍ ଖେଳିଥିବା ମେସି ମୋଟ୍ ୨୧ ଗୋଲ୍ ଦେଇ କିଲିଆନ୍ ଏମବାପ୍ପେ (୨୨)ଙ୍କ ପଛକୁ ରହିଛନ୍ତି।

୭: ଫିଫା ବିଶ୍ୱକପରେ ପେନାଲ୍ଟିରେ ସର୍ବାଧିକ ୭ଟି ଗୋଲ୍ ଦେଇ ମେସି ଏକ ବିଶ୍ୱରେକର୍ଡ ନିଜ ନାମରେ କରିଛନ୍ତି। ସେହିଭଳି ସର୍ବାଧିକ ୩ଟି ପେନାଲ୍ଟି ମିସ୍ କରି ମଧ୍ୟ ଅଲୋଡ଼ା ରେକର୍ଡର ଅଧିକାରୀ ମଧ୍ୟ ରହିଛନ୍ତି।

## ଦୁଲୀପ ଟ୍ରଫି ଫାଇନାଲରେ ପୂର୍ବାଞ୍ଚଳ



ବେଙ୍ଗାଲୁରୁ,୨।୯ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ କେନ୍ଦ୍ରାଞ୍ଚଳକୁ ୪ ୱିକେଟରେ ହରାଇ ପୂର୍ବାଞ୍ଚଳ ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଚେନ୍ନଇରେ ସେପ୍ଟେମ୍ବର ୬ରୁ ଆରମ୍ଭ ହେବାକୁ ଥିବା ଫାଇନାଲରେ ପୂର୍ବାଞ୍ଚଳ ସହ ଉତ୍ତରାଞ୍ଚଳ କିମ୍ବା ଦକ୍ଷିଣାଞ୍ଚଳର ମୁକାବିଲା ହେବ। ଆଜି ଶେଷ ହୋଇଥିବା ପ୍ରଥମ ସେମିଫାଇନାଲରେ ପୂର୍ବାଞ୍ଚଳର ମିଡିୟମ୍ ଫାଷ୍ଟ ବୋଲର ମୁକେଶ କୁମାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେ ପ୍ରଥମ ଇନିଂସରେ ୩ଟି ଓ ଦ୍ୱିତୀୟ ଇନିଂସରେ ୪ଟି ୱିକେଟ ନେଇ ପ୍ରତିପକ୍ଷ କେନ୍ଦ୍ରାଞ୍ଚଳର ବିପର୍ଯ୍ୟୟ ଘଟାଇଥିଲେ।

ପ୍ରଥମ ସେମିଫାଇନାଲରେ ପୂର୍ବାଞ୍ଚଳ ଓ କେନ୍ଦ୍ରାଞ୍ଚଳର ପ୍ରଥମ ଇନିଂସ ସ୍କୋର ସମାନ ହେବା ଫଳରେ ଦ୍ୱିତୀୟ ଇନିଂସର ଗୁରୁତ୍ୱ ବୃଦ୍ଧି ପାଇଥିଲା। ପୂର୍ବାଞ୍ଚଳର ଦୁଇ ଅଭିଜ୍ଞ ବୋଲର ମୁକେଶ କୁମାର ୪ଟି ଓ ମହମ୍ମଦ୍ ସାମି ୩ଟି ୱିକେଟ ନେବା ଫଳରେ କେନ୍ଦ୍ରାଞ୍ଚଳର ଦ୍ୱିତୀୟ ଇନିଂସ ୧୫୮ ରନ୍‌ରେ ସୀମିତ ରହିଥିଲା। ୧୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପୂର୍ବାଞ୍ଚଳର ଦୁଇ ଓପନର ପ୍ରଥମ ୱିକେଟରୁ ଉଠାଇଥିଲେ ୬୧ରନ୍। ପୁଣିଥରେ ସୂର୍ଯ୍ୟବଂଶୀ ଦମ୍‌ର ସହ ଖେଳି ୪୦ ରନ୍ କରି ଆଉଟ ହେବାର ୪ ରନ୍ ପରେ ଅଭିମନ୍ୟୁ ଈଶ୍ୱରନ ୨୪ ରନ୍‌ରେ ପାଭିଲିଅନ ଫେରିଥିଲେ। ଦଳ ଏକଦା ୩ ୱିକେଟରେ ୧୨୪ ରନ୍ କରି ବିଜୟ ଆଡକୁ ଅଗ୍ରସର ହୋଇଥିଲା। ଏହି ସମୟରେ ହର୍ଷ ଦୁବେ ଲାଗ୍ ଲାଗ୍ ୨ଟି ୱିକେଟ ନେବା ଫଳରେ ପୂର୍ବାଞ୍ଚଳ ଦଳରେ ଆତଙ୍କ ଖେଳିଥିଲା। କିନ୍ତୁ ଅଧିନାୟକ ଇଶାନ କିଶାନ ଦାୟିତ୍ୱପୂର୍ଣ୍ଣ ତଥା ଅପରାଜିତ ୩୯ ରନ୍ କରିଥିଲାବେଳେ ମହମ୍ମଦ୍ ସାମି ଚୌକା ମାରି ଦଳକୁ ଜିତାଇଥିଲେ। ହର୍ଷ ଦୁବେ ପୁଣିଥରେ ୪ଟି ୱିକେଟ ପାଇଥିଲେ।

**ଦକ୍ଷିଣାଞ୍ଚଳର ସ୍ଥିତି ସୁଦୃଢ଼**

ଏଠାରେ ଚାଲିଥିବା ଦକ୍ଷିଣାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମି ଫାଇନାଲରେ ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସରେ ଉନ୍ନତ ବ୍ୟାଟିଂ କରିଛି। ଦଳର ଯୁବ ଓପନର ସନତ ସଙ୍ଗୱାଲ ୭୬ ଓ ଆୟୁଷ ଦୋସେଜା ୫୨ ରନ୍ କରିବା ଫଳରେ ତୃତୀୟ ଦିନ ଖେଳ ଶେଷ ବେଳକୁ ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସେ ୭ ୱିକେଟ ହରାଇ ୨୫୬ ରନ୍ କରିଥିଲା। ପ୍ରଥମ ଇନିଂସରେ ଦଳ ୧୯୫ ରନ୍ କରିଥିଲାବେଳେ ତିଳକ ବର୍ମାଙ୍କ ଅପରାଜିତ ୧୧୬ ଓ ଶ୍ରେୟସ ଗୋପାଳଙ୍କ ୮ ରନ୍ ସହାୟତାରେ ଦକ୍ଷିଣାଞ୍ଚଳ ୩୧୨ ରନ୍ କରି ପ୍ରଥମଇନିଂସ ଅଗ୍ରଣୀ ନେଇଛି।

## ତ୍ରିରାଷ୍ଟ୍ରୀୟ ସିରିଜ୍ : ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ବିଜୟ

ୱିଣ୍ଡୋହକ୍,୨।୯ (ଏଜେନ୍ସି): ଓପନର ଲୁହାନ-ଡ୍ରେ ପ୍ରିଟୋରିୟସଙ୍କ ବିସ୍ଫୋରକ ୯୪ ରନ୍, ଡୁଆନ ଜାନସେନ ଓ ଜର୍ଣ୍ଣ ଫର୍ଟୁଇନ୍‌ଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ମଙ୍ଗଳବାର ଖେଳାଯାଇଥିବା ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪୩ ରନ୍‌ରେ ଜିମ୍ବାୱେକୁ ପରାସ୍ତ କରିଛି। ଏହା ଫଳରେ ତୃତୀୟ ମୁକାବିଲାରୁ ଦଳ ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୧୮୫ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରିଟୋରିୟସ ୫୧ବଲ୍ ଖେଳି ୧୨ ଚୌକା ଓ ୩ ଛକା ସହ ସର୍ବାଧିକ ୯୪ ଓ ଜବରଦସ୍ତ ଫର୍ମରେ ଥିବା ଡିୱାଲ୍ଡ ବ୍ରେଭିସ ୪୧ ରନ୍ କରିଥିଲେ। ଜବାବରେ ସିକନ୍ଦର ରାଜାଙ୍କ ୪୫ ଓ ନଂ-୧୦ ନ୍ୟୁମ୍ୟାନ୍ ନ୍ୟାମହୁରୀଙ୍କ ଦ୍ରୁତ ୨୭ ରନ୍ ସହାୟତାରେ ଜିମ୍ବାୱେ ୧୭.୪ ଓଭରରେ ୧୪୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ଫର୍ଟୁଇନ୍ ଓ ଜାନ୍‌ସେନ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଗତକାଲି ଖେଳାଯାଇଥିବା ମୁକାବିଲାରେ ଜିମ୍ବାୱେ ୫ ରନ୍‌ରେ ଆୟୋଜକ ନାମିବ୍ୟାକୁ ପରାସ୍ତ କରିଥିଲା।

## ବାରବାଟୀ-ଓଜିପି ଫାଇନାଲ ଲଢ଼େଇ

ଭୁବନେଶ୍ୱର, ୨।୯ (ସମିସ): କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ଚାଲିଥିବା ଫାଓ ଦ୍ୱିତୀୟ ଡିଭିଜନ ଲିଗ୍‌ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଟାଇଟଲ୍ ପାଇଁ ଗୁରୁବାର ବାରବାଟୀ ୟୁନାଇଟେଡ କ୍ଲବ ଓ ଓଡ଼ିଶା ଗଭରମେଣ୍ଟ ପ୍ରେସ୍ (ଓଜିପି) କ୍ଲବ ମଧ୍ୟରେ ମୁକାବିଲା ହେବ। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବାରବାଟୀ ୟୁନାଇଟେଡ୍ କ୍ଲବ ୨-୦ ଗୋଲ୍‌ରେ ନୀତା ଫୁଟବଲ ଏକାଡେମୀକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ସୁମନ୍ତ କୁମାର ମାରାଣ୍ଡି ୩୦ତମ ମିନିଟରେ ପ୍ରଥମ ଗୋଲ୍ ଦେଇଥିଲେ। ସେହିଭଳି ପ୍ରଥମାର୍ଦ୍ଧର ଅନ୍ତିମ ମିନିଟରେ ରାଜ ପରଜା (୪୫ତମ) ଦ୍ୱିତୀୟ ଗୋଲ୍‌ସ୍କୋର କରିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଓଜିପି କ୍ଲବ ୩-୦ ଗୋଲରେ ଲାଲବାଗ୍ କ୍ଲବକୁ ହରାଇ ଫାଇନାଲକୁ ଉଠିଛି। ଓଜିପି କ୍ଲବ ପାଇଁ ରଇସ ଅହମ୍ମଦ ଖାନ ଦୁଇଟି ଓ ସନି ସ ଗୋଟିଏ ଗୋଲ୍ ଦେଇଥିଲେ।

**ଫାଓ ଦ୍ୱିତୀୟ ଡିଭିଜନ ଲିଗ୍**

### ୩ରୁ ରାଜ୍ୟସ୍ତରୀୟ ଯୁବ ବାସ୍କେଟବଲ୍

## ୫୦ ଦଳରୁ ଭାଗନେବେ ୭୦୦ ଖେଳାଳି



ଭୁବନେଶ୍ୱର, ୨।୯ (ସମିସ): ୪୧ତମ ଓଡ଼ିଶା ରାଜ୍ୟସ୍ତରୀୟ ଯୁବ ବାସ୍କେଟବଲ୍ ପ୍ରତିଯୋଗିତା ସେପ୍ଟେମ୍ବର ୩ରୁ ଭୁବନେଶ୍ୱର ଗୋଠପାଟଣାସ୍ଥିତ "ଚାମ୍ପ କ୍ଲବ୍' ଗୁରୁକୁଳ ପରିସରରେ ଆରମ୍ଭ ହେବ। ଓଡ଼ିଶା ବାସ୍କେଟବଲ୍ ସଂଘ ଏବଂ "ଚାମ୍ପ୍ସ କ୍ଲବ୍' ଗୁରୁକୁଳର ମିଳିତ ସହଯୋଗରେ ଆୟୋଜିତ ଏହି ପାଞ୍ଚଦିନିଆ ପ୍ରତିଯୋଗିତାରେ ପ୍ରାୟ ୭୦୦ ଯୁବ ବାସ୍କେଟବଲ୍ ଖେଳାଳି ଅଂଶଗ୍ରହଣ କରିବେ। ଯେଉଁଥିରେ ୩୭ଟି ବାଳକ ଦଳରୁ ପ୍ରାୟ ୪୮୦ଜଣ ଓ ୧୩ଟି ବାଳିକା ଦଳରୁ ୨୨୦ ଜଣ ଖେଳାଳି ରହିଛନ୍ତି। ପ୍ରତିଯୋଗିତାକୁ ସୁଚାରୁ ଭାବେ ପରିଚାଳନା ପାଇଁ ପ୍ରାୟ ୪୦ ଜଣ ମ୍ୟାଚ୍ ଅଧିକାରୀ ନିୟୋଜିତ ରହିବେ। ଏଥିରେ ବାଳକ ଓ ବାଳିକା ବିଭାଗର ଚାମ୍ପିଅନ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୬ ହଜାର ଟଙ୍କା ପୁରସ୍କାର ଦିଆଯିବ।

ଏହି ପ୍ରତିଯୋଗିତାରୁ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ୧୨ ଜଣ ଲେଖାଏ ବାଳକ ଓ ବାଳିକାଙ୍କୁ ମିଶାଇ ମୋଟ ୨୪ ଜଣ ଖେଳାଳି ଚୟନ କରାଯିବ। ଏହି ଖେଳାଳିମାନେ ଅକ୍ଟୋବରରେ ପୁଣେଠାରେ ହେବାକୁ ଥିବା ୪୧ତମ ଜାତୀୟ ଯୁବ ବାସ୍କେଟବଲ୍ ପ୍ରତିଯୋଗିତାରେ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରିବେ ବୋଲି ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବାସ୍କେଟବଲ୍ ସଂଘର ସଭାପତି ଜ୍ଞାନରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି। ରାଜ୍ୟ ସଂଘ ସମ୍ପାଦକ ଅଶୋକ କୁମାର ସାହୁ, "ଚାମ୍ପ୍ସ କ୍ଲବ୍'ର ପ୍ରତିଷ୍ଠାତା ଡ. ଶାରଦା ପ୍ରସାଦ ମିଶ୍ର, ଅଧକ୍ଷା ରଞ୍ଜିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାର ଏଲିନା ଭାରତର ସର୍ବକନିଷ୍ଠ ମହିଳା ବ୍ଲିଜ୍ ରେଟେଡ୍ ଖେଳାଳି



ଭୁବନେଶ୍ୱର,୨।୯ (ସମିସ): ଓଡ଼ିଶା ତଥା ଭୁବନେଶ୍ୱର ସାଇ ଆଙ୍ଗନ ସ୍କୁଲର କେଜି-୧ରେ ପଢୁଥିବା ଛାତ୍ରୀ ଏଲିନା ମିଶ୍ର ଭାରତର ସର୍ବକନିଷ୍ଠ ମହିଳା ବ୍ଲିଜ୍ ରେଟେଡ ଖେଳାଳି ହୋଇଛନ୍ତି। ନିକଟରେ ଓଡ଼ିଶା ରାଜ୍ୟ ରାପିଡ ଓ ବ୍ଲିଜ୍ ଚେସ୍ ଟୁର୍ଣ୍ଣାମେଣ୍ଟ ପରେ ଏହି ରେଟିଂ ପାଇଛନ୍ତି। ଫଳରେ ୪ବର୍ଷ, ୬ ମାସ ୧୬ ଦିନରେ ସେ ଭାରତର ସର୍ବକନିଷ୍ଠ ମହିଳା ବ୍ଲିଜ୍ ରେଟେଡ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏହା ପୂର୍ବରୁ ଦିଲ୍ଲୀର ଆରିନି ଲାହୋଟି ୫ବର୍ଷ ୧୦ ମାସ ବୟସରେ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ଏଲିନା ହେଉଛନ୍ତି ଓଡ଼ିଶାର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଚନ୍ଦ୍ରିମା ଘୋଷଙ୍କ ସୁକନ୍ୟା। ଏଲିନାଙ୍କ ଏହି ସଫଳତା ଲାଗି କିଙ୍ଗ ଚେସ ସେଣ୍ଟର ପକ୍ଷରୁ ବିଶ୍ୱଜିତ ରାୟ, ଅଲ୍ ଓଡ଼ିଶା ଚେସ ସଂଘ ପକ୍ଷରୁ ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ପକ୍ଷରୁ ଶୁଭାଶିଷ ପଟ୍ଟନାୟକ ଓ କେନ୍ଦ୍ରପଡ଼ା ଜିଲ୍ଲା ଚେସ ସଂଘ ପକ୍ଷରୁ ଭବେଶ ମହାନ୍ତି କୁନି ଚେସ ତାରକା ଏଲିନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପାରା ସିଟିଂ ଭଲିବଲ୍‌ରେ ଭାଗନେଲେ ୧୭ ଟିମ୍

ଭୁବନେଶ୍ୱର, ୨।୯ (ସମିସ)

ଉତ୍କଳ କରାଟେ ସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ପାରା ସିଟିଂ ଭଲିବଲ୍ ୧୭ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଦିବ୍ୟାଙ୍ଗ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ଜିଲ୍ଲାର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ



ସଫଳତାର ସହ ଅନୁଷ୍ଠିତ ହୋଇଛି। ପାରା ଭଲିବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ଯୋଗଦେଇଥିଲେ। ସେହିଭଳି ଉତ୍କଳ କରାଟେ ସ୍କୁଲର ସମ୍ପାଦକ କମ୍ ମୁଖ୍ୟ କୋଚ୍ ହରିପ୍ରସାଦ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ଓ ଗୌରବମୟ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କ୍ରୀଡ଼ାବିତମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS